


# ଅଣୁ ଯୋଜନା

## ସହାୟକ ପୁସ୍ତିକା

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-ଦ୍ୱିତୀୟ ପର୍ଯ୍ୟାୟ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର



# ଅଣୁ ଯୋଜନା

## ସହାୟକ ପୁସ୍ତିକା

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-ଦ୍ୱିତୀୟ ପର୍ଯ୍ୟାୟ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

**ଅଣୁ ଯୋଜନା**
**ସହାୟକ ପୁସ୍ତିକା**

ପ୍ରକାଶକ :
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
ଏସ୍.ଏଫ୍.ଟି.ଆର୍.ଆଇ. କେନ୍ଦ୍ର,
ଘାଟିକିଆ, ଭୁବନେଶ୍ୱର-୭୫୧୦୦୯
ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର


ପୁନଃ ମୁଦ୍ରଣ : ଅଗଷ୍ଟ ୨୦୧୮ / ମେ ୨୦୧୯

© ଏହି ପୁସ୍ତକର ସତ୍ତ୍ୱାଧିକାର
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ନିକଟରେ ସଂରକ୍ଷିତ

ୱେବ୍‌ସାଇଟ୍:
www.ofsds.in

webmail@ofsdp.org
0674-2386084, 2386016

ଅଳଂକରଣ ଓ ମୁଦ୍ରଣ:
କେତକୀ ଏଣ୍ଟରପ୍ରାଇଜେସ୍ ପ୍ରା.ଲିଃ.
ୟୁନିଟ୍- ଥାର୍ଡ଼ ଆଇ କମ୍ୟୁନିକେସନ୍
ଭୁବନେଶ୍ୱର



**ଏଲ୍. କେ. ତିୱାରୀ,** ଆଇ.ଏଫ୍.ଏସ୍.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଏବଂ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି

# ମୁଖବନ୍ଧ

"ବନାୟନ" ବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ, ଜାପାନ ସରକାରଙ୍କ "ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା (ଜାଇକା)"ର ଆର୍ଥିକ ସହାୟତାରେ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପ ରାଜ୍ୟର ୧୨ଟି ଆଞ୍ଚଳିକ ବନଖଣ୍ଡ ଓ ୨ଟି ବନ୍ୟପ୍ରାଣୀ ବନଖଣ୍ଡରେ ଦଶଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି। ଏହା ୨୦୧୭-୧୮ ଆର୍ଥିକ ବର୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ।

ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଲା ଜଙ୍ଗଲର ପାରିପାର୍ଶ୍ୱିକ ଉନ୍ନତିକରଣ ସହିତ ନିରନ୍ତର ଜଙ୍ଗଲ ପରିଚାଳନା, ନିରନ୍ତର ଜୈବ ମଣ୍ଡଳର ସୁରକ୍ଷା ଏବଂ ଗୋଷ୍ଠୀମାନଙ୍କ ପ୍ରଗତି ଦ୍ୱାରା ପରିବେଶର ସୁରକ୍ଷା ଏବଂ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଆର୍ଥିକ ଓ ସାମାଜିକ ବିକାଶ ସାଧନ କରିବା ପାଇଁ ପ୍ରକଳ୍ପରେ ବନ୍ଦୋବସ୍ତକୁ ସୁନିଶ୍ଚିତ କରିବା।

ଗ୍ରାମ୍ୟ ସ୍ତରୀୟ ଅନୁଷ୍ଠାନ ଯେପରିକି ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ ସମିତି ଆଦି ସକ୍ରିୟ ଓ ସହଭାଗୀ ପ୍ରକ୍ରିୟାରେ ପ୍ରକଳ୍ପରେ କାର୍ଯ୍ୟକ୍ରମକୁ ସଂପୃକ୍ତ ଅଞ୍ଚଳରେ ଆଗେଇନେବେ, ଏହି ଅଣୁ ଯୋଜନା ସେଥିପାଇଁ ଏକ ଦୀର୍ଘମିଆଦୀ ମାର୍ଗଦର୍ଶିକା ଭାବେ କାର୍ଯ୍ୟ କରିବ। ଅଣୁ ଯୋଜନା ହେଉଛି ଗୋଟିଏ ପୂର୍ଣ୍ଣାଙ୍ଗ ନଥିପତ୍ର ବା ଦସ୍ତାବିଜ, ଯାହା ଗୋଟିଏ ଗ୍ରାମର କିମ୍ବା ଗ୍ରାମରେ ବସବାସ କରୁଥିବା ଗୋଷ୍ଠୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ଦିଷ୍ଟ। ଏହାର ବିଭିନ୍ନ କାର୍ଯ୍ୟକ୍ରମକୁ ରୂପାୟନ କରିବା ପାଇଁ ଆବଶ୍ୟକୀୟ ଅର୍ଥ ସାହାଯ୍ୟ ବିଭିନ୍ନ ଉତ୍ସରୁ ମିଳିବାର ବନ୍ଦୋବସ୍ତ କରାଯାଇଛି ଓ ସେଥିରୁ କିଛି ଅଂଶ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରୁ ପ୍ରାପ୍ତ ହେବା ପାଇଁ ସୁବନ୍ଦୋବସ୍ତ କରାଯାଇଛି।

ଏହି ଅଣୁ ଯୋଜନା ପ୍ରସ୍ତୁତି ପୁସ୍ତିକାଟି, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ ଏବଂ ଆମ ଜଙ୍ଗଲ ଯୋଜନା ପାଇଁ ପ୍ରସ୍ତୁତ କରାଯାଇଥିବା ଅଣୁ ଯୋଜନା ପ୍ରସ୍ତୁତି ପୁସ୍ତିକା ଭଳି, ଏଥିରେ ପ୍ରକଳ୍ପ ପରିଚାଳନା କେନ୍ଦ୍ର ତରଫରୁ ଆବଶ୍ୟକୀୟ ପରିବର୍ତ୍ତନ ଏବଂ ସଂଶୋଧନ କରାଯାଇ ବର୍ତ୍ତମାନ ପ୍ରସ୍ତୁତି କରାଯାଇଛି। ଏହି ପୁସ୍ତିକା ପ୍ରକଳ୍ପର କର୍ମଚାରୀମାନଙ୍କୁ ଅଣୁ ଯୋଜନାରେ ଉଦ୍ଦେଶ୍ୟ ବୁଝିବା ଓ ପ୍ରସ୍ତୁତ କରିବା ପ୍ରଣାଳୀକୁ ପାଇଁ ଦିଗଦର୍ଶନ ଦେବା ସହ ବନ ସୁରକ୍ଷା ସମିତି ପାଇଁ ଏକ ଦଶ ବର୍ଷୀୟ ସର୍ବାଙ୍ଗୀନ ବିକାଶର ଭବିଷ୍ୟତ ଯୋଜନା ଏବଂ ଦଶ ବର୍ଷୀୟ ଜଙ୍ଗଲ ବିକାଶ ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବ। ଏହି ସହାୟକ ପୁସ୍ତିକା, ସଂଶ୍ଳିଷ୍ଟ ହିତାଧିକାରୀମାନଙ୍କ ପାଇଁ ଯଥା ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ ସମିତି, ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା, କ୍ଷେତ୍ରୀୟ ପରିଚାଳନା ସଂସ୍ଥା ଏବଂ ଖଣ୍ଡୀୟ ପରିଚାଳନା ସଂସ୍ଥାମାନଙ୍କୁ ଆନ୍ତଃ ସଂଯୋଗୀକରଣ କରି ଗ୍ରାମର ସର୍ବାଙ୍ଗୀନ ଭବିଷ୍ୟତ ଯୋଜନା ଓ ବାର୍ଷିକ ଯୋଜନା ପ୍ରସ୍ତୁତ କରିବା, ଗ୍ରାମବାସୀମାନଙ୍କର ବିସ୍ତୃତ ଆବଶ୍ୟକତା ପୂରଣ କରିବା ସହିତ ସେମାନଙ୍କର ବିକାଶରେ ସହାୟକ ହେବ।

ଅଣୁ ଯୋଜନା ପ୍ରସ୍ତୁତି ପୁସ୍ତିକାଟି ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗରେ ଅଣୁ ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ସାଧନ, ପ୍ରକ୍ରିୟା, ଅଣୁ ଯୋଜନାର ଉଦ୍ଦେଶ୍ୟ, ରୂପରେଖ ଆଦି ବର୍ଣ୍ଣନା କରାଯାଇଛି। ଦ୍ୱିତୀୟ ଭାଗରେ ବିଭିନ୍ନ ପରିଶିଷ୍ଟ, ଫର୍ମ, ସାରଣୀ ଆଦି ପ୍ରଦାନ କରାଯାଇଛି, ଯାହା ବନ ସୁରକ୍ଷା ସମିତି ଦ୍ୱାରା ପ୍ରସ୍ତୁତି ସମୟରେ ବ୍ୟବହୃତ ହେବ।

ଏହି ସହାୟକ ପ୍ରସ୍ତୁତି ପୁସ୍ତିକାଟି ପ୍ରକଳ୍ପ ପରିଚାଳନା କେନ୍ଦ୍ରର ନିଜସ୍ୱ ଉଦ୍ୟମରେ ପ୍ରସ୍ତୁତ। ମାର୍ଗଦର୍ଶିକା ପ୍ରସ୍ତୁତ କରିବାରେ ଅଦ୍ୟମ ପରିଶ୍ରମ ପାଇଁ ମୁଁ ଡ଼ଃ ମିତା ବିଶ୍ୱାଳ, ଆଇ.ଏଫ୍.ଏସ୍. ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ଓ ଡ଼ଃ ପ୍ରଦୀପ ରାଜ କରାତ, ଆଇ.ଏଫ୍.ଏସ୍. ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅଶେଷ ଧନ୍ୟବାଦ ଦେଉଛି। ଏହି ପୁସ୍ତିକା ପ୍ରସ୍ତୁତିରେ ଗବେଷଣା ଓ ସହାୟତା ପ୍ରଦାନ କରିଥିବାରୁ ସମ୍ପାଦନକାରୀ ଟିମ୍ ସମୂହର ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ଉପପ୍ରକଳ୍ପ ନିର୍ଦ୍ଦେଶକ (ମୂଲ୍ୟାୟନ ଓ ଅଧ୍ୟୟନ), ଶ୍ରୀ ସୁଦର୍ଶନ ବେହେରା, ଉପପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ ଓ ଅର୍ଥ), ଡ଼ଃ ମମତା ମିଶ୍ର, ରାଜ୍ୟ ପ୍ରକଳ୍ପ ପରିଚାଳକ (ଜୀବିକା, ସଂଯୋଗୀକରଣ ଓ ପ୍ରାକୃତିକ ସମ୍ବଳ ପରିଚାଳନା), ଶ୍ରୀ ସୁବ୍ରତ କୁମାର କର, ରାଜ୍ୟ ପ୍ରକଳ୍ପ ପରିଚାଳକ (ଦକ୍ଷତା ଓ ଆନୁଷ୍ଠାନିକ ବିକାଶ), ଶ୍ରୀ ବିଶ୍ୱଜିତ ସାହୁ, ରାଜ୍ୟ ପ୍ରକଳ୍ପ ପରିଚାଳକ (ଜ୍ଞାନ ପରିଚାଳନା, ପ୍ରଚାର ଓ ପ୍ରକାଶନ) ଆଦିଙ୍କୁ ସେମାନଙ୍କର ନିରନ୍ତର ବୈଷୟିକ ଓ ସାମୂହିକ ଅବଦାନ ପାଇଁ ଆନ୍ତରିକ ଧନ୍ୟବାଦ ଦେଉଛି।

ଏହା ଆଶା କରାଯାଏ ଯେ, ଏହି ଅଣୁ ଯୋଜନା ମାର୍ଗଦର୍ଶିକା ପୁସ୍ତିକାଟି ଏକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, ଯାହା ସୁଗମକାରୀ ସହାୟକ ଏବଂ ବନ ସୁରକ୍ଷା ସମିତିର ସଭ୍ୟ ସଭ୍ୟାମାନଙ୍କୁ, ଜଙ୍ଗଲ ସଂରକ୍ଷଣ, ଜୈବ ବିବିଧତା ସୁରକ୍ଷା, ଜଙ୍ଗଲର ବର୍ହିଭାଗରେ ବନୀକରଣ ଏବଂ ନିରନ୍ତର ଜଙ୍ଗଲ ପରିଚାଳନା ମାଧ୍ୟମରେ ଗ୍ରାମର ଗୋଟିଏ ସର୍ବାଙ୍ଗୀନ ପ୍ରଗତି ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବ ଏବଂ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ନିରନ୍ତର ଉଦ୍ଦେଶ୍ୟ ସାଧନ କରିବାରେ ସଫଳ ହେବ।

**ଏଲ୍. କେ. ତିୱାରୀ**, ଆଇ.ଏଫ୍.ଏସ୍.



**ଡଃ ମିତା ବିଶ୍ୱାଳ**, ଆଇ.ଏଫ୍.ଏସ୍.
ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଅତିରିକ୍ତ ପ୍ରକଳ୍ପ ନର୍ଦ୍ଦେଶକ
ଓଡିଶା ବନାଞ୍ଚଳ ଉନ୍ନୟନ ସମିତି

# ପୂର୍ବାଭାସ

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ରାଜ୍ୟର ୧୪ ଟି ଜିଲ୍ଲାରେ ୨୦୦୬ ରୁ ୨୦୧୫ ମସିହା ପର୍ଯ୍ୟନ୍ତ ସଫଳତାର ସହ କାର୍ଯ୍ୟକାରୀ ହେବା ପରେ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ 'ବନାୟନ' ବିଧିବଦ୍ଧ ଭାବେ ୨୦୧୭ ମସିହାରୁ ୧୦ ଟି ଜିଲ୍ଲାରେ ଆରମ୍ଭ ହୋଇଛି। ଜାପାନ ଆନ୍ତର୍ଜାତୀୟ ସହଯୋଗ ସଂସ୍ଥା (ଜାଇକା) ର ଆର୍ଥିକ ସହାୟତାରେ ଏହି ବନାୟନ ପ୍ରକଳ୍ପ ରାଜ୍ୟର ୧୨ଟି ଆଞ୍ଚଳିକ ବନଖଣ୍ଡ ଓ ୨ଟି ବନ୍ୟପ୍ରାଣୀ ବନଖଣ୍ଡରେ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଛି। ଏଠାରେ ବିଶେଷ ଭାବେ ଉଲ୍ଲେଖ ଯୋଗ୍ୟ ଯେ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରୀ ହେବା ଦ୍ୱାରା ଉଜୁଡା ଜଙ୍ଗଲ ପୁନଃରୁଦ୍ଧାର ଓ ନୂତନ ଜଙ୍ଗଲ ସୃଷ୍ଟି ଆଦି ଶ୍ରେଣୀରେ ଓଡିଶାକୁ ବିଶେଷ ସଫଳତା ମିଳିଛି ଓ ନୂତନ ସବୁଜ ବଳୟ ସୃଷ୍ଟିରେ ଏହା ସମଗ୍ର ଦେଶରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି। 'ବନାୟନ' ପ୍ରକଳ୍ପର ପ୍ରାଥମିକ ଉଦ୍ଦେଶ୍ୟ ହେଲା- ଜଙ୍ଗଲର ପାରିପାର୍ଶ୍ୱିକ ଉନ୍ନତିକରଣ ସହ ନିରନ୍ତର ଜଙ୍ଗଲ ପରିଚାଳନା, ଜୈବ ମଣ୍ଡଳର ସୁରକ୍ଷା ତଥା ଗୋଷ୍ଠୀ ସହଭାଗିତାରେ ପରିବେଶର ସୁରକ୍ଷା ଓ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଅଧିକାରୀଙ୍କର ଆର୍ଥିକ ଓ ସାମାଜିକ ବିକାଶକୁ ନିଶ୍ଚିତ କରିବା।

'ଜଙ୍ଗଲ ଓ ପରିବେଶ ବିଭାଗର ଭବିଷ୍ୟ ଦୃଷ୍ଟିରୁ ୨୦୨୦' ଅନୁଯାୟୀ ଯୁଗ୍ମ ଜଙ୍ଗଲ ପରିଚାଳନା ଓ ନିରନ୍ତର ଜଙ୍ଗଲ ପରିଚାଳନା ପାଇଁ ଅଣୁ ଯୋଜନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଭବିଷ୍ୟ ଦୃଷ୍ଟି ମଧ ଜଙ୍ଗଲ ବାହାରେ ବ୍ୟକ୍ତିଗତ ଓ ସମୂହ ଜମିରେ ଜଙ୍ଗଲ ପରିବେଶ ବୃଦ୍ଧି କରିବା ପାଇଁ ବିଭିନ୍ନ ପଦ୍ଧତିକୁ ଉତ୍ସାହିତ କରେ।

ଅଣୁ ଯୋଜନା ସାଧାରଣତଃ ସ୍ଥାନୀୟ ଗ୍ରାମବାସୀ ବା ଗୋଷ୍ଠୀର ଆବଶ୍ୟକତା, ଚାହିଦା ଓ ପ୍ରଚଳିତ ସାମାଜିକ ଚଳଣି, ସମ୍ବଳ ଓ ଭିତ୍ତିଭୂମି ଆଦିକୁ ବିଚାରକୁ ନେଇ ତଥା ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଉଥିବା ଏକ ମାର୍ଗଦର୍ଶିକା ବା ନଥିପତ୍ର। ଏହା ଏକ ଜୀବନ୍ତ ନଥିପତ୍ର ସଦୃଶ, ଯାହା ଗୋଷ୍ଠୀର ସମୂହ ଆବଶ୍ୟକତାକୁ ବିଚାରକୁ ନେଇ ଶୀଘ୍ର ପ୍ରତିକ୍ରୀୟାଶୀଳ ଓ ପରିବର୍ତ୍ତନ ସାଧ ତଥା ସଂଶୋଧନ ଯୋଗ୍ୟ ହୋଇଥାଏ। ଏହା ଗ୍ରାମ ତଥା ଗ୍ରାମବାସୀଙ୍କର ସମସ୍ୟାକୁ ପ୍ରାଞ୍ଜଳଭାବେ ବୁଝିବାରେ ସହାଯ୍ୟ କରେ, ଓ ସ୍ଥାନୀୟ ଲୋକଙ୍କର ସମସ୍ୟାକୁ ଅଗ୍ରାଧୀକାର ଭିତ୍ତିରେ ଚିହ୍ନଟ କରିଥାଏ। ଅଣୁ ଯୋଜନା ମୋଟ ଉପରେ ଗ୍ରାମବାସୀଙ୍କୁ ଯୁଗ୍ମ ବନ ପରିଚାଳନା ଉପରେ ବିଶ୍ୱାସ ସ୍ଥାପନ କରିବାରେ ସାହାଯ୍ୟ କରେ ଏବଂ ଅନୁଷ୍ଠାନ ମଧରେ ସମ୍ପର୍କ ସ୍ଥାପନରେ ସାହାଯ୍ୟ କରେ। 'ବନାୟନ' ସହ ସମ୍ପୃକ୍ତ ସମସ୍ତ ଅଂଶୀଦାର ତଥା କର୍ମଚାରୀ ମାନଙ୍କୁ ଅଣୁ ଯୋଜନା ପ୍ରସ୍ତୁତିର ବିଭିନ୍ନ ବିଭବ ସହ ପରିଚିତ କରାଇବା ଓ ସେମାନଙ୍କର ଆବଶ୍ୟକତାକୁ ସୁଗମ ଭାବେ ଚିହ୍ନଟ କରି ଏକ ନଥିପତ୍ରରେ ଦର୍ଶାଇବାରେ ସହାଯ୍ୟ କରିବା ହେଉଛି, ଏହି ଅଣୁ ଯୋଜନା ପ୍ରସ୍ତୁତି ପୁସ୍ତିକା ଓ ସହାୟକ ପୁସ୍ତିକାକୁ ପ୍ରସ୍ତୁତି କରିବାର ମୁଖ୍ୟ ଉଦ୍ଦେଶ୍ୟ। ଏହି ସହାୟକ ପ୍ରସ୍ତୁତି ପୁସ୍ତିକା ଗୋଷ୍ଠୀମାନଙ୍କୁ ସେମାନଙ୍କର ବର୍ଦ୍ଧିତ ଓ ଭବିଷ୍ୟତ ଚାହିଦା ତଥା ଗ୍ରାମାଞ୍ଚଳରେ ଆବଶ୍ୟକତା ଆଦି ବିଷୟରେ ସଚେତନ କରାଇବା। ଏହି ପୁସ୍ତକ ବନ ସୁରକ୍ଷା ସମିତି ଓ ଅନ୍ୟ ସଂସ୍ଥାମାନଙ୍କୁ ଏକ ଦିଗ୍‌ଦର୍ଶନ ଦେବା ସହ ଦଶ ବର୍ଷୀୟ ସର୍ବାଙ୍ଗୀନ ବିକାଶର ଭବିଷ୍ୟ ଯୋଜନା ଓ ଜଙ୍ଗଲ ବିକାଶ ଯୋଜନା ପ୍ରସ୍ତୁତି କରିବାରେ ସହାୟକ ହେବ।

ଅଣୁ ଯୋଜନାରେ ପ୍ରକଳ୍ପ ସଂଯୋଗୀକରଣର ବିସ୍ତୃତ ପ୍ରଚାର ତଥା ବ୍ୟାଖ୍ୟା କରଣର ଆବଶ୍ୟକତା ସମ୍ପର୍କରେ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର, ଆଇ.ଏ.ଏସ୍., ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର ବିଶେଷ ଦୃଷ୍ଟି ଦେଇଛନ୍ତି।

ଗ୍ରାମାଞ୍ଚଳରେ ଗୋଷ୍ଠୀ ଉନ୍ନୟନ, କେନ୍ଦ୍ରୀୟ ବିଭିନ୍ନ ଯୋଜନା ଓ ଏଥିପାଇଁ ଅର୍ଥର ଅଭାବ ନାହିଁ। ମାତ୍ର, ପ୍ରକଳ୍ପ ସଂଯୋଗୀକରଣ ଫଳରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସବୁ ସହଳ ଓ ସହଜରେ ରୂପାୟନ ହୋଇପାରିବ। ଏଣୁ, ଅଣୁ ଯୋଜନାରେ ସଂଯୋଗୀକରଣ ପାଇଁ ତୃଣମୂଳ ସ୍ତରରେ ଯୋଜନା କରିବା ଏକ ପ୍ରକୃଷ୍ଟ ପ୍ରକ୍ରିୟା।

ଅଣୁ ଯୋଜନା ପ୍ରସ୍ତୁତି ଓ ସହାୟକ ପୁସ୍ତିକାଟିକୁ ତିଆରି କରିବାରେ ଶ୍ରୀଯୁକ୍ତ ଲଳିତ କୁମାର ତିୱାରୀ, ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ତଥା- ପ୍ରକଳ୍ପ ନିର୍ଦ୍ଦେଶକ, ଓଡିଶା ବନାଞ୍ଚଳ ଉନ୍ନୟନ ସମିତିଙ୍କର ଦିଗ୍‌ଦର୍ଶନ, ମତାମତ ଓ ଅକୁଣ୍ଠ ସହଯୋଗ, ଏହାକୁ ଋଦ୍ଧିମନ୍ତ କରିବାରେ ସହାୟକ ହୋଇଛି।

ଏହି ଅଣୁ ଯୋଜନା ପ୍ରସ୍ତୁତି ପୁସ୍ତିକାଟି, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ପ୍ରଥମ ପର୍ଯ୍ୟାୟ ଓ ଆମ ଜଙ୍ଗଲ ଯୋଜନା ପାଇଁ ପ୍ରସ୍ତୁତ 'ଅଣୁ ଯୋଜନା' ପୁସ୍ତକରୁ ସଂଗୃହୀତ ଏବଂ ସଂଶୋଧିତ ହେବାପରେ ବନାୟନର ପ୍ରକଳ୍ପ ଉଦ୍ଦେଶ୍ୟ ସହ ନୂତନ ଆବଶ୍ୟକତାକୁ ବିଚାରକୁ ନେଇ ପ୍ରସ୍ତୁତ ହୋଇଛି। ଏହି ପୁସ୍ତିକାକୁ ପ୍ରସ୍ତୁତ କରିବାରେ ସହାୟତା କରିଥିବା ସମସ୍ତ ବ୍ୟକ୍ତି ବିଶେଷ ତଥା ମୋର ସହଯୋଗୀଙ୍କୁ ମୁଁ କୃତଜ୍ଞତା ଜଣାଉଛି।

ମୋର ସମ୍ପୂର୍ଣ୍ଣ ଆଶା, ଏହି ଅଣୁ ଯୋଜନା ପ୍ରସ୍ତୁତି ଓ ସହାୟକ ପୁସ୍ତିକା, ପ୍ରକଳ୍ପର ସମସ୍ତ ଅଂଶୀଦାର ଯଥା ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା, ସୁଗମକାରୀ ସହାୟକ ଓ ଜଙ୍ଗଲ ବିଭାଗର କର୍ମଚାରୀମାନଙ୍କୁ ଏକ ମାର୍ଗ ଦର୍ଶିକା ଭାବେ ସାହାଯ୍ୟ କରିବେ ଏବଂ ବନାୟନ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହାସଲ କରିବାରେ ସଫଳତା ଦେବ।

**ଡଃ. ମିତା ବିଶ୍ୱାଳ**, ଆଇ.ଏଫ୍.ଏସ୍.

# ସୂଚୀପତ୍ର

**ସଂକ୍ଷେପଣ**

**୧. ଉପକ୍ରମ** ୧

**୨. ଅଣୁ ଯୋଜନା** ୨

୨.୧ ଯଥାର୍ଥତା ୨

୨.୨ ଅଣୁ ଯୋଜନା ପ୍ରସ୍ତୁତ ସମୟରେ କେଉଁ କେଉଁ ବିଷୟକୁ ଧ୍ୟାନଦେବାକୁ ପଡିବ ୩

୨.୩ ଅଣୁ ଯୋଜନା ପ୍ରସ୍ତୁତ କରିବା ପାଇଁ ପ୍ରାଥମିକ ଆବଶ୍ୟକତା ୪

**୩. ଓଡିଆ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ସମ୍ବନ୍ଧରେ କିଛି ତଥ୍ୟ** ୫

୩.୧ ପ୍ରକଳ୍ପର ବିଭିନ୍ନ ଉପାଦାନ ୭

**୪. ଆନ୍ତ ବିଭାଗ ସଂଯୋଗୀକରଣ** ୧୧

୪.୧ ବନ ସୁରକ୍ଷା ସମିତି ସ୍ତରରେ ୧୨

୪.୨ କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସ୍ତରରେ ୧୨

୪.୩ ଖଣ୍ଡୀୟ ପରିଚାଳନା ସ୍ତରରେ ୧୨

୪.୪ ପ୍ରକଳ୍ପ ପରିଚାଳନା ସଂସ୍ଥା / ରାଜ୍ୟ ସ୍ତରୀୟ ୧୨

**୫. ବିଭିନ୍ନ ପ୍ରତିଷ୍ଠାନର ବ୍ୟବସ୍ଥା** ୧୩

୫.୧ ଖଣ୍ଡୀୟ ସ୍ତରୀୟ ପରିଚାଳନା ସଂସ୍ଥା (ଡି.ଏମ.ୟୁ) ୧୩

୫.୨ କ୍ଷେତ୍ରୀୟ ପରିଚାଳନା ସଂସ୍ଥା (ଏଫ୍.ଏମ.ୟୁ) ୧୩

୫.୩ ଗୋଷ୍ଠୀ ସ୍ତରୀୟ ୧୩

୫.୪ ଭୂମିକା - ଦାୟିତ୍ୱ ଛାଞ୍ଚ (ମାଟ୍ରିକ୍ସ) ୧୪

**୬. କ୍ଷୁଦ୍ରାକାର ଜମି ଭିତ୍ତିକ ଯୋଜନା** ୧୬

**୭. ଅଣୁ ଯୋଜନା ପ୍ରସ୍ତୁତିରେ ସହଭାଗୀ ଗ୍ରାମ୍ୟ ଅବଧାରଣା** ୧୬

୭.୧ ସହଭାଗୀ ଗ୍ରାମ୍ୟ ଅବଧାରଣା କଣ ? ୧୬

୭.୨ ଏହି କୌଶଳ କାହିଁକି ? ୧୭

୭.୩ ସହଭାଗୀ ଗ୍ରାମ୍ୟ ଅବଧାରଣାର ବୈଶିଷ୍ଟ୍ୟ ୧୭

୭.୪ ସହଭାଗୀ ଗ୍ରାମ୍ୟ ଅବଧାରଣା ପ୍ରସ୍ତୁତିରେ ଦକ୍ଷତାର ଆବଶ୍ୟକତା ୧୭

୭.୫ ସହଭାଗୀ ଗ୍ରାମ୍ୟ ଅବଧାରଣା ବିବରଣୀ ପ୍ରସ୍ତୁତ ୧୮

୭.୬ ଅଣୁ ଯୋଜନା ସମୟରେ ଏହାର ସହାୟତା ପାଇଁ ଗ୍ରାମ୍ୟ ଅବଧାରଣାର ବିଭିନ୍ନ ପଦ୍ଧତି ୧୮

**୮. ଅଣୁ ଯୋଜନା ପ୍ରସ୍ତୁତିର ବିଭିନ୍ନ ପ୍ରକ୍ରିୟା** ୩୮

୮.୧ ଅଣୁ ଯୋଜନା ପାଇଁ ପ୍ରାରମ୍ଭିକ କାର୍ଯ୍ୟ ପ୍ରକ୍ରିୟା ୩୮

୮.୨ ଅଣୁ ଯୋଜନା ପ୍ରସ୍ତୁତିର ବିଭିନ୍ନ ପର୍ଯ୍ୟାୟ ୩୮

୮.୩ ଅଣୁ ଯୋଜନାର ପୁନଃ ସଂସ୍କରଣ ୪୩

**୯. ବିଭିନ୍ନ ଚିତ୍ର ମାନଙ୍କର ତାଲିକା**

ଚିତ୍ର – ୧ ନିରନ୍ତର ଜୈବ ବିବିଧତା ପରିଚାଳନା ପଦ୍ଧତି ୧୦

ଚିତ୍ର – ୨ ଅଣୁ ଯୋଜନା ମାଧ୍ୟମରେ ପ୍ରଗତିର ପଥ ୧୨

ଚିତ୍ର – ୩ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟରେ ଆନୁଷ୍ଠାନିକ ବ୍ୟବସ୍ଥା ୧୩

ଚିତ୍ର – ୪ କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସ୍ତରରେ ବିଭିନ୍ନ ଅନୁଷ୍ଠାନମାନଙ୍କ ବ୍ୟବସ୍ଥା ୧୩

ଚିତ୍ର – ୫ ଗୋଷ୍ଠୀ ସ୍ତରୀୟ ଯୋଜନା କାର୍ଯ୍ୟକାରୀ ବ୍ୟବସ୍ଥା ୧୩

ଚିତ୍ର – ୬ ଗ୍ରାମର ସାମାଜିକ ମାନଚିତ୍ର ୨୨

ଚିତ୍ର – ୭ ଗ୍ରାମର ସମ୍ବଳ ମାନଚିତ୍ର ୨୪

ଚିତ୍ର – ୮ ଭେନ୍/ଚପାତି ରେଖାଚିତ୍ର ୨୮

ଚିତ୍ର – ୯ ଋତୁ ଭିତ୍ତିକ ସମୟ ସାରଣୀର ନମୁନା ୩୧

ଚିତ୍ର – ୧୦ ଐତିହାସିକ ସମୟ ସାରଣୀର ନମୁନା ୩୩

ଚିତ୍ର – ୧୧ ସମ୍ବଳ ବ୍ୟବହାର ଶ୍ରେଣୀ ବିଭାଗ ପାଇଁ ନମୁନା ୩୫

ଚିତ୍ର – ୧୨ ଅଣୁ ଯୋଜନାର ବିଭିନ୍ନ ପଦକ୍ଷେପ ୪୦

**ସାଙ୍କେତିକ ଅକ୍ଷର ସାହାଯ୍ୟରେ ସଂକ୍ଷେପଣ (ବର୍ଣ୍ଣନା)**

| | |
|---|---|
| ANR (ଏ.ଏନ.ଆର.) | ସହାୟକ ପ୍ରାକୃତିକ ପୁନଃର୍ଜନନ |
| AR (ଏ.ଆର) | ସହାୟକ ପୁନଃର୍ଜନନ |
| BDO (ବି.ଡି.ଓ) | ଗୋଷ୍ଠୀ ଉନ୍ନୟନ ଅଧିକାରୀ |
| BPL (ବି.ପି.ଏଲ) | ଦାରିଦ୍ର ସୀମାରେଖା ତଳେ ଥିବା ବ୍ୟକ୍ତି |
| CBO (ସି.ବି.ଓ ) | ଗୋଷ୍ଠୀ ମୂଳକ ସଂସ୍ଥା |
| DCA (ଡି.ଏ.ସି) | ଜିଲ୍ଲା ଉପଦେଷ୍ଟା କମିଟି/ସମିତି |
| DFO (ଡି.ଏଫ.ଓ) | ବନଖଣ୍ଡ ଅଧିକାରୀ |
| DLT (ଡ.ଏଲ.ଟି) | ନାଳମାନଙ୍କର ସୁଧାର ବ୍ୟବସ୍ଥା |
| DMU (ଡି.ଏମ.ୟୁ) | ଖଣ୍ଡୀୟ ପରିଚାଳନା ସଂସ୍ଥା |
| DPC (ଡି.ପି.ସି) | ଜିଲ୍ଲା ଯୋଜନା କମିଟି/ସମିତି |
| DPF (ଡି.ପି.ଏଫ) | ଚିହ୍ନଟ ହୋଇଥିବା ସୁରକ୍ଷିତ ଜଙ୍ଗଲ |
| EC (ଇ.ସି) | କାର୍ଯ୍ୟ ନିର୍ବାହୀ କମିଟି |
| EDC (ଇ.ଡି.ସି) | ପରିବେଶ ଉନ୍ନୟନ ସମିତି |
| EPA (ଇ.ପି.ଏ) | ପ୍ରାରମ୍ଭିକ କାର୍ଯ୍ୟକ୍ରମ |
| FG (ଏଫ.ଜି) | ବନରକ୍ଷୀ |
| FGD (ଏଫ.ଜି.ଡି)<br>ଆଲୋଚନା | ନିର୍ଦ୍ଦିଷ୍ଟ ଜୀବିକା ଦଳଙ୍କ ସହ |
| FI (ଏଫ.ଆଇ) | ଆର୍ଥିକ ଅନୁଷ୍ଠାନ |
| FMU (ଏଫ.ଏମ.ୟୁ) | କ୍ଷେତ୍ରୀୟ ପରିଚାଳନା ସଂସ୍ଥା |
| GB (ଜି.ବି) | ସାଧାରଣ ପରିଷଦ |
| GC (ଜି.ସି) | ସାଧାରଣ ଜାତି (ବର୍ଗ) |
| GIS (ଜି.ଆଇ.ଏସ) | ଭୌଗଳିକ ସୂଚନା ପଦ୍ଧତି |
| GP (ଜି.ପି) | ଗ୍ରାମ ପଞ୍ଚାୟତ |
| HH (ଏଚ.ଏଚ) | ପରିବାର |
| IEC (ଆଇ.ଇ.ସି) | ସୂଚନା, ଶିକ୍ଷା ଏବଂ<br>ଯୋଗାଯୋଗ ସମ୍ବନ୍ଧୀୟ ନଥିପତ୍ର |
| IGA (ଆଇ.ଜି.ଏ) | ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ |
| JFM (ଜେ.ଏଫ.ଏମ) | ଯୁଗ୍ମ ବନ ପରିଚାଳନା |
| JICA (ଜା.ଇ.କା) | ଜାପାନ ଅନ୍ତର୍ଜାତିକ ସହାୟକ ସଂସ୍ଥା |
| KF (କେ.ଏଫ) | ଖେସରା ଜଙ୍ଗଲ |
| M & E (ଏମ ଓ ଇ) | ନିରୀକ୍ଷଣ ଏବଂ ମୂଲ୍ୟାୟନ |

| | |
|---|---|
| MGNREGA<br>(ଏମ.ଜି.ଏନ.ଆର.ଜି.ଏ) | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ<br>ନିଶ୍ଚିତ କର୍ମନିଯୁକ୍ତି ଯୋଜନା |
| MIS (ଏମ୍. ଆଇ.ଏସ) | ସୂଚନା ପରିଚାଳନା ବ୍ୟବସ୍ଥା |
| NGO (ଏନ. ଜି.ଓ) | ସ୍ୱେଚ୍ଛାସେବୀ ଅନୁଷ୍ଠାନ |
| NRLM (ଏନ.ଆର.ଏଲ୍.ଏମ) | ଜାତୀୟ ଗ୍ରାମୀଣ ଜୀବିକା ମିଶନ |
| NRM (ଏନ୍.ଆର.ଏମ) | ପ୍ରାକୃତିକ ସମ୍ବଳ ପରିଚାଳନା |
| NTFP (ଏନ୍. ଟି.ଏଫ.ପି) | ଅଣକାଷ୍ଠ ଜଙ୍ଗଲଜାତ ପଦାର୍ଥ |
| OBC (ଓ.ବି.ସି) | ଅନ୍ୟାନ୍ୟ ପଛୁଆ ଜାତି |
| OFD (ଓ.ଏଫ.ଡି) | ଓଡ଼ିଶା ଜଙ୍ଗଲ ବିଭାଗ |
| OFSDP (ଓ.ଏଫ.ଏସ.ଡି.ପି) | ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ |
| OLM (ଓ.ଏଲ.ଏମ) | ଓଡ଼ିଶା ଜୀବିକା ମିଶନ |
| PDS (ପି.ଡି.ଏସ) | ସାଧାରଣ ବଣ୍ଟନ ବ୍ୟବସ୍ଥା |
| PF (ପି.ଏଫ) | ସୁରକ୍ଷିତ ଜଙ୍ଗଲ |
| PMU (ପି.ଏମ.ୟୁ) | ପ୍ରକଳ୍ପ ପରିଚାଳନା ସଂସ୍ଥା |
| PNGO (ପି.ଏନ.ଜି.ଓ) | ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ |
| PRA (ପି.ଆର.ଏ) | ସହଭାଗୀ ଗ୍ରାମ୍ୟ ଅବଧାରଣା |
| PRIs (ପି.ଆର.ଆଇ) | ପଞ୍ଚାୟତିରାଜ ଅନୁଷ୍ଠାନ ସମୂହ |
| PS (ପି.ଏସ) | ପଞ୍ଚାୟତ ସମିତି |
| RDF (ଆର.ଡି.ଏଫ) | ଉଜୁଡ଼ା ଜଙ୍ଗଲର ପୁନଃରୁଦ୍ଧାର |
| RF (ଆର.ଏଫ) | ସଂରକ୍ଷିତ ଜଙ୍ଗଲ |
| RO (ଆର.ଓ) | ରେଞ୍ଜ ଅଫିସର |
| SC (ଏସ.ସି) | ଅନୁସୁଚିତ ଜାତି |
| SHG (ଏସ.ଏଚ.ଜି) | ସ୍ୱୟଂ ସହାୟକ ଗୋଷ୍ଠୀ |
| SMC (ଏସ.ଏମ.ସି) | ମୃତ୍ତିକା ଏବଂ ଜଳ ସଂରକ୍ଷଣ |
| ST (ଏସ.ଟି) | ଅନୁସୂଚିତ ଜନଜାତି |
| UDPF (ୟୁ.ଡି.ପି.ଏଫ) | ଅଣଚିହ୍ନଟ ସୁରକ୍ଷିତ ଜଙ୍ଗଲ |
| VF (ଭି.ଏଫ) | ଗ୍ରାମ୍ୟ ଜଙ୍ଗଲ |
| VFW (ଭି.ଏଫ.ଡବ୍ଲୁ) | ଗ୍ରାମ୍ୟ ବନ କର୍ମଚାରୀ |
| VSS (ଭି.ଏସ.ଏସ) | ବନ ସୁରକ୍ଷା ସମିତି |
| WL (ଡବ୍ଲୁ.ଏଲ) | ବନ୍ୟପ୍ରାଣୀ |
| ZP (ଜେଡ୍.ପି) | ଜିଲ୍ଲା ପରିଷଦ |

# ୧. ଉପକ୍ରମ

ଓଡିଶା ବନାଞ୍ଚଳ ଉନ୍ନୟନ ଦ୍ୱିତୀୟ ପର୍ଯ୍ୟାୟ "ବନାୟନ" କାର୍ଯ୍ୟକ୍ରମରେ ଗ୍ରାମ ଗୋଷ୍ଠୀ ମାନଙ୍କୁ ସୁରକ୍ଷା ପାଇଁ ଦାୟିତ୍ୱ ଦିଆଯାଇଥିବା ଜଙ୍ଗଲ ସମ୍ପଦର ଉଭୟ ଯୁଗ୍ମ ବନ ପରିଚାଳନା ମାଧ୍ୟମରେ କାର୍ଯ୍ୟକାରିତା, ଗୋଷ୍ଠୀର ଜୀବିକା ପ୍ରସଙ୍ଗ ଏବଂ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମର ଦିଗଦର୍ଶନ ଦେବା ପାଇଁ ଅଣୁ ଯୋଜନା ପ୍ରସ୍ତୁତିକୁ ଏକ ମୁଖ୍ୟ ଅଂଶ ରୂପେ ଚିନ୍ତା କରାଯାଇଛି । ଗ୍ରାମର ପ୍ରମୁଖ ଲୋକଙ୍କର ଆଶା ଆକାଂକ୍ଷା ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ଏବଂ ସାମାଜିକ ଅନଗ୍ରସର ଲୋକମାନଙ୍କ ପାଇଁ ଏହା ଏକ ଦଶ ବର୍ଷିଆ ବିକାଶ ଯୋଜନାର ନଥିପତ୍ର । ଗ୍ରାମ ଚତୁଃପ୍ରାର୍ଶରେ ଥିବା ପ୍ରାକୃତିକ ଏବଂ ମାନବ ସମ୍ବଳକୁ ବିନିଯୋଗ କରି ଏହି ଯୋଜନା ମାଧ୍ୟମରେ ଲୋକମାନଙ୍କର ଆବଶ୍ୟକତାକୁ ଅଗ୍ରାଧିକାର ଭିତ୍ତିରେ ବିଚାରକରି ଗ୍ରାମର ନିରନ୍ତର ସର୍ବାଙ୍ଗୀନ ପ୍ରଗତି ପାଇଁ ଏହି ଦଲିଲ୍‌ରେ ଆଶା କରାଯାଇଛି ।

ଗ୍ରାମସ୍ତରୀୟ ଅଣୁ ଯୋଜନା ହେଉଛି, ଗ୍ରାମ୍ୟ ବିକାଶ ଯୋଜନା ଏବଂ ଜଙ୍ଗଲ ବିକାଶ ଯୋଜନାର ଅବିକଳ ନକଲ ଯାହା ଗ୍ରାମ ଚତୁଃପାର୍ଶ୍ୱରେ ମିଳୁଥିବା ସମ୍ବଳକୁ ଆଧାର କରି ଗ୍ରାମ ସ୍ତରରେ ଲୋକମାନଙ୍କର ଅବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଏ । ଏହି ଯୋଜନାର ଏକକ ଛୋଟ ଥିବାରୁ ଏହାକୁ ଅଣୁ ଯୋଜନା କୁହାଯାଏ ଏହି ପରିପ୍ରେକ୍ଷୀରେ ଏହା ଜିଲ୍ଲା ଓ ରାଜ୍ୟସ୍ତରକୁ ପରିବ୍ୟାପ୍ତ ହୁଏ ।

ଏହା ଗୋଟିଏ ସର୍ବାଙ୍ଗୀନ ଉନ୍ନତିକରଣ ଯୋଜନା ଯାହାକି ଗ୍ରାମର ସମସ୍ତ ଉନ୍ନତିକରଣ ପ୍ରସଙ୍ଗ ଏବଂ ପରିଚାଳନା ବ୍ୟବସ୍ଥାକୁ ଚିହ୍ନଟ ଓ ପୂରଣ କରିବାରେ ଚେଷ୍ଟା କରେ ଓ ଏହା ମଧ୍ୟ କୌଣସି ଏକକ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ । ତେଣୁ ଅଣୁ ଯୋଜନାରେ ଗ୍ରାମର ବିଭିନ୍ନ ସମ୍ବଳକୁ ଆଖି ଆଗରେ ରଖି ଅନ୍ୟାନ୍ୟ ଚାଲୁଥିବା ବିଭିନ୍ନ ଉନ୍ନତି ମୂଳକ ସରକାରୀ ପରିଯୋଜନା ମାନଙ୍କର ଆର୍ଥିକ ଅନୁଦାନ ପ୍ରାପ୍ତିର ସମ୍ଭାବନାକୁ ନେଇ ସଂଯୋଗୀକରଣ ମାଧ୍ୟମରେ ଏହା କିପରି ସମ୍ଭବପର ହେବ, ତାହା ଏଥିରେ ପ୍ରସ୍ତାବ ଦିଆଯିବ ।

ଗ୍ରାମ ସ୍ତରରେ ମିଳୁଥିବା ସମ୍ବଳକୁ ଉପଯୋଗକରି, ଗ୍ରାମୀଣ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ, ଅଣୁ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରାଯାଏ । ଏହା ଲୋକମାନଙ୍କର ଆବଶ୍ୟକତାକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ଓ ସେମାନଙ୍କ ଉନ୍ନତିକୁ ଆଖି ଆଗରେ ରଖି ଏହାକୁ କିପରି ସମ୍ପୂର୍ଣ୍ଣ କରାଯିବ, ତାହା ଲିପିବଦ୍ଧ କରାଯାଏ । ଲୋକମାନଙ୍କର ସମସ୍ୟା, ସେଗୁଡିକର ସମ୍ଭାବ୍ୟ ସମାଧାନ, ଆବଶ୍ୟକତା, ସମ୍ବଳର ସ୍ଥିତି ଉପରେ ଏକ କାର୍ଯ୍ୟକ୍ରମର ଚିଠା, କିପରି ଯୁଗ୍ମ ଜଙ୍ଗଲ ପରିଚାଳନା ଅଞ୍ଚଳରେ ପ୍ରସ୍ତୁତ କରାଯିବ ତାହା ଏଥିରେ ବର୍ଣ୍ଣିତ ହୋଇଥାଏ ।

ଅଣୁ ଯୋଜନା ଏକ ଅନୁଷ୍ଠାନିକ / ଔପଚାରିକ ନଥିପତ୍ର । ଏହି ନଥିପତ୍ର, ସମ୍ବଳ ଅନୁସାରେ ଲୋକମାନଙ୍କର ଆବଶ୍ୟକତା / ଯୋଗାଣ ଅନୁଯାୟୀ, ପୁଣି ବର୍ଦ୍ଧିତ ଆବଶ୍ୟକତା ଗୁଡିକୁ ଦୃଷ୍ଟିରେ ରଖି ସମାଧାନର ଚିନ୍ତା ବିଷୟରେ ବର୍ଣ୍ଣନା କରାଯାଇଥାଏ, ଯଥା ଜଙ୍ଗଲ ପରିଚାଳନା ଦ୍ୱାରା ପ୍ରାକୃତିକ ବାସସ୍ଥଳୀର ବିଭିନ୍ନ ସେବା ଏବଂ ବଞ୍ଚି ରହିବା ପାଇଁ ଜଙ୍ଗଲଜାତ ଦ୍ରବ୍ୟର ନିରନ୍ତର ଯୋଗାଣ ଏଥିରେ ଅର୍ନ୍ତଭୁକ୍ତ ।

ଅଣୁଯୋଜନା ଏକ ଜୀବନ୍ତ ନଥିପତ୍ର ସଦୃଶ ଯାହା ଆବଶ୍ୟକତା ଆନୁଯାୟୀ ଶୀଘ୍ର ପ୍ରତିକ୍ରୀୟାଶୀଳ ହୁଏ, ବିଭିନ୍ନ ବିଷୟରେ ଅନୁଧ୍ୟାନ କରିଥାଏ ଓ ଏହା ପରିବର୍ତ୍ତନସାଧ୍ୟ ଅଟେ । ତେଣୁ ଏହି ନଥିପତ୍ର ଲୋକମାନଙ୍କର ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସଂଶୋଧନ କରିବାର ବ୍ୟବସ୍ଥା ଥାଏ । ଅଣୁ ଯୋଜନା, ଗ୍ରାମବାସୀମାନଙ୍କର ସହଯୋଗରେ "ସହଭାଗୀ ଗ୍ରାମ୍ୟ ଅବଧାରଣା" ଅଭ୍ୟାସ ମାଧ୍ୟମରେ ପ୍ରସ୍ତୁତ କରାଯାଇଥାଏ । ଏହି ପ୍ରଚେଷ୍ଟା ନିମ୍ନଲିଖିତ କାରଣ ଯୋଗୁ ଆବଶ୍ୟକ ଅଟେ :

- ଗ୍ରାମର ନିର୍ଦ୍ଦିଷ୍ଟ ସମସ୍ୟାକୁ ଭଲଭାବରେ ବୁଝିବାରେ ସାହାଯ୍ୟ କରେ ।
- ଗ୍ରାମର ବା ସ୍ଥାନୀୟ ଲୋକମାନଙ୍କର ଅଗ୍ରାଧିକାର ସମସ୍ୟା ଗୁଡ଼ିକୁ ଜାଣିବାରେ ସହାୟକ ହୁଏ ।
- ଏହା ଗ୍ରାମବାସୀ ମାନଙ୍କଦ୍ୱାରା ଗ୍ରହଣୀୟ ହେବା ଉଚିତ୍ କାରଣ ଏହି ବିକାଶ ଯୋଜନା ଲୋକମାନଙ୍କର ମିଳିତ ସହଯୋଗରେ ପ୍ରସ୍ତୁତ ହୋଇଥାଏ । ଏହା ଲୋକମାନଙ୍କର ଅଧିକ ସହମତି ଲାଭ କରିବାରେ ସାହାଯ୍ୟ କରାଏ । ଏହା ଲୋକମାନଙ୍କ ନିଜସ୍ୱ ବିକାଶ ଯୋଜନା ବୋଲି ଭାବନା ସୃଷ୍ଟି କରେ ।
- ଏହା ଗ୍ରାମବାସୀମାନଙ୍କୁ ଯୁଗ୍ମ ବନ ପରିଚାଳନା ଉପରେ ବିଶ୍ୱାସ ସ୍ଥାପନ କରିବାରେ ସାହାଯ୍ୟ କରେ ଏବଂ ଅନୁଷ୍ଠାନ ମଧ୍ୟରେ ସମ୍ପର୍କ ସ୍ଥାପନାରେ ସାହାଯ୍ୟ କରେ ।

ଅଣୁ ଯୋଜନା ଗୁଡିକ ସାଧାରଣତଃ ପ୍ରକଳ୍ପ ଅଧୀନରେ ଥିବା ସମ୍ବଳକୁ ଦୃଷ୍ଟିରେ ରଖି, ସହଭାଗୀ ଗ୍ରାମ୍ୟ ଅବଧାରଣା ଭିତ୍ତିରେ ପ୍ରସ୍ତୁତି କରାଯାଏ, ଏହାକୁ ଉଭୟ ଗ୍ରାମବାସୀ ଏବଂ ତୃଣମୂଳ ସ୍ତରରେ କର୍ମଚାରୀମାନେ ନିଶ୍ଚିତଭାବେ ହୃଦୟଙ୍ଗମ କରିବା ଉଚିତ୍ । ସେଥିପାଇଁ ଅଣୁ ଯୋଜନା, ମିଳୁଥିବା ସମ୍ବଳ ଓ ଏହା ଉପରେ ସମସ୍ତ ନିର୍ଭରଶୀଳ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ନିରନ୍ତର ବିନିଯୋଗକୁ ଲକ୍ଷ୍ୟ ରଖିବା ଦରକାର । ଏହି ଉଦ୍ଦେଶ୍ୟ ସମସ୍ତ ହିତାଧିକାରୀ ଏବଂ ବନ ସଂରକ୍ଷଣ ସମିତିର ସଭ୍ୟ/ସଭ୍ୟା ମାନେ ନିର୍ଦ୍ଦିଷ୍ଟଭାବେ ବୁଝିବା ଆବଶ୍ୟକ ।

ଅଣୁ ଯୋଜନା ପ୍ରସ୍ତୁତି ସମୟରେ ଗ୍ରାମବାସୀ ଓ ଅନ୍ୟ ହିତାଧିକାରୀ ମାନଙ୍କର ବିଭିନ୍ନ ଉପଲବ୍ଧି ବିଷୟରେ ବୁଝିବା ଉଚିତ୍, ଏହାଦ୍ୱାରା ଲୋକମାନେ ଏହାର ପ୍ରସ୍ତୁତି ପଦ୍ଧତିକୁ ସହଜସାଧ୍ୟ ବୋଲି ଚିନ୍ତା କରିବେ । ଗ୍ରାମବାସୀମାନେ ଅଣୁ ଯୋଜନାକୁ ଏକ କଷ୍ଟସାଧ୍ୟ ବିଷୟ ଏବଂ ଏହାର ପ୍ରସ୍ତୁତି ପ୍ରଣାଳୀରେ ସ୍ୱତନ୍ତ୍ର କୌଶଳର ଆବଶ୍ୟକତା ଥିବା ଚିନ୍ତାକରି ଏହା ପ୍ରସ୍ତୁତି ସମୟରେ ଏଥିରୁ ଦୁରେଇ ରହନ୍ତି । ମାତ୍ର ଯେହେତୁ ଅଣୁ ଯୋଜନା ପ୍ରସ୍ତୁତି ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ କରାଯାଏ, ଏପରିକି ଦୈନନ୍ଦିନ କାର୍ଯ୍ୟ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହୁଏ, ଏଣୁ ଏହି ଅଣୁ ଯୋଜନାରେ ସମସ୍ତେ ଆଗ୍ରହୀହେବା ଉଚିତ୍ ଓ ଫଳପ୍ରଦ ପ୍ରୟୋଗ କରିବାରେ ସମସ୍ତେ ଭାଗନେବା ଉଚିତ୍ ।

### ୧.୧. ଅଣୁ ଯୋଜନାରେ ଉଦ୍ଦେଶ୍ୟ

ବନ ସୁରକ୍ଷା ସମିତି / ପରିବେଶର ଉନ୍ନୟନ ସମିତି ପାଇଁ ଉଦ୍ଦିଷ୍ଟ ଅଣୁ ଯୋଜନାର କେତୋଟି ଉଦ୍ଦେଶ୍ୟ

- ଏହା ଗ୍ରାମବାସୀମାନଙ୍କ ସହଯୋଗ ଭିତ୍ତିରେ ଗ୍ରାମ୍ୟସ୍ତରରେ ମିଳୁଥିବା ସମ୍ବଳର ସଠିକ ବ୍ୟବହାର ପାଇଁ କୌଣସି ଅଞ୍ଚଳ / ଗ୍ରାମ / ବନ ସୁରକ୍ଷା ସମିତି / ଯୁଗ୍ମ ବନ ପରିଚାଳନା / ସହଯୋଗୀ ବନ ପରିଚାଳନା / ପରିବେଶ ଉନ୍ନୟନ ସମିତିର ନିର୍ଦ୍ଦିଷ୍ଟ ଜଙ୍ଗଲ ଉନ୍ନତିକରଣ ଯୋଜନା।
- ଜଙ୍ଗଲଜାତ ସମ୍ବଳ ଉପରେ ଲୋକମାନଙ୍କର ନିର୍ଭରଶୀଳତାକୁ କଳନା କରିବା।
- ଜଙ୍ଗଲଜାତ ସମ୍ବଳର ପରିମାଣ, ଗୁଣାତ୍ମକ ସ୍ଥିତି, ସେମାନଙ୍କର ବିନିଯୋଗ ଗ୍ରାମବାସୀ ମାନଙ୍କଦ୍ୱାରା କିପରି ହେଉଛି ତାର କଳ୍ପନା।
- ଉପଲବ୍ଧ ଜଙ୍ଗଲଜାତ ସମ୍ବଳର ଗୁରୁତ୍ୱକୁ ଚିହ୍ନଟ କରିବା।
- ଜଙ୍ଗଲଜାତ ସମ୍ବଳ ବିନିଯୋଗ କରିବାରେ ଗ୍ରାମବାସୀଙ୍କର ସମସ୍ୟା ସବୁକୁ ଚିହ୍ନଟ ଓ ସେଗୁଡ଼ିକର ସମାଧାନ।
- ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ଏବଂ ମିଳୁଥିବା ପ୍ରାକୃତିକ ସମ୍ବଳକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତ୍ତିରେ ଯୋଜନାର ପ୍ରସ୍ତୁତିକରଣ।
- ଯୋଜନାର ସମସ୍ତ ସୁଫଳ ହିତାଧିକାରୀ ମାନଙ୍କ ପାଖରେ ଯେପରି ପହଞ୍ଚିପାରିବ ତାହା ନିଶ୍ଚିତ କରିବା।

## ୨. ଅଣୁ ଯୋଜନା

ଅଣୁ ଯୋଜନା ପ୍ରସ୍ତୁତି ହେଉଛି ଗୋଟିଏ ଗୋଷ୍ଠୀସ୍ତରୀୟ ସଶକ୍ତିକରଣ ପ୍ରକ୍ରିୟା ଯାହାକି ଜଙ୍ଗଲ ଉପରେ ନିର୍ଭରଶୀଳ ବ୍ୟକ୍ତି ମାନଙ୍କର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ଜଙ୍ଗଲ ପରିଚାଳନା ଏବଂ ଜୀବିକାର ଉନ୍ନତି ପାଇଁ ମାର୍ଗଦର୍ଶନ କରାଏ, ଯେଉଁଥିରେ ଏହା ଉପରେ ନିର୍ଭରଶୀଳ ହିତାଧିକାରୀ ମାନଙ୍କପାଇଁ କାର୍ଯ୍ୟପନ୍ଥା, ଦାୟିତ୍ୱ ଲକ୍ଷ୍ୟ ଏବଂ ବିକାଶ ଯୋଜନାର ନିର୍ଦ୍ଦିଷ୍ଟ ସମୟସୀମା ନିର୍ଭୁଲ ଭାବରେ ଲିପିବଦ୍ଧ ହୋଇଥାଏ।

ଓଡିଶା ବନାଞ୍ଚଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଯୋଜନା (OFSDP-I) ରାଜ୍ୟରେ କାର୍ଯ୍ୟକାରୀ ହେବାପରେ ଆମକୁ ଏହି ଶିକ୍ଷା ମିଳିଛି ଯେ ଯୁଗ୍ମ ବନ ପରିଚାଳନା ପଦ୍ଧତିରେ ନିରନ୍ତର ଜଙ୍ଗଲ ପରିଚାଳନା ପାଇଁ, ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ଏକ ବିସ୍ତୃତ ଅଣୁ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ଅଛି। ତେଣୁ ଓଡିଶା ବନାଞ୍ଚଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି ସ୍ତରରେ ଏକ ବିସ୍ତୃତ ଅଣୁ ଯୋଜନା ପ୍ରସ୍ତୁତ କରାଯିବ ଯାହା ସଂପୃକ୍ତ ଗ୍ରାମବାସୀଙ୍କର ସର୍ବାଙ୍ଗୀନ ଉନ୍ନତି ଓ ଗ୍ରାମ ଗୋଷ୍ଠୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ ସହ ଜଙ୍ଗଲର ନିରନ୍ତର ପରିଚାଳନା ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଗ୍ରହଣ କରିବ। ପ୍ରସ୍ତାବିତ ବନ ସୁରକ୍ଷା ସମିତି ସ୍ତରୀୟ କ୍ଷୁଦ୍ର ଅଣୁ ଯୋଜନା ନଥିପତ୍ରଟି ଆବଶ୍ୟକୀୟ ଅନୁଦାନ ପାଇଁ ଅନ୍ୟାନ୍ୟ ସରକାରୀ ବିଭାଗ ମାନଙ୍କ ସହିତ ସଂଯୋଗୀକରଣ (କନଭରଜେନ୍ସ) ମାଧ୍ୟମରେ ଗ୍ରାମର ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହେବ।

### ୨.୧. ଯଥାର୍ଥତା (Rationale)

- ଏକ ସାଧାରଣ ଯୋଜନା ମାଧ୍ୟମରେ ଗ୍ରାମ୍ୟ ଗୋଷ୍ଠୀ ସ୍ତରରେ, ଅନୁଷ୍ଠାନ ଦାୟୀତ୍ୱସମ୍ପନ୍ନ ହେବାପାଇଁ ସଶକ୍ତିକରଣ କରିବା।
- ନିରନ୍ତର ସମ୍ବଳ ପରିଚାଳନା, ଜୀବିକା ଅନୁଷ୍ଠାନ ଗଠନ, ଲିଙ୍ଗଗତ ଓ ସଂଯୋଗୀକରଣ ପାଇଁ ବିଭିନ୍ନ ସମସ୍ୟା ଏବଂ ଆହ୍ୱାନ ସମ୍ବନ୍ଧରେ ଭଲ ଭାବରେ ହୃଦୟଙ୍ଗମ କରିବା।
- ଏହା ହେଉଛି ଗ୍ରାମ ଉନ୍ନତି ପାଇଁ ନଥିପତ୍ର : ଗ୍ରାମ୍ୟ ସ୍ତରର ସ୍ଥିତି, ବିଭିନ୍ନ ସମସ୍ୟା ଓ ତାହାର ସମ୍ଭାବ୍ୟ ସମାଧାନର ବିଭିନ୍ନ ପନ୍ଥା ବାହାର କରିବା।
- ଆନୁଷ୍ଠାନିକ ଓ କ୍ଷମତା ବୃଦ୍ଧି ସହିତ କ୍ଷମତା ବିତରଣ ପ୍ରକ୍ରିୟା ମାଧ୍ୟମରେ ବିଭିନ୍ନ ଲିଙ୍ଗଗତ ବୈଷମ୍ୟ ଦୂରକରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା।
- ଏକ ନଥିପତ୍ର ଯାହା ବନ ସୁରକ୍ଷା ସମିତି, ବନ ବିଭାଗ ଓ ଅନ୍ୟମାନଙ୍କ ପାଇଁ ଏହା ରୂପରେଖ, ଆବଶ୍ୟକତା, କାର୍ଯ୍ୟରେ ଆଗ୍ରାଧିକାର, କାର୍ଯ୍ୟର ଆକାର ପ୍ରଭୃତି ସହିତ ଏହାର ରୂପାୟନର ପ୍ରଦର୍ଶକ।

ଅଣୁ ଯୋଜନା ଗୋଟିଏ ସଶକ୍ତିକରଣ ପ୍ରକ୍ରିୟା, ଗ୍ରାମଗୋଷ୍ଠୀ ମାନଙ୍କ ଦାୟିତ୍ୱପୂର୍ଣ୍ଣ ଅନୁଷ୍ଠାନରେ ପରିବର୍ତ୍ତନ କରିବା ସହ ନିରନ୍ତର ସମ୍ବଳ ସୁପରିଚାଳନା କରିବାରେ ଉପୁଜିଥିବା ସମସ୍ୟା ଓ ତାହାର ପ୍ରତିକାର, ଅନ୍ତଃବିଭାଗ ସଂଯୋଗୀକରଣ, ଦାରିଦ୍ର୍ୟତା ହ୍ରାସ ଏବଂ ବିକାଶ ପାଇଁ ସେମାନଙ୍କର କି ସାମାର୍ଥ୍ୟ ଏବଂ ଦୁର୍ବଳତା ରହିଛି ତାହା ଚିହ୍ନଟ କରିବାରେ ସାହାଯ୍ୟ କରିବ। ଏହି ପ୍ରକ୍ରିୟା ମାଧ୍ୟମରେ ଅନ୍ୟ ଉନ୍ନତିମୂଳକ ସଂସ୍ଥା ସହିତ ଯୋଗସୂତ୍ର ସ୍ଥାପନ ସହ ଗ୍ରାମର ସର୍ବାଙ୍ଗୀନ ବିକାଶ କରାଇବା ପାଇଁ ସହାୟକ ହେବ। ସେଥିପାଇଁ ଯୋଜନା ପ୍ରସ୍ତୁତ କରିବା ପଦ୍ଧତି ଏପରି ସରଳ ହେବା ଦରକାର ଯେ, ଯେପରି ଗ୍ରାମବାସୀମାନେ ଏହାକୁ ନିଜସ୍ୱ ଯୋଜନା ବୋଲି ଚିନ୍ତାକରି ଏହାର ସୁପରିଚାଳନା ପାଇଁ ଅଧିକରୁ ଅଧିକ ତତ୍ପର ହେବେ ତା ଛଡା ପ୍ରକଳ୍ପର ସମୟ ଅବଧି ସମାପ୍ତ ହେଲେ ମଧ୍ୟ ଏହି ଯୋଜନାକୁ ଆଗେଇନେବେ। ଏହି ଅଣୁ ଯୋଜନା ଗୋଟିଏ ସର୍ବାଙ୍ଗୀନ ଗ୍ରାମ୍ୟ ବିକାଶର ଯୋଜନା ହେବା ସହିତ ଜଙ୍ଗଲ ସଂରକ୍ଷଣ, ଜୈବବିବିଧତାର ସୁରକ୍ଷା, ଜଙ୍ଗଲ ଅଞ୍ଚଳର ବର୍ହିଭାଗରେ ବନୀକରଣ ଏବଂ ନିରନ୍ତର ଜଙ୍ଗଲ ପରିଚାଳନାରେ ସହାୟକ ହେବ। ଏହି ଅଣୁ ଯୋଜନା ବନ ସୁରକ୍ଷା ସମିତି ଏବଂ ଜଙ୍ଗଲ ବିଭାଗକୁ ପ୍ରକଳ୍ପ ମାଧ୍ୟମରେ ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ସହାୟତାରେ, କେତେ ପରିମାଣର କେଉଁ କେଉଁ କାର୍ଯ୍ୟ ସମ୍ପନ୍ନ କରାଯିବ, ଆବଶ୍ୟକ ପଡୁଥିବା ଅନୁଦାନର ପରିମାଣ ବିଷୟରେ ସୂଚନା ପ୍ରଦାନ କରିବ ଏବଂ ବନ ସୁରକ୍ଷା ସମିତି ମାନଙ୍କର ଆଗ୍ରାଧିକାର ଭିତ୍ତିରେ କେଉଁ କାର୍ଯ୍ୟକ୍ରମ ସମ୍ପନ୍ନ ହେବ, ସେ ବିଷୟରେ ଅବଗତ କରାଇବ।

## ୨.୨. ଅଣୁ ଯୋଜନା ପ୍ରସ୍ତୁତ ସମୟରେ କେଉଁ କେଉଁ ବିଷୟକୁ ଧ୍ୟାନଦେବାକୁ ପଡିବ :

### ୨.୨.୧. ଭୌଗୋଳିକ ଅଞ୍ଚଳ ଅନ୍ତ (Geographical inclusion)

ବନସୁରକ୍ଷା ସମିତିକୁ ଜଗାରଖା ପାଇଁ ଦିଆଯାଇଥିବା ଜଙ୍ଗଲକୁ ଅଣୁ ଯୋଜନାର ଏକକ ବୋଲି ଧରାଯାଏ। ଅଣୁ ଯୋଜନା ଗୋଟିଏ ବିସ୍ତୃତ ଗ୍ରାମ ବିକାଶ ଯୋଜନା ସହିତ ଜଙ୍ଗଲ ସଂରକ୍ଷଣ, ଜୈବବିବିଧତାର ସୁରକ୍ଷା ଜଙ୍ଗଲାଞ୍ଚଳର ବର୍ହିପାର୍ଶ୍ୱରେ ବୃକ୍ଷରୋପଣ ଏବଂ ନିରନ୍ତର ଜଙ୍ଗଲ ପରିଚାଳନାରେ ସହାୟକ ହେବ। ଏହି ଯୋଜନା ପ୍ରସ୍ତୁତି ସମୟରେ ଧ୍ୟାନଦେବାକୁ ପଡିବ ଯେପରି ଏହି ଜଙ୍ଗଲ ଉପରେ ନିର୍ଭରଶୀଳ ସମସ୍ତ ଗ୍ରାମବାସୀ ଅଣୁ ଯୋଜନାର ପ୍ରସ୍ତୁତି ସମୟରେ ନିଜକୁ ସାମିଲ କରିବେ। ସମୀପବର୍ତ୍ତୀ ଯୁଗ୍ମ ବନ ପରିଚାଳନା ଅଞ୍ଚଳ ଏବଂ ଭୌଗୋଳିକ ଜଙ୍ଗଲ ଅଞ୍ଚଳକୁ ନେଇ, ବନ ସୁରକ୍ଷା ସମିତି ସ୍ତରରେ ବିଭିନ୍ନ ସମଭାବପନ୍ନ ଦଳ ଗଠନ ଓ ପ୍ରକଳ୍ପ ମାଧ୍ୟମରେ ହେଉଥିବା କାର୍ଯ୍ୟ କିପରି ସମ୍ପାଦନ ହେଉଛି, କାର୍ଯ୍ୟ ଦକ୍ଷତା ଏବଂ ପ୍ରକଳ୍ପର ପ୍ରଭାବ, ତାହା ହୃଦୟଙ୍ଗମ କରିବାକୁ ପଡିବ।

### ୨.୨.୨ ସାମାଜିକ ଏବଂ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ (Socio-economic Inclusion)

ଯୋଜନା କରାଯାଉଥିବା ଅଞ୍ଚଳରେ ପ୍ରତ୍ୟେକ ପରିବାରକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଅନ୍ତର୍ଭୁକ୍ତ କରାଯିବ। ଅଣୁ ଯୋଜନା ପ୍ରସ୍ତୁତ ପ୍ରକ୍ରିୟାରେ ପ୍ରତ୍ୟେକ ଗ୍ରାମବାସୀ ମାନଙ୍କୁ ସାମାଜିକ ବା ଆର୍ଥିକ ଦୃଷ୍ଟିକୋଣରୁ ବାଛବିଚାର ନକରି ଉନ୍ନତିମୂଳକ କାର୍ଯକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ଯୋଜନା ପ୍ରସ୍ତୁତି ସମୟରେ ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ଜାତିଆଣ ଭେଦଭାବ ତଥା ମହିଳା, ନିଷ୍ପେସିତ ଶ୍ରେଣୀ, ଭିନ୍ନକ୍ଷମ ପ୍ରଭୃତିଙ୍କୁ କୌଣସି ଅବହେଳା ନକରି ସେମାନଙ୍କ ପ୍ରତି ସଠିକ ଭାବେ ଦୃଷ୍ଟି ଦିଆଯିବ।

### ୨.୨.୩ ସାମ୍ୟତା ଏବଂ ସମାନତା (Equity & Equality)

ଯୋଜନା ସମୟରେ ସାମ୍ୟତା ଏବଂ ସମାନତାକୁ ମୂଳସୂତ୍ର ଆଧାରରେ ଗ୍ରହଣ କରିବା ପାଇଁ ନିଶ୍ଚିତ କରାଯିବା ଉଚିତ୍। ସମାନତା ଆଧାରରେ ସମ୍ପୃକ୍ତ ଯୋଜନାକୁ ଭବିଷ୍ୟତ ପାଇଁ, ସମସ୍ତ ଗ୍ରାମବାସୀଙ୍କ ପାଇଁ ଓ ସମସ୍ତ ପରିବାରକୁ ନେଇ ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି କରିବାକୁ ପଡିବ। ସାମ୍ୟତା ଦୃଷ୍ଟିରୁ, ଦାରିଦ୍ର୍ୟ, ନିଷ୍ପେସିତ, ବିକଳାଙ୍ଗ, ମହିଳା ମୁଖ୍ୟ ପରିବାର ପାଇଁ କିଛି ନିର୍ଦ୍ଦିଷ୍ଟ ପଦକ୍ଷେପ ଚିନ୍ତା କରିବାକୁ ପଡିବ। ଏହା ଗୁରୁତ୍ୱପୂର୍ଣ୍ଣ ଯେ ବାର୍ଷିକ ଯୋଜନା ପ୍ରସ୍ତୁତ କରିବା ସମୟରେ ସାମ୍ୟତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଉପରେ ଅଗ୍ରାଧିକାର ଦିଆଯିବ ବିଧେୟ।

### ୨.୨.୪ ଭାଗୀଦାରିତା (Participation)

ବନସୁରକ୍ଷା ସମିତି, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କ୍ଷେତ୍ରୀୟ ପରିଚାଳନା ସଂସ୍ଥାମାନଙ୍କ ସହାୟତାରେ ଅଣୁ ଯୋଜନା ପ୍ରସ୍ତୁତ କରିବେ। ଏହି ଯୋଜନା ପ୍ରସ୍ତୁତିର ପ୍ରତି ପଦକ୍ଷେପରେ ସମସ୍ତ ପ୍ରାଥମିକ ହିତାଧିକାରୀ ମାନଙ୍କର ଅଂଶ ଗ୍ରହଣ ନିଶ୍ଚିତ କରାଯାଏ। ଅଣୁ ଯୋଜନା ପ୍ରସ୍ତୁତକାରୀ ଦଳ (ବନ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ, ଜଙ୍ଗଲ ବିଭାଗର କର୍ମଚାରୀ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗ୍ରାମସଚେତକ, ଗ୍ରାମପଞ୍ଚାୟତର ପ୍ରତିନିଧି ଏବଂ ବନସୁରକ୍ଷା ସମିତି ମଧ୍ୟରେ ଥିବା ବ୍ୟବହାରକାରୀ ଦଳର ପ୍ରତିନିଧି) ଅଣୁ ଯୋଜନା ପ୍ରସ୍ତୁତ କରିବାରେ ମୁଖ୍ୟ ଅଂଶ ଗ୍ରହଣ କରିବେ। ଏହାଛଡ଼ା, ବନ ସୁରକ୍ଷା ସମିତି ସ୍ତରରେ ଥିବା ମହିଳା ଯୋଜନାକାରୀ ଦଳକୁ ଏହି ଯୋଜନା ପ୍ରସ୍ତୁତ କରିବାର ପ୍ରାରମ୍ଭିକ ପର୍ଯ୍ୟାୟରୁ ଅନ୍ତର୍ଭୁକ୍ତ କରି ସେମାନଙ୍କର ବିଭିନ୍ନ ପ୍ରସଙ୍ଗ, ଆବଶ୍ୟକତା, ସମସ୍ୟା ପ୍ରତି ଦୃଷ୍ଟିଦେବାକୁ ପଡିବ। ଏହି ଯୋଜନା ପ୍ରସ୍ତୁତି ସମୟରେ ଅନ୍ୟାନ୍ୟ ସରକାରୀ ବିଭାଗ ମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ଅନ୍ତଃ-ବିଭାଗୀୟ ସଂଯୋଗୀକରଣ ପ୍ରକ୍ରିୟା ଦ୍ୱାରା ସମସ୍ତଙ୍କର ସହଯୋଗ ନିଶ୍ଚିତ କରିବାକୁ ପଡିବ।

### ୨.୨.୫ ଆନୁଷ୍ଠାନିକ ସଶକ୍ତିକରଣ ଏବଂ ଦକ୍ଷତା ବୃଦ୍ଧି (Institutional Strengthening and Capacity Building)

ଗ୍ରାମସ୍ତରରେ ଅନୁଷ୍ଠାନର ସଶକ୍ତିକରଣ ଏବଂ ପ୍ରାଥମିକ ସ୍ତରୀୟ ହିତାଧିକାରୀ (ବନ ସଂରକ୍ଷଣ ସମିତି) ମାନଙ୍କ ଦକ୍ଷତା ବୃଦ୍ଧି, ଯୋଜନା ପ୍ରସ୍ତୁତି, କାର୍ଯ୍ୟକ୍ରମ, ନିରୀକ୍ଷଣ କରିବା ପ୍ରଭୃତି ଏହି ଯୋଜନାର ମୁଖ୍ୟ ବିଶେଷତ୍ୱ, ଯାହାକି ପ୍ରକଳ୍ପର ଉଦ୍ଦେଶ୍ୟ ପୂରଣ କରିବାରେ ସଫଳ ହେବ। ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ଅନୁଷ୍ଠାନ ମାନଙ୍କ ସୁଦୃଢୀକରଣ ଓ ଦରକାର ମୁତାବକ ଗୋଷ୍ଠୀ ସ୍ତରରେ ଦକ୍ଷତା ବୃଦ୍ଧି ତାଲିମ ବ୍ୟବସ୍ଥା କରାଇବା ଦ୍ୱାରା, ଏହା ଜଙ୍ଗଲ ପରିଚାଳନା ତଥା ଜଙ୍ଗଲ ଅଞ୍ଚଳର ନିରନ୍ତର ପରିଚାଳନାରେ ସହାୟକକ ହେବ। ତେଣୁ ଅଣୁ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା ମାନଙ୍କୁ ସଂପୂର୍ଣ୍ଣ ସଚେତନ କରାଯିବା ଦ୍ୱାରା ସେମାନେ ଅଣୁ ଯୋଜନା ପ୍ରକ୍ରିୟାରେ ଗୁରୁତ୍ୱ ଉପଲବ୍ଧି କରିପାରିବେ। ଅଣୁ ଯୋଜନା ପ୍ରସ୍ତୁତି ପ୍ରକ୍ରିୟା ପୂର୍ବରୁ, ବନ ସୁରକ୍ଷା ସମିତି ସ୍ତରରେ ଯୋଜନା କାର୍ଯ୍ୟକାରୀ ଦଳ, ମହିଳା କାର୍ଯ୍ୟକାରୀ ଦଳ, ଗ୍ରାମସଚେତକ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବନ କର୍ମଚାରୀ ଇତ୍ୟାଦିଙ୍କର ସାମର୍ଥ୍ୟ ଯଥେଷ୍ଟ ଭାବରେ ବୃଦ୍ଧି କରାଯିବା।

### ୨.୨.୬ ଲିଙ୍ଗଭିତ୍ତିକ କାର୍ଯ୍ୟକ୍ରମ (Gender Mainstreaming)

ଅଣୁ ଯୋଜନା ପ୍ରସ୍ତୁତି ଆରମ୍ଭରୁ ଉଭୟ ଯୋଜନାରେ ଏବଂ ତାହାକୁ କାର୍ଯ୍ୟକାରୀ କରାଇବାବେଳେ ଲିଙ୍ଗଗତ ସମାନତା ଆଧାରରେ ଗୋଷ୍ଠୀର ମହିଳା ସଭ୍ୟା ମାନଙ୍କୁ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରାଯିବା। ଏହି ମହିଳା ମାନଙ୍କର ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିବ, ତାଛଡା ସେମାନଙ୍କର କଠିନ ଶ୍ରମ ହ୍ରାସ କରିବାରେ ସାହାଯ୍ୟ କରିବା ସହ, ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଓ ଯୋଜନା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଭାଗୀଦାରିତାରେ ସାହାଯ୍ୟ କରିବ। ମହିଳା କାର୍ଯ୍ୟକାରୀ ଦଳ (ବନସୁରକ୍ଷା ସମିତିର ମହିଳା ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମହିଳା ସଦସ୍ୟା ବୃନ୍ଦ, ସ୍ୱାସ୍ଥ୍ୟ ବିଭାଗର ମହିଳା ସମ୍ପ୍ରସାରଣ କର୍ମଚାରୀ ଏବଂ ଶିକ୍ଷୟତ୍ରୀ) ଅଣୁ ଯୋଜନା ପ୍ରସ୍ତୁତିର ପ୍ରାରମ୍ଭରୁ ସେମାନଙ୍କ ଭିତରେ ସହଯୋଗ ସ୍ଥାପନ କରି ସେମାନଙ୍କର ଚିନ୍ତା, ବିଭିନ୍ନ ସମସ୍ୟା, ଆବଶ୍ୟକତାକୁ ବନସୁରକ୍ଷା ସମିତିର ମହିଳା କାର୍ଯ୍ୟ ଯୋଜନାରେ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟମାନ କିପରି ପ୍ରତିଫଳନ ହେବ, ସେଥିରେ ଦୃଷ୍ଟି ଦେବେ।

### ୨.୨.୭ ନମନୀୟତା (Flexible)

ଅଣୁ ଯୋଜନା ଗୋଟିଏ କଠୋର ନଥିପତ୍ର ନହୋଇ ଏକ ସାଧାରଣ ନମନୀୟ ନଥିପତ୍ର ହେବା ଉଚିତ୍ ଯାହାଦ୍ୱାରା ଏହି ଯୋଜନାକୁ କାର୍ଯ୍ୟକାରୀ ସମୟରେ ବିଭିନ୍ନ ଶିକ୍ଷା ଏବଂ ଅଭିଜ୍ଞତା ଅର୍ଜନ ଆଧାରରେ ଏହାର ଉନ୍ନତି କରାଯାଇ ପାରିବ। ଏହି ନମନୀୟତା ଯୋଗୁଁ ଯୋଜନାର ଆଭ୍ୟନ୍ତରୀଣ ଆର୍ଥିକ କାରବାର, କାର୍ଯ୍ୟକ୍ରମ ବଦଳାବଦଳି, କାର୍ଯ୍ୟକାରୀ ସମୟକୁ ଏପାଖ ସେପାଖ କରାଯାଇ ପାରିବାର ବ୍ୟବସ୍ଥା ଏବଂ ଅନ୍ୟାନ୍ୟ କୌଣସି ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରିବା, ଯାହା ଗୋଷ୍ଠୀଙ୍କୁ ଏବଂ ଜଙ୍ଗଲ ସମ୍ବଳର ସକ୍ରିୟ ପରିଚାଳନାରେ ସାହାଯ୍ୟ କରିପାରିବ। ପୁନଶ୍ଚ ଅଣୁ ଯୋଜନାରେ ଚାରି ବର୍ଷପରେ ଦରକାର ମୁତାବକ ଆବଶ୍ୟକ ସଂଶୋଧନ କରାଯାଇ ପାରିବ।

### ୨.୨.୮ ଗ୍ରହଣୀୟତା (Adaptive)

ଅନ୍ୟ ସରକାରୀ ବିଭାଗ ମାନଙ୍କରେ ଥିବା ଅଣୁ ଯୋଜନା ଗୁଡ଼ିକୁ ଅନୁଧ୍ୟାନ ଓ ସେଗୁଡ଼ିକର ସମିଶ୍ରଣ କରାଯାଇ ସେଅଞ୍ଚଳର ବନସୁରକ୍ଷା ସମିତିର ଗୋଟିଏ ସମ୍ପୂର୍ଣ୍ଣ ଓ ଫଳପ୍ରଦ ଅଣୁ ଯୋଜନା ପ୍ରସ୍ତୁତ କରାଯିବ। ବନସୁରକ୍ଷା ସମିତିର ବାର୍ଷିକ ଯୋଜନା, ଅନ୍ୟାନ୍ୟ ଉନ୍ନତିମୂଳକ ପ୍ରକଳ୍ପର ସଂଯୋଗୀକରଣ କରି ସେଥିରେ ଥିବା ବିଭିନ୍ନ କାର୍ଯ୍ୟକ୍ରମର ପରିଯୋଜନା ଏବଂ ସମ୍ଭାବନାକୁ ନେଇ ପ୍ରସ୍ତୁତ କରାଯିବ। ପୁନଶ୍ଚ ଏହି ସମ୍ପୂର୍ଣ୍ଣ ଅଣୁ ଯୋଜନାରେ ବର୍ତ୍ତମାନ ଚାଲୁଥିବା ଅନ୍ୟ ସରକାରୀ ଓ ବେସରକାରୀ ପ୍ରକଳ୍ପ ମାନଙ୍କର ଉଦ୍ଦିଷ୍ଟ କାର୍ଯ୍ୟକ୍ରମ /ପରିକଳ୍ପନା ଅର୍ଥ କିପରି ସଂଯୋଗ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ। ଏହା ବନସୁରକ୍ଷା ସମିତି ଅଞ୍ଚଳରେ ଏକ ସମନ୍ୱିତ ଗ୍ରାମ ବିକାଶ ଯୋଜନାରେ ପରିଣତ ହେବ।

### ୨.୨.୯ ଫଳାଫଳ ଅଭିମୁଖୀ (Result Oriented)

ଅଣୁ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଯୋଜନା କାର୍ଯ୍ୟକାରୀ କରାଇବା ଦ୍ୱାରା କି ଫଳ ମଳିବ ତାହା ଅଣୁ ଯୋଜନା ପୁସ୍ତିକାରେ ଲିପିବଦ୍ଧ ହେବା ଉଚିତ୍। ଏହାର ଫଳାଫଳ କେବଳ ଏହି ପ୍ରକଳ୍ପର ଆର୍ଥିକ ସହାୟତା ପ୍ରାପ୍ତ ହେବା ପାଇଁ ସୀମିତ ନହେଁ ବରଂ ପ୍ରକଳ୍ପର ଅନୁରୂପ ଫଳପ୍ରାପ୍ତି ପାଇଁ ଏହା ଗୋଷ୍ଠୀକୁ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦେବ।

### ୨.୨.୧୦. ପରିବେଶ ଏବଂ ସାମାଜିକ ଦୃଷ୍ଟିକୋଣ (Environmental and Social Consideration)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ "ବନାୟନ" କାର୍ଯ୍ୟକ୍ରମ ଅଧୀନରେ ଛୋଟଛୋଟ ପ୍ରକଳ୍ପ ଯାହା ପରିବେଶ ଉପରେ ପ୍ରଭାବ ପକାଇବା ବା କାର୍ଯ୍ୟକ୍ଷମ ପାଇଁ କୌଣସି ପରିବେଶର ମଞ୍ଜୁରୀର ଆବଶ୍ୟକତା ପଡିବ, ତାହା ହାତକୁ ନିଆ ନଯାଇ, ଆର୍ଥିକ ଏବଂ ସାମାଜିକ ପ୍ରଗତିର ପରିକଳ୍ପନା କରାଯାଇଛି। ପୁନଶ୍ଚ ଉପରୋକ୍ତ କାର୍ଯ୍ୟକ୍ରମ ଗୁଡିକ ପରିବେଶ ଉପରେ କୌଣସି ନକରାତ୍ମକ ପ୍ରଭାବ ପକାଇବ ନାହିଁ। ଏହା ସମାଜ ଉପରେ ପକାଉଥିବା ପ୍ରଭାବ ଯଥା ପ୍ରଦୂଷଣ, ପ୍ରାକୃତିକ ବାସସ୍ଥଳୀର କ୍ଷତି, ଅନିଚ୍ଛାକୃତ ପୁନଃର୍ବାସ ଏବଂ ଲୋକମାନଙ୍କର କୌଣସି ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଭଳି ପରିସ୍ଥିତି ଉପନ୍ନ ହେବନାହିଁ। ଉପରୋକ୍ତ ବିଷୟ ଗୁଡିକୁ ଏଡାଇ ନଯିବା କିମ୍ବା କ୍ଷୟକ୍ଷତିର ସମ୍ଭାବନାକୁ ସୀମିତି ରଖିବା ଏହି ପ୍ରକଳ୍ପର ମୁଖ୍ୟ ଅଂଶ। ପ୍ରକଳ୍ପରୁ ମିଳୁଥିବା କିମ୍ବା ମିଳିଥିବା ସୁଫଳକୁ ଉଚିତ୍ ଭାବରେ ହିତାଧିକାରୀ ମାନଙ୍କ ମଧ୍ୟରେ ବଣ୍ଟନ ଏବଂ ଏହାର ସୁଫଳ ଯେପରି ସମସ୍ତ ହିତାଧିକାରୀଙ୍କୁ ପ୍ରାପ୍ତ ହେବ, ତାହା ଅଣୁ ଯୋଜନାର ଲକ୍ଷ୍ୟହେବ। ପ୍ରସ୍ତବିତ ଲୋକମାନଙ୍କର ଅଧିକାରକୁ ଯଥୋଚିତ ସମ୍ମାନ ଦିଆଯିବ ଏବଂ ଅବହେଳିତ ସାମାଜିକ ଦଳ ଯଥା ମହିଳା, ବୟୋଜ୍ୟେଷ୍ଠ ବ୍ୟକ୍ତି, ଦିବ୍ୟାଙ୍ଗ ସମସ୍ତ ଆଦିମ ଜନଜାତି ଓ ସଂଖ୍ୟା ଲଘୁ ସମ୍ପ୍ରଦାୟ ମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ଯେପରି ଏହି ଶ୍ରେଣୀର ଲୋକମାନେ ଅଣୁ ଯୋଜନାର ପ୍ରସ୍ତୁତ କରିବା ସମୟରେ ନିଷ୍ପତି ନେବାର ସମ୍ପୃକ୍ତ ହେବ ଓ ଏହି ପ୍ରକଳ୍ପରୁ ସୁଫଳ ପାଇବେ।

ଏହି ପ୍ରକଳ୍ପ ଯେପରି ପରିବେଶରେ କିମ୍ବା ସମାଜରେ କୌଣସି ନକରାତ୍ମକ ପ୍ରଭାବ ପକାଇବ ନାହିଁ, ତାହାକୁ ଅଗ୍ରାଧିକାର ଦିଆଯିବା ଉଚିତ୍, ଅଥଚ ଏହାର ନକରାତ୍ମକ ପ୍ରଭାବକୁ ହ୍ରସ କରିବା ପାଇଁ ଚିନ୍ତା କରାଯିବା ଉଚିତ୍। ପୁନଶ୍ଚ ପ୍ରକଳ୍ପ ଦ୍ୱାରା ଗ୍ରାମବାସୀମାନେ ପାଉଥିବା ଲାଭ ଯଦି ବିଭିନ୍ନ ଖର୍ଚ୍ଚ ଠାରୁ କମ୍ ହୁଏ ତେବେ ଉକ୍ତ ପ୍ରକଳ୍ପର ହ୍ରାସ କିମ୍ବା ବନ୍ଦ କରିବା କଥା ଚିନ୍ତା କରାଯାଇପାରେ।

## ୨.୩ ଅଣୁ ଯୋଜନା ପ୍ରସ୍ତୁତ କରିବା ପାଇଁ ପ୍ରାଥମିକ ଆବଶ୍ୟକତା (Pre-requisites for micro planning)

ଅଣୁ ଯୋଜନା ପ୍ରସ୍ତୁତ କାର୍ଯ୍ୟକ୍ରମ ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ସବୁ ଶେଷ ହୋଇଯିବା ଉଚିତ୍:

- ବନସୁରକ୍ଷା ସମିତି ଗଠନ ପ୍ରକ୍ରିୟା ସବୁ ଶେଷ ହୋଇଯିବା ଉଚିତ୍
- ବନସୁରକ୍ଷା ସମିତି ଗଠିତ ହେବା ପାଇଁ ବିଭିନ୍ନ ଆବଶ୍ୟକତା ମାନ ସମ୍ପୂର୍ଣ୍ଣ ହୋଇଥିବା ଦରକାର
  - ବନସୁରକ୍ଷା ସମିତି, ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କ ନିକଟରେ ପଞ୍ଜୀକୃତ ହୋଇଥିବା ଦରକାର
  - ପଞ୍ଜୀକରଣ ନମ୍ବର– ରାଜ୍ୟ ପାଇଁ ସ୍ୱତନ୍ତ୍ର କୋର୍ଡ ନମ୍ବର ବ୍ୟବହାର କରାଯାଇପାରେ
  - ବନସୁରକ୍ଷା ସମିତିର କ୍ରମିକ ନମ୍ବର, ଯୋଜନା କାର୍ଯ୍ୟକାରୀ ଦଳଙ୍କ ପାଖରେ ମହଜୁଦ ଥିବା ଦରକାର
  - ବନସୁରକ୍ଷା ସମିତିର କାର୍ଯ୍ୟକାରୀ କମିଟି ଗଠିତ ହୋଇଥିବା ଦରକାର ଏବଂ ତାହା ପଲ୍ଲୀସଭା ଦ୍ୱାରା ସ୍ୱକୃତି ଲାଭ କରିଥିବା ଆବଶ୍ୟକ।
  - ଅଣୁ ଯୋଜନା ତିଆରି ପାଇଁ କାର୍ଯ୍ୟକାରୀ ଦଳ ଗଠିତ ହୋଇଥିବା ଦରକାର।
- ସୁରକ୍ଷା ଦାୟିତ୍ୱରେ ଥିବା ଜଙ୍ଗଲର ସର୍ବେକ୍ଷଣ, ସୀମା ଚିହ୍ନଟ ଏବଂ ସେଥିରେ କରିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସେ ଅଞ୍ଚଳର ଚିହ୍ନଟ ହେବା ଉଚିତ୍।
- ବିଭିନ୍ନ ସମସ୍ୟର ତଥା ଗୋଷ୍ଠୀରେ ଥିବା ଅର୍ନ୍ତଦ୍ୱନ୍ଦର ସମ୍ଭାବ୍ୟ ସମାଧାନ
- ୧:୫୦୦୦୦ ସ୍କେଲରେ ମାନଚିତ୍ର ପ୍ରସ୍ତୁତି
  - ସେ ଅଞ୍ଚଳରେ ଥିବା ବିଭିନ୍ନ ବୃକ୍ଷରାଜିର ବର୍ଣ୍ଣନା ଏବଂ ଅଞ୍ଚଳ ଆକୃତିର ବିସ୍ତୃତି ବର୍ଣ୍ଣନା
  - ସମପାର୍ବତ୍ୟ ଉଚ୍ଚତାର ରୂପରେଖ ବର୍ଣ୍ଣନାସହ ମୃର୍ତ୍ତିକାର ଏବଂ ଭୂତଳ ଜଳସମ୍ପଦର ବିବରଣୀ ଓ ଏହାର ସୁରକ୍ଷା ବ୍ୟବସ୍ଥା

- ଅଣୁ ଯୋଜନା ସହାୟକ ପୁସ୍ତିକା, ଆବଶ୍ୟକ ତଥ୍ୟ ଜାଣିବାରେ ସହାୟତା ପାଇଁ ଓ ସଠିକ ଯୋଜନା ପ୍ରସ୍ତୁତି କରିବା ପାଇଁ ପାଖରେ ରଖିବା ଜରୁରୀ
- ଅନ୍ୟାନ୍ୟ ଦାୟିତ୍ୱ ସମ୍ପନ୍ନ ସଂସ୍ଥା ମାନଙ୍କରୁ ତଥ୍ୟ ସଂଗ୍ରହ
- ଦାୟିତ୍ୱ ସମ୍ପର୍କ ସଂସ୍ଥା

- ◆ ରାଜସ୍ୱ ନିରୀକ୍ଷକ
- ◆ ରାଜ୍ୟ ବନବିଭାଗ
- ◆ ପଞ୍ଚାୟତରାଜ ଅନୁଷ୍ଠାନ ସମୂହ
- ◆ ଶିକ୍ଷା/ସ୍ୱାସ୍ଥ୍ୟ/କୃଷି/ଉଦ୍ୟାନ/ପଶୁ ସମ୍ପଦ ବିଭାଗ ଇତ୍ୟାଦି

## ୩. ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସମ୍ବନ୍ଧରେ

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥାର ଆର୍ଥିକ ସହାୟତାରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଓଡିଶା ରାଜ୍ୟର ଜଙ୍ଗଲ ବିଭାଗର ସୁଦୃଢୀକରଣ ଓ ଜଙ୍ଗଲ ସମ୍ପଦର ବିକାଶ ପାଇଁ ଗଠିତ, ଗ୍ରାମ୍ୟ ଗୋଷ୍ଠୀମାନଙ୍କ ସହଯୋଗରେ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କ ଜୀବିକାର ଉନ୍ନତି, ପରିବେଶର ସଂରକ୍ଷଣ, ପ୍ରଗତି ଏବଂ ନିରନ୍ତର ବ୍ୟବହାର ପାଇଁ କରାଯାଇଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଯୁଗ୍ମ ବନପରିଚାଳନା ମାଧ୍ୟମରେ ଜଙ୍ଗଲରେ ପ୍ରାକୃତିକ ବାସସ୍ଥଳୀର ସୁରକ୍ଷା ସହିତ ନିରନ୍ତର ଜଙ୍ଗଲ ପରିଚାଳନା, ଜୈବବିବିଧତାର ସଂରକ୍ଷଣ ଏବଂ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରିବା ସହ ପରିବେଶର ସଂରକ୍ଷଣ ଦ୍ୱାରା ଓଡିଶାର ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ବିକାଶ ଘଟାଇବା।

ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି:

(କ) ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର ଏବଂ ଜଙ୍ଗଲ ସମ୍ବଳର ବୃଦ୍ଧି

(ଖ) ଜଙ୍ଗଲର ସୁପରିଚାଳନା ଓ ଏହାର ସୁନିୟନ୍ତ୍ରଣ, ଅନୁଷ୍ଠାନ ଗଠନ ଏବଂ ହିତାଧିକାରୀ ମାନଙ୍କ ସହାୟତାରେ ନିରନ୍ତର ଜଙ୍ଗଲ ପରିଚାଳନା ଓ ଏହାର ବିକାଶ ଘଟାଇବା

(ଗ) ଜୈବବିବିଧତାର ସଂରକ୍ଷଣ ଏବଂ ସୁପରିଚାଳନା

(ଘ) ଆନ୍ତଃ-ଅନୁଷ୍ଠାନ ମାନଙ୍କ ସହ ସଂଯୋଗୀକରଣ ବୃଦ୍ଧି କରିବା

(ଙ) ଚିହ୍ନଟ ପ୍ରାପ୍ତ ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀଙ୍କ ଆୟବୃଦ୍ଧି ଏବଂ ବିଭିନ୍ନ ଉନ୍ନତିମୂଳକ ଜୀବିକା ସୃଷ୍ଟି କାର୍ଯ୍ୟକ୍ରମ କରାଇବା

ଏହି ପ୍ରକଳ୍ପ ରାଜ୍ୟର ୧୪ଟି ବନଖଣ୍ଡ (୧୨ ଟି ଆଞ୍ଚଳିକ ବନଖଣ୍ଡ ଏବଂ ଦୁଇଟି ବନ୍ୟପ୍ରାଣୀ ବନଖଣ୍ଡ) ରେ କାର୍ଯ୍ୟ କରିବ। ଏହି ବନଖଣ୍ଡ ଗୁଡିକ, ଦଶଟି ରାଜସ୍ୱ ଜିଲ୍ଲା ଏବଂ ସାତଟି ବନମଣ୍ଡଳ ଅଞ୍ଚଳରେ ପରିବ୍ୟାପ୍ତ। ଉକ୍ତ ପ୍ରକଳ୍ପରେ ବର୍ଷକୁ ହାରାହାରି କେତୋଟି ଲେଖାଏ ବନସୁରକ୍ଷା ସମିତି/ ପରିବେଶ ଉନ୍ନୟନ ସମିତିକୁ ଏହି ବନଖଣ୍ଡର ବିଭିନ୍ନ ରେଞ୍ଜ (କ୍ଷେତ୍ର) ମାନଙ୍କରେ କାର୍ଯ୍ୟକରିବା ପାଇଁ ସାମିଲ କରାଯିବ ତାହାର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା :

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ 'ବନାୟନ' କାର୍ଯ୍ୟ ପାଇଁ ବନଖଣ୍ଡ/ କ୍ଷେତ୍ରିୟ ପରିଚାଳନା ସଂସ୍ଥା ଭିତ୍ତିରେ ବନସୁରକ୍ଷା ସମିତିର ପର୍ଯ୍ୟାୟକ୍ରମେ ଅନ୍ତର୍ଭୁକ୍ତ ସଂଖ୍ୟା ନିମ୍ନରେ ଲେଖାଗଲା।

| କ୍ର. ନଂ. | ବନଖଣ୍ଡର ନାମ | ରେଞ୍ଜ (କ୍ଷେତ୍ର)ର ନାମ | ବର୍ତ୍ତମାନ ଅବସ୍ଥିତ ଥିବା ବନ ସୁରକ୍ଷା ସମିତି ସଂଖ୍ୟା | କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ବନ ସୁରକ୍ଷା ସମିତିର ହାରାହାରି ସଂଖ୍ୟା | ପ୍ରଥମ ପର୍ଯ୍ୟାୟର ସଂଖ୍ୟା ୨୦୧୭-୧୮ | ଦ୍ୱିତୀୟ ପର୍ଯ୍ୟାୟର ସଂଖ୍ୟା ୨୦୧୮-୧୯ | ତୃତୀୟ ପର୍ଯ୍ୟାୟର ସଂଖ୍ୟା ୨୦୧୯-୨୦ | ଚତୁର୍ଥ ପର୍ଯ୍ୟାୟର ସଂଖ୍ୟା ୨୦୨୦-୨୧ | ସମୁଦାୟ ସଂଖ୍ୟା |
|---|---|---|---|---|---|---|---|---|---|
| ୧ | ବାରିପଦା (୧୫୦) | ବାଙ୍ଗିରିପୋଷି | ୧୫ | ୨୦ | - | ୨୦ | - | | ୨୦ |
| | | ବେତନଟୀ | ୯୪ | ୩୦ | ୨୪ | - | ୩୦ | | ୩୦ |
| | | ଡୁକୁରା | ୨୪ | ୨୪ | ୨୬ | - | - | | ୨୪ |
| | | କପ୍ତିପଦା | ୨୬ | ୨୬ | - | - | - | | ୨୬ |
| | | ପିଠାବଟା | ୨୯ | ୨୫ | - | ୨୫ | - | | ୨୫ |
| | | ଉଦଳା | ୨୭ | ୨୫ | ୨୦ | ୨୫ | - | | ୨୫ |

| | | | | | | | | | |
|---|---|---|---|---|---|---|---|---|---|
| ୨ | ରାଇରଙ୍ଗପୁର (୧୦୦) | ବାଦାମ ପାହାଡ | ୪୩ | ୨୦ | ୨୦ | – | – | – | ୨୦ |
| | | ବହଳଦା | ୪୮ | ୨୦ | ୨୦ | – | – | – | ୨୦ |
| | | ବିଶୋଇ | ୭୬ | ୨୦ | – | ୨୦ | – | – | ୨୦ |
| | | ମଣଦା | ୩୯ | ୨୦ | – | ୨୦ | – | – | ୨୦ |
| | | ରାଇରଙ୍ଗପୁର | ୬୧ | ୨୦ | – | ୨୦ | – | – | ୨୦ |
| ୩ | ଢେଙ୍କାନାଳ (୧୫୦) | ଢେଙ୍କାନାଳ | ୫୫ | ୨୫ | ୨୫ | – | – | – | ୨୫ |
| | | ହିନ୍ଦୋଳ | ୪୮ | ୨୫ | – | ୨୫ | – | – | ୨୫ |
| | | କେ.ନଗର (ପୂର୍ବ) | ୫୦ | ୨୫ | – | – | – | – | ୨୫ |
| | | କେ.ନଗର (ପଶ୍ଚିମ) | ୫୦ | ୨୫ | – | – | – | – | ୨୫ |
| | | କପିଳାଶ | ୩୨ | ୨୫ | – | – | ୨୫ | ୨୫ | ୨୫ |
| | | ଷଡଙ୍ଗୀ | ୪୮ | ୨୫ | – | – | ୨୫ | ୨୫ | ୨୫ |
| ୪ | କରଞ୍ଜିଆ (୧୦୦) | ଦୁଧିଆଣୀ | ୫୦ | ୨୫ | – | – | – | ୨୫ | ୨୫ |
| | | ଗୁଡୁଗୁଡିଆ | ୩୪ | ୨୦ | – | ୨୦ | | – | ୨୦ |
| | | କରଞ୍ଜିଆ | ୬୦ | ୨୦ | – | – | ୨୦ | – | ୨୦ |
| | | କେନ୍ଦୁ ମୁଣ୍ଡି | ୨୧ | ୨୦ | – | – | ୨୦ | – | ୨୦ |
| | | ଠାକୁରମୁଣ୍ଡା | ୩୪ | ୨୦ | – | – | – | ୨୦ | ୨୦ |
| ୫ | ସୁନ୍ଦରଗଡ (୧୫୦) | ବରଗାଁ | ୪୮ | ୩୦ | ୩୦ | – | – | – | ୩୦ |
| | | ହେମଗିରୀ | ୪୮ | ୩୦ | – | ୩୦ | – | – | ୩୦ |
| | | ଲେଫ୍ରିପଡା | ୪୫ | ୩୦ | – | – | ୩୦ | – | ୩୦ |
| | | ସୁନ୍ଦରଗଡ | ୮୬ | ୩୦ | – | – | ୩୦ | – | ୩୦ |
| | | ଉଜ୍ଜଳପୁର | ୬୦ | ୩୦ | ୩୦ | – | – | – | ୩୦ |
| ୬ | ଝାରସୁଗୁଡା (୮୦) | ବେଲପାହାଡ | ୨୪ | ୨୯ | ୨୯ | – | – | – | ୨୯ |
| | | ବାଗଡ଼ିହି | ୧୮ | ୨୦ | – | ୨୦ | – | – | ୨୦ |
| | | କୋଲାବିରା | ୩୧ | ୩୧ | – | ୩୧ | – | – | ୩୧ |
| ୭ | ସମ୍ବଲପୁର (୧୦୦) | ଧାମା | ୧୫ | ୧୫ | – | ୧୫ | – | – | ୧୫ |
| | | ପଡିଆବାହାଲ | ୪୦ | ୨୫ | ୨୫ | – | – | – | ୨୫ |
| | | ରେଙ୍ଗାଲୀ | ୮୩ | ୩୦ | – | – | ୩୦ | – | ୩୦ |
| | | ସଦର | ୫୯ | ୩୦ | ୩୦ | – | – | – | ୩୦ |
| ୮ | ସୁବର୍ଣ୍ଣପୁର (୭୫) | ସୋନପୁର | ୭୩ | ୨୫ | ୨୫ | – | – | – | ୨୫ |
| | | ଉଲୁଣ୍ଡା | ୭୭ | ୨୫ | – | ୨୫ | | – | ୨୫ |
| | | ବିନୀକା | ୩୩ | ୨୫ | – | | ୨୫ | – | ୨୫ |

| | | | | | | | | | |
|---|---|---|---|---|---|---|---|---|---|
| ୯ | ବୌଦ୍ଧ (୬୦) | ବୌଦ୍ଧ | ୫୨ | ୨୦ | ୨୦ | – | – | – | ୨୦ |
| | | କନ୍ଧମାଳ | ୨୩ | ୨୦ | – | ୨୦ | – | – | ୨୦ |
| | | ମନମୁଣ୍ଡା | ୨୮ | ୨୦ | – | | ୨୦ | – | ୨୦ |
| ୧୦ | ଆଠମଲ୍ଲିକ (୭୫) | ଆଠମଲ୍ଲିକ | ୨୩ | ୨୦ | ୨୦ | – | – | – | ୨୦ |
| | | ବାମୁର | ୪୭ | ୩୦ | – | – | | – | ୩୦ |
| | | ମାଧପୁର | ୨୯ | ୨୫ | – | ୨୫ | – | – | ୨୫ |
| ୧୧ | ଘୁମୁସର-ଉତ୍ତର (୧୦୦) | ଜଗନ୍ନାଥ ପ୍ରସାଦ | ୨୭ | ୨୫ | | ୨୫ | – | – | ୨୫ |
| | | ମୁଜାଗଡ | ୬୭ | ୨୫ | ୨୫ | | – | – | ୨୫ |
| | | ସେଣ୍ଟ୍ରାଲ | ୪୮ | ୨୫ | – | | | – | ୨୫ |
| | | ତାରସିଙ୍ଗ | ୫୫ | ୨୫ | – | – | – | ୨୫ | ୨୫ |
| ୧୨ | ଘୁମୁସୁର-ଦକ୍ଷିଣ (୬୦) | ବୁଗୁଡା | ୪୫ | ୨୦ | ୨୦ | – | – | – | ୨୦ |
| | | ସୋରୋଡ | ୩୧ | ୨୦ | – | ୨୦ | – | – | ୨୦ |
| | | ବଡଗଡ | ୨୮ | ୨୦ | – | – | ୨୦ | – | ୨୦ |
| | | **ସମୁଦାୟ** | **୨୧୮୮** | **୧୨୦୦** | **୩୫୯** | **୩୮୬** | **୩୩୦** | **୧୨୫** | **୧୨୦୦** |

## ୩.୧ ପ୍ରକଳ୍ପର ବିଭିନ୍ନ ଉପାଦାନ

### ୩.୧.୧ ପ୍ରାରମ୍ଭିକ କାର୍ଯ୍ୟ ସମୂହ

ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଇବା ପାଇଁ ପ୍ରକଳ୍ପ ପରିଚାଳନା ସଂସ୍ଥା (ପି.ଏମ୍.ୟୁ), ଖଣ୍ଡୀୟ ପରିଚାଳନା ସଂସ୍ଥା (ଡି.ଏମ୍.ୟୁ.), କ୍ଷେତ୍ରୀୟ ପରିଚାଳନା ସଂସ୍ଥା (ଏଫ୍.ଏମ୍.ୟୁ) ପ୍ରଥମ ବର୍ଷରେ ଗଠନ କରାଯିବ ଏବଂ ସେଥିପାଇଁ କର୍ମଚାରୀ ଏବଂ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବିଭିନ୍ନ ଦଳ ମାନଙ୍କୁ ମୁତୟନ କରାଯିବ। ପ୍ରଥମ ବର୍ଷ କାର୍ଯ୍ୟକ୍ରମ ପାଇଁ ପ୍ରଥମ ପର୍ଯ୍ୟାୟ ବନ ସୁରକ୍ଷା ସମିତି ମାନଙ୍କୁ ଚୟନ ଓ ପୁନଃଗଠନ କରି, ଗ୍ରାମ୍ୟ ସ୍ତରରେ ଜଙ୍ଗଲ ସମ୍ପର୍କୀୟ ଏବଂ ଜୀବିକା ପ୍ରସଙ୍ଗରେ କାର୍ଯ୍ୟକ୍ରମଥାଇ ଅଣୁ ଯୋଜନା ପ୍ରସ୍ତୁତ କରାଯିବା ଏବଂ ଏଥିରେ ଅନ୍ୟାନ୍ୟ ସରକାରୀ ବିଭାଗୀ ସମ୍ପୃକ୍ତ ପରିଯୋଜନା ମାନଙ୍କୁ ସଂଯୋଗୀକରଣ କରିବାରେ ସୁନିଶ୍ଚିତ କରାଯିବ।

| **୧. ପ୍ରାରମ୍ଭିକ ସ୍ତରରେ ବିଭିନ୍ନ କାର୍ଯ୍ୟାବଳୀ** | |
|---|---|
| ପ୍ରକଳ୍ପ ପରିଚାଳନା ସଂସ୍ଥା, ଖଣ୍ଡୀୟ ପରିଚାଳନା ସଂସ୍ଥା, କ୍ଷେତ୍ରୀୟ ପରିଚାଳନା ସଂସ୍ଥାର ଗଠନ, କର୍ମଚାରୀ ମାନଙ୍କୁ ମୁତୟନ | ଗୋଟିଏ ପ୍ରକଳ୍ପ ପରିଚାଳନା ସଂସ୍ଥା, ବାରଟି ବନଖଣ୍ଡ ପରିଚାଳନା ସଂସ୍ଥା, ପଚାଶଟି କ୍ଷେତ୍ରୀୟ ପରିଚାଳନା ସଂସ୍ଥା |
| ଗୋଷ୍ଠୀ ମାନଙ୍କର ଉନ୍ନୟନ ଏବଂ ସାମାଜିକ ଜଙ୍ଗଲ ପରିଚାଳନା ପାଇଁ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ମୁତୟନ | ବାରଟି ବନଖଣ୍ଡ ପରିଚାଳନା ସଂସ୍ଥାରେ ପଚାଶଟି ସ୍ୱେଚ୍ଛାସେବୀ ଦଳ |
| ପ୍ରକଳ୍ପ ପରିଚାଳନା ପାଇଁ ଯୋଜନା ପରିଚାଳନା ଦଳ ନିଯୁକ୍ତ (ନବମ ଉପାଦାନ) | ଗୋଟିଏ ଯୋଜନା ପରିଚାଳନା ଦଳ |
| ପ୍ରକଳ୍ପ ପରିଚାଳନା ସଂସ୍ଥା, ଖଣ୍ଡୀୟ ପରିଚାଳନା ସଂସ୍ଥା, କ୍ଷେତ୍ରୀୟ ପରିଚାଳନା ସଂସ୍ଥା ପାଇଁ ପ୍ରକଳ୍ପ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ | ଗୋଟିଏ ପ୍ରକଳ୍ପ ପରିଚାଳନା ସଂସ୍ଥା, ବାରଟି ବନଖଣ୍ଡ ପରିଚାଳନା ସଂସ୍ଥା, ପଚାଶଟି କ୍ଷେତ୍ରୀୟ ପରିଚାଳନା ସଂସ୍ଥା |
| ବନ ସୁରକ୍ଷା ସମିତି ମାନଙ୍କର ଚିହ୍ନଟ | ୧୨୦୦ ଟି ବନ ସୁରକ୍ଷା ସମିତିକୁ ଜଗାରଖା କରିବା ପାଇଁ ଦିଆଯାଇଥିବା ଜଙ୍ଗଲ ଅଞ୍ଚଳ |

| | |
|---|---|
| **ପ୍ରକଳ୍ପର ନିୟମାବଳୀ ପୁସ୍ତିକା/ ତାଲିମ ସାମଗ୍ରୀ ମାନଙ୍କର ସମୀକ୍ଷା ଏବଂ ପରିବର୍ତ୍ତନ** | |
| ବନସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ ସମିତିର କର୍ମକର୍ତ୍ତା ମାନଙ୍କୁ ଦାୟିତ୍ୱ ଦେବା ଓ କାର୍ଯ୍ୟରେ ଲଗାଇବା | ୨୪୦୦ଟି ପ୍ରକଳ୍ପ ସମୟରେ) + ୧୨୦୦ (ପ୍ରକଳ୍ପ ସମାପ୍ତି ପରେ) ବନସୁରକ୍ଷା ସମିତି ଓ ପରିବେଶ ସୁରକ୍ଷା ସମିତି କର୍ମକର୍ତ୍ତା |
| ଅଣୁ ଯୋଜନା | ୧୨୦୦ ଟି ବନସୁରକ୍ଷା ସମିତି |
| ଅଣୁ ଯୋଜନାର ସଂଶୋଧନ /ନବୀକରଣ (ଚତୁର୍ଥ ବର୍ଷରେ) | ୧୨୦୦ ଟି ବନସୁରକ୍ଷା ସମିତି |
| ବାର୍ଷିକ ଯୋଜନା | ୧୨୦୦ ଟି ବନସୁରକ୍ଷା ସମିତି |
| ସାମାଜିକ ଓ ପରିବେଶ ବିଷୟରେ ବିଚାର | ଗୋଟିଏ ପ୍ରକଳ୍ପ ପରିଚାଳନା ସଂସ୍ଥା, ବାରଟି ବନଖଣ୍ଡ ପରିଚାଳନା ସଂସ୍ଥା, ପଚାଶଟି କ୍ଷେତ୍ରୀୟ ପରିଚାଳନା ସଂସ୍ଥା |
| **୨. ନିରନ୍ତର ଓ ସହନଶୀଳ ଜଙ୍ଗଲ ପରିଚାଳନା** | |
| ଯୁଗ୍ମ ବନ ପରିଚାଳନା ମାଧ୍ୟମରେ (ସ୍ଥାନ ଭତ୍ତିକ ଯୋଜନା ଓ ଅନୁଧ୍ୟାନ) | ୧୨୦୦ ଟି ବନସୁରକ୍ଷା ସମିତି |
| ପ୍ରାକୃତିକ ନାଳର ଉପାଚାର (ବାହ୍ୟ ମୃତ୍ତିକ ସଂରକ୍ଷଣ କାର୍ଯ୍ୟକ୍ରମ) | ୧୫୦୦ ହେକ୍ଟର |
| ସହାୟକ ପ୍ରାକୃତିକ ପୁନଃର୍ଜନନ | ୫୧,୦୦୦ ହେକ୍ଟର |
| ବ୍ଲକ (ଖାଲିଜାଗାରେ ଏକତ୍ର) ବନୀକରଣ | ୬,୦୦୦ ହେକ୍ଟର |
| ଅଗ୍ନି ପ୍ରତିରୋଧ କାର୍ଯ୍ୟକ୍ରମ | ୧,୭୧୦ କିମି |
| ଅଣ ଯୁଗ୍ମ ଜଙ୍ଗଲ ପରିଚାଳନା ପଦ୍ଧତିରେ ଜଙ୍ଗଲ ବନ୍ଦୋବସ୍ତ ଏବଂ ଜଙ୍ଗଲ ସୀମା ନିର୍ଦ୍ଧାରଣ କାର୍ଯ୍ୟ | ୧,୮୯୮ କିମି |
| ନୂତନ ଭାବରେ ପ୍ରସ୍ତୁତ / ଆଗରୁ ଥିବା ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ରର ଉନ୍ନତୀକରଣ | ୬ଟି ଚାରା ଉତ୍ପାଦନ କେନ୍ଦ୍ର |
| ଅଣଯୁଗ୍ମ ଜଙ୍ଗଲ ପରିଚାଳନା ପଦ୍ଧତିରେ ପ୍ରାକୃତିକ ନାଳର ଉପଚାର କାର୍ଯ୍ୟ (ବାହ୍ୟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ) | ୭୫୦ ହେକ୍ଟର |
| ଉଦ୍ୟାନ କୃଷି ଜଙ୍ଗଲ ସୃଷ୍ଟି | ୧୦,୦୦୦ ହେକ୍ଟର |
| **୩. ନିରନ୍ତର ଜୈବ ବିବିଧତା ପରିଚାଳନା** | |
| ସାତୋୟମ ପଦ୍ଧତି ଅନୁସରଣ ନିରନ୍ତର ଜୈବବିବିଧତା ପରିଚାଳନା | ଗୋଟିଏ ଅଭୟାରଣ୍ୟ (ଦୁଇଟି ଅଣୁ ଜଳ ବଭାଜିକା) |
| ଭିତରକନିକାରେ ବୈଜ୍ଞାନିକ ଅନୁଶୀଳନ ପ୍ରକ୍ରିୟା ସ୍ଥାପନ | ଗୋଟିଏ ଅଭୟାରଣ୍ୟ |

| ୪. ଜୀବିକାର ଉନ୍ନତିକରଣ | |
|---|---|
| ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ମାନଙ୍କ ପାଇଁ ଗୋଷ୍ଠୀ ଉନ୍ନୟନ ପାଣ୍ଠି ଓ ଜୀବିକା ସମ୍ପଦ କେନ୍ଦ୍ର | ୩୬୦୦ ମହିଳା ସ୍ୱୟଂ ସହାୟକ ଦଳ ଅନ୍ତତଃ ପକ୍ଷେ ୫ଟି ପୁଞ୍ଜ (କ୍ଲଷ୍ଟର) ଗଠନ |
| **୫. ତାଲିମ ମାଧ୍ୟମରେ ଉନ୍ନତୀକରଣ** | |
| କାର୍ଯ୍ୟକାରୀ ସଂସ୍ଥା | ୧ଟି ପ୍ରକଳ୍ପ ପରିଚାଳନା ସଂସ୍ଥା, ୧୨ ଖଣ୍ଡୀୟ ପରିଚାଳନା ସଂସ୍ଥା, ୫୦ଟି କ୍ଷେତ୍ରୀୟ ପରିଚାଳନା ସଂସ୍ଥା |
| ଗୋଷ୍ଠିଗତ ଅନୁଷ୍ଠାନ | ୧୨୦୦ ଟି ବନସୁରକ୍ଷା ସମିତି |
| ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ତାଲିମ | ୫୦ଟି ସହାଭାଗୀ ସ୍ୱେଚ୍ଛାସେବୀ ଦଳ |
| ଗ୍ରାମସଚେତକ ମାନଙ୍କର ତାଲିମ (ଆନିମେଟର) | ୨୪୦୦ଟି ଗ୍ରାମସଚେତକ |
| ଖଣ୍ଡୀୟ ସ୍ତରରେ ବିଭିନ୍ନ ଉତ୍ପାଦିତ ସାମଗ୍ରୀ ପ୍ରସ୍ତୁତର ପୁଞ୍ଜ (କ୍ଲଷ୍ଟର) ଓ ପୁଞ୍ଜ ଗଠନ ପାଇଁ ପ୍ରୋତ୍ସାହନ | ୧୨ଟି ଖଣ୍ଡୀୟ ବନ ପରିଚାଳନା ସଂସ୍ଥା |
| ତାଲିମ ଏବଂ ଫାର୍ମ ଫରେଷ୍ଟ୍ରି କାର୍ଯ୍ୟକ୍ରମର ସଂପ୍ରସାରଣ କାର୍ଯ୍ୟକ୍ରମ | ୧୨୦୦ଟି ବନ ସୁରକ୍ଷା ସମିତି ପର୍ଯ୍ୟନ୍ତ |

### ୩.୧.୨ ନିରନ୍ତର ଜଙ୍ଗଲ ପରିଚାଳନା


ଯୁଗ୍ମ ବନପରିଚାଳନା ମାଧ୍ୟମରେ ନିରନ୍ତର ଜଙ୍ଗଲ ପରିଚାଳନା କରିବା ଭିତ୍ତିରେ ସହାୟକ ପ୍ରାକୃତିକ ପୁନଃର୍ଜନନ, (ଏକତ୍ରିତ) ବ୍ଲକ ବୃକ୍ଷ ରୋପଣ, ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ଏବଂ ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା ମାନ ଅନ୍ତର୍ଭୁକ୍ତ କରାଯାଇଛି। ଅଣଯୁଗ୍ମ ଜଙ୍ଗଲ ପରିଚାଳନା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଜଙ୍ଗଲ ଜମିର ବନ୍ଦୋବସ୍ତ, ସୀମା ନିର୍ଦ୍ଧାରଣ ଉଚ୍ଚ ବୈଷୟିକ ଜ୍ଞାନ ଉପଯୋଗରେ ଚାରା ରୋପଣ କେନ୍ଦ୍ର ଏବଂ ଜଙ୍ଗଲ ମଧ୍ୟରେ ବିଭିନ୍ନ ବାହ୍ୟ ସହାୟକ ମୃତ୍ତିକା ଏବଂ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ମାନ କରାଯାଏ।

### ୩.୧.୨.୧ ଜଙ୍ଗଲ କୃଷି ପଦ୍ଧତି

ଜଙ୍ଗଲ ବାହାରେ ଥିବା ବୃକ୍ଷ ମାନଙ୍କର ସାନ୍ଦ୍ରତା ବୃଦ୍ଧିକରି ଜଙ୍ଗଲ ଅଞ୍ଚଳର ବୃଦ୍ଧି କରାଇବା ପାଇଁ କୃଷି ଜଙ୍ଗଲ କାର୍ଯ୍ୟକ୍ରମ ଗ୍ରାମ ସୀମାରେ ଥିବା ବନସୁରକ୍ଷା ସମିତି ମାଧ୍ୟମରେ ପ୍ରକଳ୍ପ ଅଞ୍ଚଳର ଚାଷୀ ମାନଙ୍କର ସମୁଦାୟ ୧୦୦୦୦ ହେକ୍ଟର ଜମିରେ କାର୍ଯ୍ୟକାରୀ କରାଯିବା। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କୃଷି ଜଙ୍ଗଲ କାର୍ଯ୍ୟକ୍ରମ ବିଭାଗ, ଜଙ୍ଗଲ ବାହାରେ ବୃକ୍ଷ ମାନଙ୍କର ସାନ୍ଦ୍ରତା ବୃଦ୍ଧିକୁ ଲକ୍ଷ୍ୟ ରଖି ବନସୁରକ୍ଷା ସମିତିର ସଭ୍ୟ ମାନଙ୍କ ଜୀବିକା ବୃଦ୍ଧି କାର୍ଯ୍ୟକ୍ରମକୁ ସଫଳ କରିବ। ଏହି କାର୍ଯ୍ୟକ୍ରମ ଜମି ବନ୍ଦୋବସ୍ତ ପଦ୍ଧତିରେ ପ୍ରତି ବନସୁରକ୍ଷା ସମିତିର ଅଞ୍ଚଳରେ ଅତିକମରେ ୪ ହେକ୍ଟର ଏବଂ ଅତିବେଶୀରେ ୫୦ ହେକ୍ଟର ଜମିରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ପାଖରେ ଥିବା ଅନ୍ୟୁନ୍ୟ ୦.୨ହେକ୍ଟର ଜମିରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପାଖରେ ଥିବା ଅନ୍ୟୁନ୍ୟ ୦.୨ ହେକ୍ଟର ଜମି ବନୀକରଣ ପାଇଁ ଦିଆଯିବ ଏବଂ ଅନ୍ୟୁନ୍ୟ ୧୦୦ଟି ଗଛ ଜମି ହିଡରେ ବନୀକରଣ ପାଇଁ ଉପଲବ୍ଧ ଥିବା ଜରୁରୀ। ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ସର୍ବୋଚ୍ଚ ୧ ହେକ୍ଟର ପରିମାଣ ଜମିରେ ବ୍ଲକ ବନୀକରଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରକାର ବନୀକରଣ ହେଉଛି ଯଥା ଗଣ୍ଡିଜାତୀୟ ବୃକ୍ଷ/ପ୍ଲାଏ ଉଡ୍, କାଗଜ ପାଇଁ ଉପୋଯୋଗୀ ବୃକ୍ଷ / ମଞ୍ଜିରୁ ମିଳୁଥିବା ତେଲ ଜାତୀୟ ବୃକ୍ଷ/ ଲଘୁବନଜାତ ପଦାର୍ଥ ସମ୍ବନ୍ଧୀୟ ବୃକ୍ଷ /କୃଷି ଫଳ ଋକ୍ଷ ସମ୍ବନ୍ଧୀୟ ବୃକ୍ଷ। ପ୍ରକଳ୍ପ ଆରମ୍ଭ ହେବାର ତୃତୀୟ ବର୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରାଯିବା ଏବଂ ତା ପରବର୍ତ୍ତୀ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ବନସୁରକ୍ଷା ସମିତି ମାଧ୍ୟମରେ ବଞ୍ଚିଥିବା ବୃକ୍ଷର ସଂଖ୍ୟାକୁ ଆଖି ଆଗରେ ରଖି କୃଷକ ମାନଙ୍କୁ ପ୍ରୋତ୍ସାହନ ଅର୍ଥ ପ୍ରଦାନ କରାଯିବ। ଅଣୁ ଯୋଜନାରେ କୃଷକ ମାନଙ୍କୁ ଚୟନ କରି କେଉଁ ଉପାୟରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ, ସେ ବିଷୟରେ ଉଲ୍ଲେଖ କରାଯିବ ଏବଂ କୃଷି ଜଙ୍ଗଲ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଅଣ ଯୁଗ୍ମ ବନ ପରିଚାଳନା ମାଧ୍ୟମରେ କାର୍ଯ୍ୟକାରୀ କରାଯିବ।

### ୩.୧.୩ ନିରନ୍ତର ଜୈବବିବିଧତା ପରିଚାଳନା

ଏହି କ୍ରମରେ, ବାମରା ବନ୍ୟପ୍ରାଣୀ ବନଖଣ୍ଡରେ ସାତୋୟାମା ପଦ୍ଧତି ଅନୁସରଣରେ ଭୂଭାଗର ପ୍ରାକୃତିକ ଆକୃତିକୁ ଆଧାର କରି ପ୍ରାକୃତିକ ସମ୍ବଳର ପରିଚାଳନା ପାଇଁ ୬ଟି ମୁଖ୍ୟ କାର୍ଯ୍ୟକ୍ରମ ପରୀକ୍ଷା ମୂଳକ ଭାବରେ କାର୍ଯ୍ୟକାରୀ କରାଯିବାର ବନ୍ଦୋବସ୍ତ କରାଯାଇଛି। ଏହା ଛଡା ଭିତରକନିକା ଅଭୟାରଣ୍ୟରେ ପରସ୍ପର ମଧ୍ୟରେ ନିର୍ଭରଶୀଳ ଜୈବସମାଜ ଏବଂ ପରିବେଶର ଉତ୍ତମ ପରିଚାଳନା ପାଇଁ ଏବଂ ସେଗୁଡିକ ଉପରେ ନଜର ରଖିବା ପାଇଁ ଏକ ପରିବେଶର ସ୍ୱାସ୍ଥ୍ୟ ସୂଚନା ପତ୍ର (କାର୍ଡ) ବ୍ୟବସ୍ଥାର ପ୍ରଚଳନ କରାଯିବାର ବନ୍ଦୋବସ୍ତ କରାଯାଇଛି।




**ଚିତ୍ର-୧:** ନିରନ୍ତର ଜୈବବିବିଧତା ପରିଚାଳନା ପଦ୍ଧତି

## ୩.୧.୪. ଜୀବିକାର ବିକାଶ

ଓଡିଶା ଜୀବିକା ନିର୍ବାହ ମିଶନ କାର୍ଯ୍ୟକ୍ରମ ଅନୁକରଣରେ ଅଣୁ ଯୋଜନାରେ ବନ ସୁରକ୍ଷା ସମିତି ମାନଙ୍କ ପାଇଁ ଦିଆଯାଇଥିବା ବିଭିନ୍ନ ଲକ୍ଷ୍ୟଗୁଡିକୁ ଦୃଷ୍ଟିରେ ରଖି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯକ୍ରମ ହାତକୁ ନିଆଯିବ। ସ୍ୱତନ୍ତ୍ର ବ୍ୟବସାୟିକ ପ୍ରକ୍ରିୟାରେ ସାହାଯ୍ୟ କରିବା ଯଥା ବ୍ୟବସାୟିକ ଯୋଜନା ପ୍ରସ୍ତୁତି, ବ୍ୟବସାୟ ଚଳାଇବା, ସଂଗ୍ରହ ହୋଇଥିବା ଦ୍ରବ୍ୟର ଉନ୍ନତିକରଣ, ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ପୁଞ୍ଜ (କ୍ଲଷ୍ଟର) ମାନ ଗଠନ କରିବା ଏବଂ ଏହାଦ୍ୱାରା ଗୋଷ୍ଠୀ ଏବଂ ବେସରକାରୀ ଅନୁଷ୍ଠାନ ମାନଙ୍କର ସହାୟତାରେ ବିଭିନ୍ନ ପଦକ୍ଷେପମାନ ନେଇ ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ ସ୍ୱାବଲମ୍ବ କରାଇବା ପାଇଁ ଗୋଟିଏ ଜୀବିକା ସମ୍ବଳ କେନ୍ଦ୍ର (LRC), ବିଭିନ୍ନ ଉପଦେଶ ପ୍ରଦାନ ପାଇଁ ପ୍ରକଳ୍ପ ପ୍ରତିଷ୍ଠାର ତୃତୀୟ ବର୍ଷରେ ଗଠନ କରିବାର ପ୍ରସ୍ତାବ ରଖାଯାଇଛି, ଏହି ଜୀବିକା ସମ୍ବଳ କେନ୍ଦ୍ର (LRC) ବିଭିନ୍ନ ପୁଞ୍ଜ ମାନଙ୍କର ବ୍ୟବସାୟିକ ବିକାଶ କାର୍ଯ୍ୟକ୍ରମ ପାଇଁ ଗୋଟିଏ ଉତ୍ସର୍ଗୀକୃତ ଅନୁଷ୍ଠାନ ଭାବେ କାର୍ଯ୍ୟକରିବ ଏବଂ ଗୋଷ୍ଠୀ ମାନଙ୍କର ଉନ୍ନତି ପାଇଁ ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କ ସାଥିରେ ଭାଗୀଦାରୀ ହେବା ପାଇଁ ସୁବିଧା ଓ ସୁଯୋଗ ସୃଷ୍ଟି କରାଇବ। ବନସୁରକ୍ଷା ସମିତି ପାଇଁ ପ୍ରସ୍ତୁତ ହେଉଥିବା ଅଣୁ ଯୋଜନା ଗୋଟିଏ ଗୋଟିଏ ଗ୍ରାମୀଣ ପ୍ରଗତିର ଯୋଜନା ସ୍ୱରୂପ ହେବା ଉଚିତ ଯେଉଁଥିରେ ଗ୍ରାମର ସମସ୍ତ ପ୍ରକାର ଜୀବିକା ଅର୍ଜନର ପନ୍ଥା ମାନଙ୍କୁ ଲିପିବଦ୍ଧ କରଯିବ ଏବଂ ସମସ୍ତ ଚେଷ୍ଟା କରିବାକୁ ହେବ ଯେପରି ବିଭିନ୍ନ ପଞ୍ଚାୟତ ସ୍ତରୀୟ ଅନୁଷ୍ଠାନ ମାନଙ୍କ ସଂଯୋଗୀକରଣ ସହାୟତାରେ ଏଗୁଡିକ ସଫଳ ଭାବରେ କାର୍ଯ୍ୟକାରୀ ହେବ। ଏହା ଆଶା କରାଯାଏ ଯେ, ଗ୍ରାମସଭା ଗୁଡିକ ଭବିଷ୍ୟତରେ କାର୍ଯ୍ୟକାରୀ ହେଉଥିବା ଉପରୋକ୍ତ ପ୍ରକଳ୍ପ ଗୁଡିକୁ ନିଜର କରିନେବେ।

## ୩.୧.୫. ଦକ୍ଷତା ବିକାଶ

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଏକାଠି ହୋଇ କାର୍ଯ୍ୟ ସମ୍ପନ୍ନ କରୁଥିବା କର୍ମଚାରୀ ଏବଂ ବିଭିନ୍ନ ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା ମାନଙ୍କର ସାମର୍ଥ୍ୟ ବୃଦ୍ଧି ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ତାଲିମର ବ୍ୟବସ୍ଥା କରାଯିବ। ଏହାଛଡା କାର୍ଯ୍ୟକ୍ରମ ନିର୍ବାହ କରିବା ପାଇଁ ଦରକାର ପଡୁଥିବା ବିଭିନ୍ନ ବୈଷୟିକ ଏବଂ ପରିଚାଳନାଗତ ତାଲିମ, ଲିଙ୍ଗଗତ ଭିତ୍ତିକ ସ୍ୱତନ୍ତ୍ର ତାଲିମର ବ୍ୟବସ୍ଥା କରାଯାଇଛି। ତା ଛଡା ବନ ସୁରକ୍ଷା ସମିତିର, ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର କାର୍ଯ୍ୟକାରୀ କମିଟି ମାନଙ୍କର ସଭ୍ୟସଭ୍ୟା ଏବଂ ସାଧାରଣ ସଭ୍ୟସଭ୍ୟା ମାନଙ୍କର ବିଭିନ୍ନ ପରିଚାଳନା ଏବଂ ବୈଷୟିକ ଜ୍ଞାନର ଉନ୍ନତି ପାଇଁ ବିଭିନ୍ନ ତାଲିମ ଏହି ପ୍ରକଳ୍ପ ଅଧୀନରେ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ରହିଛି।


| | |
|---|---|
| ପ୍ରକଳ୍ପ/ ଖଣ୍ଡୀୟ/ କ୍ଷେତ୍ରୀୟ ପରିଚାଳନା ସଂସ୍ଥା | • ପରିଚାଳନା ଗତ/ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ<br>• କାରିଗରୀ/ ବୈଷୟିକ ଜ୍ଞାନର ବ୍ୟବସ୍ଥା<br>• ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ / ଏମ.ଆଇ,ଏସ.,ଜି.ଆଇ.ଏସ୍.<br>• ଲିଙ୍ଗ<br>• ପରିବେଶାତ୍ମକ ଓ ସାମାଜିକ ବିଚାର<br>• ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପରିଭ୍ରମଣ |
| ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା | • ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟର ରୂପରେଖ ଏବଂ ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା ମାନଙ୍କର କର୍ତ୍ତବ୍ୟ<br>• ତାଲିମଦାତାଙ୍କ ପାଇଁ ତାଲିମ ବ୍ୟବସ୍ଥା : ଅଣୁଯୋଜନା<br>• ବନ ସୁରକ୍ଷା ସମିତି/ ପରିବେଶ ଉନ୍ନୟନ ସମିତି ମାନଙ୍କର ପରିଚାଳନା<br>• ଗୋଷ୍ଠୀ ଉନ୍ନୟନ ପାଣ୍ଠି/ ଆବର୍ତ୍ତନ ପାଣ୍ଠି |
| ବନ ସୁରକ୍ଷା ସମିତି/ ଗୋଷ୍ଠୀ ଗତ ସଂସ୍ଥା | • ବନ ସୁରକ୍ଷା ସମିତି ମାନଙ୍କର ପୁନର୍ଗଠନ<br>• ଅଣୁ ଯୋଜନା ସମ୍ବନ୍ଧୀୟ ସାଧାରଣ ଶିକ୍ଷା<br>• ନଥିପତ୍ର ପ୍ରସ୍ତୁତ ଏବଂ ସେମାନଙ୍କୁ ଠିଭାବରେ ସଜାଇ ରଖିବା ଶିକ୍ଷା<br>• ଜଙ୍ଗଲ ସୁରକ୍ଷା ଏବଂ ପରିଚାଳନା<br>• ନିରନ୍ତର ଜୈବବିବିଧତା ପରିଚାଳନା<br>• ଅନୁଷ୍ଠାନର ବିକାଶ<br>• ସାମାଜିକ ସମୀକ୍ଷା<br>• ଆକସ୍ମିକ ଦୁର୍ବିପାକରେ ଗୋଷ୍ଠୀ ମାନଙ୍କ ପରିଚାଳନା<br>• ମନୁଷ୍ୟ : ବନ୍ୟପ୍ରାଣୀ ସଂଘର୍ଷ<br>• ବିଭିନ୍ନ କର୍ମଶାଳାର ଆୟୋଜନ |
| ଗ୍ରାମସଚେତକ (Animators) | • ଗ୍ରାମ ସଚେତକ ଏବଂ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କ କର୍ତ୍ତବ୍ୟ<br>• ଅଣୁ ଯୋଜନା ଏବଂ ସଂଯୋଗୀକରଣ ପ୍ରକ୍ରିୟା ପାଇଁ ଶିକ୍ଷା<br>• ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ |

## ୪. ଆନ୍ତ-ବିଭାଗ ମଧ୍ୟରେ ସଂଯୋଗୀକରଣ ସ୍ଥାପନ (Inter-sector convergence)

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଆନ୍ତଃ-ବିଭାଗ ମଧ୍ୟରେ ସଂଯୋଗୀକରଣ ତଥା ଗୋଷ୍ଠୀ ମାନଙ୍କର ସର୍ବାଙ୍ଗୀନ ବିକାଶକୁ ଏବଂ ନିଶ୍ଚିତ ନିରନ୍ତର ଜଙ୍ଗଲ ପରିଚାଳନା ପ୍ରକ୍ରିୟାକୁ ଅତ୍ୟଧିକ ପ୍ରାଧାନ୍ୟ ଦିଆଯାଇଛି । ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ, ବନସୁରକ୍ଷା ସମିତି ଦ୍ୱାରା ପ୍ରସ୍ତୁତ ଅଣୁ ଯୋଜନା, ଜଙ୍ଗଲ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କ ସର୍ବାଙ୍ଗୀନ ବିକାଶ ଓ ଆବଶ୍ୟକତାକୁ ପୂରଣ କରିପାରିବା ପାଇଁ ଯୋଜନାବଦ୍ଧ । ତେଣୁ ବନସୁରକ୍ଷା ସମିତି ସ୍ତରରେ ଅଣୁ ଯୋଜନା ହେଉଛି ଗୋଟିଏ ମଞ୍ଚ, ଯାହା ଗୋଷ୍ଠୀ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ରୂପାୟନ କରାଇବା ସହିତ ନିରନ୍ତର ଜଙ୍ଗଲ ପରିଚାଳନା କରାଇଥାଏ । ଗୋଷ୍ଠୀ ମାନଙ୍କର ସର୍ବାଧିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟାନ୍ୟ ସରକାରୀ ପରିଯୋଜନା (ସ୍କିମ୍) ଏବଂ କାର୍ଯ୍ୟକ୍ରମର ସଂଯୋଗୀକରଣ ପ୍ରକ୍ରିୟା ମାଧ୍ୟମରେ କିପରି ପ୍ରକଳ୍ପ ରୂପାୟନ ହୋଇପାରିବ ତାହା ଉପରେ ତୀକ୍ଷଣ ଦୃଷ୍ଟି ରଖାଯିବ । ବିଭିନ୍ନ ମାଧ୍ୟମରେ ସଂଯୋଗୀକରଣ ସୁନିଶ୍ଚିତ କରାଇବା ପାଇଁ ରାଜ୍ୟ ଜିଲ୍ଲା, ବ୍ଲକ, ଗ୍ରାମ ପଞ୍ଚାୟତ ଏବଂ ଗ୍ରାମ୍ୟସ୍ତର ପର୍ଯ୍ୟନ୍ତ ସମନ୍ୱୟ ସ୍ଥାପନ କରି ଓଡିଶା ବନାଞ୍ଚଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଅଛି ।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଭାଗ-ବିଭାଗ ମଧ୍ୟରେ ଏବଂ ପ୍ରକଳ୍ପ -ପ୍ରକଳ୍ପ ମଧ୍ୟରେ ସଂଯୋଗୀକରଣ ପ୍ରକିୟାରେ ସୁବିଧା ଏବଂ ଅନୁଧ୍ୟାନ ପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗୋଟିଏ ଜିଲ୍ଲା ଉପଦେଷ୍ଟା କମିଟି ଗଠନ କରାଯାଇଛି, ସେଥିପାଇଁ ପଞ୍ଚାୟତ ସମିତି ସ୍ତରରେ ବିଭିନ୍ନ ସରକାରୀ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ମିଶ୍ରଣ ପାଇଁ ସଂପ୍ରସାରଣ ଅଧିକାରୀ ମାନଙ୍କୁ ଅଣୁ ଯୋଜନା ପ୍ରସ୍ତୁତ ସମୟରେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ବନ ସୁରକ୍ଷା ସମିତି ସ୍ତରରେ କରାଯାଇଥିବା ବାର୍ଷିକ ଯୋଜନାକୁ ପଲ୍ଲୀସଭାରେ ଅନୁମୋଦନ ପାଇଁ ପ୍ରେରଣ କରାଯିବ ଏବଂ ତାପରେ ତାହା ଗ୍ରାମପଞ୍ଚାୟତ ସ୍ତରରେ ଥିବା ଗ୍ରାମସଭା ଏବଂ ପରେ ବ୍ଲକ ସ୍ତରରେ ଥିବା ପଞ୍ଚାୟତ ସମିତିକୁ ଏବଂ ସର୍ବଶେଷରେ ଅଣୁ ଯୋଜନାରେ ବିଭିନ୍ନ ସରକାରୀ ପ୍ରକଳ୍ପ ମାନଙ୍କର ସମ୍ମିଶ୍ରଣର ଅନୁମୋଦନ ପାଇଁ ଜିଲ୍ଲା ସ୍ତରରେ, ଜିଲ୍ଲା ପରିଷଦଙ୍କୁ ପ୍ରେରଣ କରାଯିବ ।




**ଚିତ୍ର-୨: ଅଣୁଯୋଜନା ମାଧ୍ୟମରେ ପ୍ରଗତିର ପଥ**

## ୪.୧ ବନସୁରକ୍ଷା ସମିତି ସ୍ତରରେ ସଂଯୋଗୀକରଣ (VSS Level)

ବନ ସୁରକ୍ଷା ସମିତି, ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା ସହାୟତାରେ ଗ୍ରାମ ପାଇଁ ଏକ ବାର୍ଷିକ ଯୋଜନା ପ୍ରସ୍ତୁତ କରନ୍ତି ଯାହାକି ସଂଯୋଗୀକରଣ ପ୍ରକ୍ରିୟା ଦ୍ୱାରା ଗ୍ରାମ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ପଲ୍ଲୀ ସଭାର ଅନୁମୋଦନ ଲାଭ କରେ । ସବୁ ବିଭାଗରେ ବିଭିନ୍ନ ବିକାଶମୂଳକ ପରିକଳ୍ପନା ଏବଂ କାର୍ଯ୍ୟକ୍ରମ ମାନ ଏକାଠି କରି ଅଣୁ ଯୋଜନା ପ୍ରସ୍ତୁତ କଲାବେଳେ ସେଗୁଡ଼ିକୁ ସବୁ ଦିଗରୁ ବିଚାର କରାଯାଏ ଓ ଲୋକମାନଙ୍କର ଆବଶ୍ୟକତା ମୁତାବକ ବିଭିନ୍ନ କାର୍ଯ୍ୟକ୍ରମକୁ ହାତକୁ ନିଆଯାଏ । ବନ ସୁରକ୍ଷା ସମିତି, ଗ୍ରାମପଞ୍ଚାୟତ ସହ ବିଚାର ବିମର୍ଶ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସାମାଜିକ ସୁରକ୍ଷା, ଖାଦ୍ୟସୁରକ୍ଷା, ଗ୍ରାମୀଣ ବାସଗୃହ ଯୋଗାଣ ପ୍ରଭୃତି କାର୍ଯ୍ୟକ୍ରମକୁ ଅଣୁ ଯୋଜନାରେ ଅନ୍ତର୍ଭୁକ୍ତ କରେ । ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା, ଗ୍ରାମସଚେତକ ମାନେ ତୃଣମୂଳ ସ୍ତରରେ ବିଭିନ୍ନ ବିଭାଗ ସହ ସମ୍ପର୍କ ସ୍ଥାପନ କରନ୍ତି ଏବଂ ଗ୍ରାମସଚେତକ ଓ ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା ମାନେ ଗ୍ରାମ୍ୟସ୍ତରର ଥିବା ବିଭିନ୍ନ କମିଟି ଯଥା ମୃତ୍ତିକା ସଂକ୍ଷଣ (SMC), ଜଳ ଓ ପରିମଳ (Watsan), ଜଳ ବିଭାଜିକା (WDC), ସ୍ୱାସ୍ଥ୍ୟ, ଜଳ ବ୍ୟବହାରକାରୀ କମିଟି ପ୍ରଭୃତିଙ୍କ ସହ ସହଯୋଗ ସ୍ଥାପନ ଓ ସମନ୍ୱୟ ରକ୍ଷା କରବା ପାଇଁ ବନ ସୁରକ୍ଷା ସମିତିକୁ ସବୁ ସମୟରେ ସାହାଯ୍ୟ କରନ୍ତି ।

## ୪.୨ କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସ୍ତର (DMU Level)

କ୍ଷେତ୍ରୀୟ ପରିଚାଳନା ସଂସ୍ଥାର ମୁଖ୍ୟ, ପ୍ରକଳ୍ପର କର୍ମଚାରୀ ଏବଂ ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥାର ସହାୟତା ନେଇ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ସଂଯୋଗୀକରଣ କରି ବନ ସୁରକ୍ଷା ସମିତି ମାନଙ୍କର ବାର୍ଷିକ ଯୋଜନା ସାରଣୀ ପ୍ରସ୍ତୁତ କରନ୍ତି ଏବଂ ତାପରେ ଅଗ୍ରାଧିକାର ଭିତ୍ତିରେ ଏହି ଯୋଜନାକୁ ବ୍ଲକର ବୈଠକରେ ଉପସ୍ଥାପନ କରନ୍ତି ଓ ଅନ୍ୟ ସରକାରୀ ବିଭାଗୀୟ ଅଧିକାରୀ ମାନଙ୍କୁ ସମ୍ପୃକ୍ତ କରି ସଂଯୋଗୀକରଣ ପାଇଁ ପଥ ସୁଗମ କରାନ୍ତି ।

## ୪.୩ ଖଣ୍ଡୀୟ ପରିଚାଳନା ସ୍ତରରେ (FMU Level)

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ସ୍ତରୀୟ କମିଟିର ବୈଠକ ପ୍ରତ୍ୟେକ ତିନି ମାସରେ ଥରେ ଅନୁଷ୍ଠିତ ହେବ । ଖଣ୍ଡୀୟ ପରିଚାଳନା ସଂସ୍ଥା ମାନଙ୍କର ବିଭିନ୍ନ ସୁପାରିଶକୁ ଭିତ୍ତି କରି ପ୍ରସ୍ତୁତ କରିବେ ଏବଂ ଏହି ଯୋଜନା ଜିଲ୍ଲା ଉପଦେଷ୍ଟା କମିଟି ଜରିଆରେ ସଂଯୋଗୀକରଣର ପଥ ସୁଗମ କରିବା ପାଇଁ ପଠାଯାଇଥାଏ ।

## ୪.୪ ପ୍ରକଳ୍ପ ପରିଚାଳନା ସଂସ୍ଥା / ରାଜ୍ୟ ସ୍ତରୀୟ ସଂଯୋଗୀକରଣ ବ୍ୟବସ୍ଥା (PMU Level)

ରାଜ୍ୟସ୍ତରରେ ଏହି ପ୍ରକଳ୍ପର ବିସ୍ତୃତ ସଂଯୋଗୀକରଣ ପ୍ରକ୍ରିୟାକୁ ବିଭିନ୍ନ ସରକାରୀ ବିଭାଗମାନଙ୍କ ସହ ଆଲୋଚନା ମାଧ୍ୟମରେ ଆନ୍ତଃ-ସଂଯୋଗୀକରଣ ପାଇଁ ଆବଶ୍ୟକସ୍ଥଳେ ଅଧିକ ସହଯୋଗ ପ୍ରଦାନ କରିବ ।

# ୫. ବିଭିନ୍ନ ପ୍ରତିଷ୍ଠାନର ବ୍ୟବସ୍ଥା (Institutional Arrangement)

## ୫.୧ ଖଣ୍ଡୀୟ ସ୍ତରୀୟ ପରିଚାଳନା (ଡି.ଏମ୍.ୟୁ)

ଖଣ୍ଡୀୟ ପରିଚାଳନା ସଂସ୍ଥା, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗଠିତ ହୋଇଅଛି ଏବଂ ଏହାର ମୁଖ୍ୟ (ପଦବୀ ଆଧାରରେ) ସମ୍ପୃକ୍ତ ବନଖଣ୍ଡ ଅଧିକାରୀ କାର୍ଯ୍ୟ ନିର୍ବାହ କରନ୍ତି ଓ ତାଙ୍କୁ ସହାୟତା କରିବା ପାଇଁ ବନବିଭାଗର ପ୍ରତିନିଧି ସ୍ୱରୂପ ଜଣେ ସହକାରୀ ବନ ସଂରକ୍ଷକ (ପଦବୀ ଆଧାରରେ) ଥାଇ ଉପମୁଖ୍ୟ ଅଧିକାରୀ ଭାବେ ଖଣ୍ଡୀୟ ପରିଚାଳନା ସଂସ୍ଥାରେ କାର୍ଯ୍ୟ କରନ୍ତି ତା ଛଡା ଖଣ୍ଡୀୟ ପରିଚାଳନା ସଂସ୍ଥାରେ ଅନ୍ୟ କେତେଜଣଙ୍କୁ ବିଷୟବସ୍ତୁ ବିଶେଷଜ୍ଞ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଥାଏ।

## ୫.୨ କ୍ଷେତ୍ରୀୟ ପରିଚାଳନା ଏକକ (ଏଫ୍.ଏମ୍.ୟୁ.)

କ୍ଷେତ୍ରୀୟ ପରିଚାଳନା ସଂସ୍ଥା ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗଠିତ ହୋଇଥାଏ ଏବଂ ଏହାର ମୁଖ୍ୟ (ପଦବୀ ଆଧାରରେ), ରେଞ୍ଜ ଅଫିସର କାର୍ଯ୍ୟ ନିର୍ବାହ କରିଥାଆନ୍ତି। ତାଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବନବିଭାଗର ପ୍ରତିନିଧି ସ୍ୱରୂପ ଜଣେ ବନପାଳ (ଫରେଷ୍ଟର), କ୍ଷେତ୍ର ଉପମୁଖ୍ୟ ଭାବେ କାର୍ଯ୍ୟ କରନ୍ତି। ତାଛଡା ଦୁଇଜଣଙ୍କୁ କ୍ଷେତ୍ର ପରିଚାଳନା ସଂସ୍ଥାର ସମନ୍ୱୟକାରୀ କର୍ମଚାରୀ ଭାବରେ ନିଯୁକ୍ତି ଦିଆଯାଇଥାଏ। କ୍ଷେତ୍ର ପରିଚାଳନା ସଂସ୍ଥା, ଗୋଷ୍ଠୀ ସ୍ତରୀୟ ଅନୁଷ୍ଠାନ ମାନଙ୍କ ସହ ମିଶି ଅଣୁ ଯୋଜନା ପ୍ରସ୍ତୁତି, ଜୀବିକା ଅର୍ଜନ କାର୍ଯ୍ୟକ୍ରମରେ ସହାୟତା, ତାଲିମ ସହାୟତା ଏବଂ ନଥିପତ୍ର ପ୍ରସ୍ତୁତ ଇତ୍ୟାଦି କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱ ସମ୍ପନ୍ନ କରିବେ। କ୍ଷେତ୍ର ପରିଚାଳନା ସଂସ୍ଥାରେ ନିଯୁକ୍ତି ପ୍ରାପ୍ତ ସମନ୍ୱୟକାରୀ କର୍ମଚାରୀମାନେ ସେମାନଙ୍କର ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସମ୍ବଳ ଅନୁଷ୍ଠାନଙ୍କୁ ଗ୍ରାମର ଅଣୁ ଯୋଜନା ପ୍ରସ୍ତୁତି, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ / ପୁନର୍ଗଠନ / କ୍ଷୁଦ୍ର ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ଦିଗଦର୍ଶନ ଦେବାର ବନ୍ଦୋବସ୍ତ କରିବେ। କ୍ଷେତ୍ର ପରିଚାଳନା ସଂସ୍ଥାର ସମନ୍ୱୟକାରୀ ତାଲିମ୍ ଏବଂ ନଥିପତ୍ର ପ୍ରସ୍ତୁତ ସହ ବନସୁରକ୍ଷା ସମିତି / ପରିବେଶ ଉନ୍ନୟନ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନ ମାନଙ୍କୁ ବିଭିନ୍ନ ତାଲିମ ଦେବାର କାର୍ଯ୍ୟ ସମ୍ପନ୍ନ କରିବେ। ସେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା ଏବଂ ତାର ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହ ସମନ୍ୱୟକାରୀ କର୍ମଚାରୀ ଏବଂ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହ ସମନ୍ୱୟ ସ୍ଥାପନ ମାଧ୍ୟମରେ ବିଭିନ୍ନ ତାଲିମର ଆବଶ୍ୟକତା ଆକଳନ କରାଇବା ସହ ଓ ଉନ୍ନତ ତାଲିମ ଦେବାର ରୂପରେଖ ତିଆରି କରିବେ। କ୍ଷେତ୍ରୀୟ ପରିଚାଳନା ସଂସ୍ଥାର ଗଠନ ପ୍ରଣାଳୀ ନିମ୍ନରେ ବର୍ଣ୍ଣନା କରାଗଲା :





**ଚିତ୍ର-୩:** ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟରେ ଆନୁଷ୍ଠାନିକ ବ୍ୟବସ୍ଥା




**ଚିତ୍ର-୪:** କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସ୍ତରରେ ବିଭିନ୍ନ ଅନୁଷ୍ଠାନମାନଙ୍କ ବ୍ୟବସ୍ଥା

## ୫.୩ ଗୋଷ୍ଠୀ ସ୍ତରୀୟ (Community Level)

ନୂତନ ବନ ସୁରକ୍ଷା ସମିତି ଗଠନ କରାଯିବ ଏବଂ ଯେଉଁ ଗୁଡିକ ବର୍ତ୍ତମାନ ସୁପ୍ତ ଅଛନ୍ତି, ସେମାନଙ୍କୁ ସକ୍ରିୟ କରାଯିବ ଯେଉଁ ମାନେ କି ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବେ। ଏହି ପ୍ରକଳ୍ପରେ, ପ୍ରତ୍ୟେକ ବନସୁରକ୍ଷା ସମିତିରେ ହାରାହାରି ତିନୋଟି ଲେଖାଏ ସ୍ୱୟଂ ସହାୟକ ଗୋଷ୍ଠୀ ବଛାଯିବ ଓ ସେମାନେ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପାଇଁ ଅଂଶ ଗ୍ରହଣ କରିବେ। ଅନ୍ୟାନ୍ୟ ଅନୁଷ୍ଠାନ ମାନେ ଯଥା ସରକାରୀ ସଂସ୍ଥା, ଶିକ୍ଷା ଅନୁଷ୍ଠାନ/ଗବେଷଣା ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ, ଅନ୍ୟାନ୍ୟ ଆର୍ଥିକ ସହାୟତାକାରୀ ସଂସ୍ଥା ଏହି ପ୍ରକଳ୍ପର ଖଣ୍ଡୀୟ ପରିଚାଳନା ସଂସ୍ଥା ଏବଂ କ୍ଷେତ୍ର ପରିଚାଳନା ସଂସ୍ଥା ମାନଙ୍କୁ ଏହି ପ୍ରକଳ୍ପ ସଫଳ ରୂପାୟନରେ ସହାୟକ ହେବେ ବୋଲି ଆଶା କରାଯାଏ।




**ଚିତ୍ର-୫:** ଗୋଷ୍ଠୀ ସ୍ତରୀୟ ଯୋଜନା କାର୍ଯ୍ୟକାରୀ ବ୍ୟବସ୍ଥା

## ୫.୪ କର୍ତ୍ତବ୍ୟ-ଦାୟିତ୍ୱ-ଉତ୍ତର ଦାୟିତ୍ୱ ଛାଞ୍ଚ (Accountability Matrix)

| ପ୍ରତିଷ୍ଠାନ | ଦାୟିତ୍ୱ | ଉତ୍ତର ଦାୟିତ୍ୱ |
|---|---|---|
| ବନ ସୁରକ୍ଷା ସମିତି | • ଦଶବର୍ଷ ପାଇଁ ପ୍ରସ୍ତୁତ କରାଯାଉଥିବା ଅଣୁ ଯୋଜନା (ବନପରିଚାଳନା, ଜୈବବିବିଧତା ସଂରକ୍ଷଣ ଓ ଗୋଷ୍ଠୀ ଉନ୍ନୟନ ନିମନ୍ତେ) କ୍ଷେତ୍ର ପରିଚାଳନା ସଂସ୍ଥା, ସହଯୋଗୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମ ସଚେତକଙ୍କ ସହାୟତାରେ<br>• ବାର୍ଷିକ ଯୋଜନା, ସଂଯୋଗୀକରଣ ଯୋଜନା ଏବଂ ସେମାନଙ୍କୁ ପଲ୍ଲୀ ସଭାରେ ଅନୁମୋଦନ<br>• ଚାରି ବର୍ଷ ପରେ ଅଣୁ ଯୋଜନାର ସଂଶୋଧନ | ଗୋଷ୍ଠୀ ଏବଂ ପ୍ରକଳ୍ପ (କ୍ଷେତ୍ରୀୟ ପରିଚାଳନା ସଂସ୍ଥା / ଖଣ୍ଡୀୟ ପରିଚାଳନା ସଂସ୍ଥା) |
| ପରିବେଶ ଉନ୍ନୟନ ସମିତି | • ସୁରକ୍ଷିତ ଜଙ୍ଗଲର ଜୈବବିବିଧତା ପରିଚାଳନା ପାଇଁ ସକ୍ରିୟ ସହଯୋଗରେ ଅଣୁ ଯୋଜନା ପ୍ରସ୍ତୁତ କରିବା | ଗୋଷ୍ଠୀ ଏବଂ ପ୍ରକଳ୍ପ (କ୍ଷେତ୍ରିୟ ପରିଚାଳନା ସଂସ୍ଥା, ଖଣ୍ଡୀୟ ପରିଚାଳନା ସଂସ୍ଥା) |
| ଅଣୁ ଯୋଜନା ପ୍ରସ୍ତୁତକାରୀ ଦଳ | • ଅଣୁ ଯୋଜନା ପ୍ରସ୍ତୁତ ପ୍ରକ୍ରିୟା ଏବଂ ବାର୍ଷିକ ଯୋଜନା ପ୍ରସ୍ତୁତକୁ ଗତିଶୀଳ କରାଇବା<br>• ସଂଯୋଗୀକରଣ ପ୍ରକ୍ରିୟା ପାଇଁ ଅନ୍ୟାନ୍ୟ ସରକାରୀ ବିଭାଗର ପ୍ରତିନିଧି ମାନଙ୍କ ସହ ବିଚାରବିମର୍ଶ କରିବା ଆବଶ୍ୟକ ପଡିପାରେ | ବନ ସୁରକ୍ଷା ସମିତି, ସହଯୋଗୀ ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷେତ୍ରୀୟ ପରିଚାଳନା ସଂସ୍ଥା |
| ମହିଳା ଯୋଜନା ପ୍ରସ୍ତୁତକାରି ଦଳ | • ଅଣୁ ଯୋଜନା ପ୍ରସ୍ତୁତ ପ୍ରକ୍ରିୟାରେ ମହିଳା ମାନଙ୍କର ସର୍ବାଧିକ ଅଂଶଗ୍ରହଣକୁ ନିଶ୍ଚିତ କରାଇବେ ।<br>• ମହିଳା ମାନଙ୍କ ପ୍ରଗତି ପାଇଁ ଚେଷ୍ଟା କରିବା ନେଇ ଏକ ରୂପରେଖ ଦେବେ<br>• ମହିଳା ମାନଙ୍କ ସହ ବିଭିନ୍ନ ବିଷୟଗତ ସମସ୍ୟାକୁ ନେଇ, ସେ ବିଷୟରେ ଦଳଗତ ଆଲୋଚନା କରାଯିବ ଏବଂ ମହିଳା ମାନଙ୍କ ସଂଶ୍ଳିଷ୍ଟ କାର୍ଯ୍ୟକ୍ରମକୁ ଚିହ୍ନଟ କରି ଅଣୁ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା | ବନସୁରକ୍ଷା ସମିତି ସହଯୋଗୀ ସ୍ୱୟଂ ସହାୟକ ଗୋଷ୍ଠୀ କ୍ଷେତ୍ରୀୟ ପରିଚାଳନା ସଂସ୍ଥା |
| ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ | • ବନସୁରକ୍ଷା ସମିତି/ ପରିବେଶ ଉନ୍ନୟନ ସମିତିକୁ ଅଣୁ ଯୋଜନାର ପ୍ରସ୍ତୁତ ପ୍ରକ୍ରିୟାରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ଏବଂ ପ୍ରସ୍ତୁତି କରିବା ପାଇଁ ସଚେତନ କରାଇବା<br>• ଅଣୁ ଯୋଜନା ପ୍ରସ୍ତୁତ ପାଇଁ ଆବଶ୍ୟକ ପଡୁଥିବା ଅନ୍ୟାନ୍ୟ ତଥ୍ୟ, ସଂଗ୍ରହ କରିବା ପାଇଁ ସହାୟତା କରିବା<br>• ଗ୍ରାମର ତୃଣମୂଳ ସ୍ତରର ସର୍ବେକ୍ଷଣ କରିବା ପାଇଁ ସହାୟତା କରିବା<br>• ସହଭାଗୀ ଗ୍ରାମ୍ୟ ଅବଧାରଣା (ପି.ଆର.ଏ) ପ୍ରୟୋଗରେ ମିଳିଥିବା ବିଭିନ୍ନ ସିଦ୍ଧାନ୍ତ ମାନଙ୍କର ସଂକଳନ ଦାୟିତ୍ୱ ନେବା<br>• ଅଣୁ ଯୋଜନା ପ୍ରସ୍ତୁତ ପକ୍ରିୟାରେ ତୃଣମୂଳ ସ୍ତରରେ ସହଯୋଗ କରିବା, ମିଳିଥିବା ତଥ୍ୟକୁ ସଂକଳନ କରି ଅଣୁ ଯୋଜନା ରେ ପ୍ରୟୋଗ କରିବା<br>• ବନ ସୁରକ୍ଷା ସମିତି ସ୍ତରରେ ବାର୍ଷିକ ଯୋଜନା ପ୍ରସ୍ତୁତ କରିବା ପାଇଁ ସହାୟତା କରିବା<br>• ଆନ୍ତଃ- ବିଭାଗୀୟ ସଂଯୋଗୀକରଣ ପାଇଁ, ବନସୁରକ୍ଷା ସମିତିକୁ ସାହାଯ୍ୟ କରିବା ଏବଂ ଅଣୁ ଯୋଜନା ତିଆରି କରିବା ସମୟରେ ବିଭିନ୍ନ ସରକାରୀ ବିଭାଗର (ଲାଇନ୍ ଡିପାର୍ଟମେଣ୍ଟ) ପ୍ରତିନିଧି ମାନଙ୍କର ସହଯୋଗ ନଶ୍ଚିତ କରାଇବା | କ୍ଷେତ୍ରୀୟ ପରିଚାଳନା ସଂସ୍ଥା ଏବଂ ଖଣ୍ଡୀୟ ପରିଚାଳନା ସଂସ୍ଥା |

| ପ୍ରତିଷ୍ଠାନ | ଦାୟିତ୍ୱ | ଉତ୍ତର ଦାୟିତ୍ୱ |
|---|---|---|
| ପଲ୍ଲୀ ସଭା/ ଗ୍ରାମ ସଭା | • ଅଣୁ ଯୋଜନା ଅନୁମୋଦନ କରାଇବା<br>• ଗ୍ରାମପଞ୍ଚାୟତର ଭବିଷ୍ୟତ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସମ୍ଭାବନାକୁ ଦୃଷ୍ଟିରେ ରଖି ଅଣୁ ଯୋଜନା ପ୍ରସ୍ତୁତ ସମୟରେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ମାନଙ୍କୁ ସେଥିରେ ଭାଗନେବା ପାଇଁ ସଂଶ୍ଳିଷ୍ଟ କରିବା<br>• ବନ ସୁରକ୍ଷା ସମିତିମାନେ କର୍ମଯୋଗ୍ୟ ପ୍ରସ୍ତାବ ମାନଙ୍କୁ ପଞ୍ଚାୟତ ସମିତିର ବାର୍ଷିକ ଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ ନିଶ୍ଚିତ କରିବା | ଗ୍ରାମ ପଞ୍ଚାୟତ |
| ଗ୍ରାମ ସଚେତକ | • ସହଯୋଗୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷେତ୍ରୀୟ ପରିଚାଳନା ସଂସ୍ଥା ଏବଂ ବନସୁରକ୍ଷା ସମିତିର ସଭ୍ୟ ମାନଙ୍କୁ ସାମଗ୍ରିକ ବିକାଶ ଅଣୁ ଯୋଜନା ପ୍ରସ୍ତୁତି, ବାର୍ଷିକ ଯୋଜନା ପ୍ରସ୍ତୁତି ଓ ସଂଯୋଗୀକରଣ ପ୍ରକ୍ରିୟା ପ୍ରକଳ୍ପର ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା ଓ କ୍ଷେତ୍ରୀୟ ପରିଚାଳନା ସଂସ୍ଥାକୁ ସହଯୋଗ କରିବା<br>• ଯୋଜନା କାର୍ଯ୍ୟକାରୀ ଦଳ ଏବଂ ମହିଳା କାର୍ଯ୍ୟକାରୀ ଦଳଙ୍କୁ ସହଭାଗୀ ଗ୍ରାମ୍ୟ ଅବଧାରଣା ପ୍ରୟୋଗରେ ଅଣୁ ଯୋଜନା ପ୍ରସ୍ତୁତ କରିବା ପାଇଁ ସାହାଯ୍ୟ କରାଇବା<br>• ଅଣୁ ଯୋଜନାକୁ ଗ୍ରାମପଞ୍ଚାୟତରେ ଉପସ୍ଥାପନ କରାଇବା<br>• ଅଣୁ ଯୋଜନାକୁ ଗ୍ରାମପଞ୍ଚାୟତରେ ଉପସ୍ଥାପନ କରାଇବା<br>• ଅଣୁ ଯୋଜନାକୁ ଭବିଷ୍ୟତରେ ଆବଶ୍ୟକତା ଅନୁଯାୟୀ ସଂଶୋଧନ କରାଇବା<br>• ଅନ୍ୟାନ୍ୟ ସରକାରୀ ବିଭାଗ ମାନଙ୍କ ସହ ସଂଯୋଗୀକରଣ ପାଇଁ ବିଚାରବିମର୍ଶ କରିବା | ବନ ସୁରକ୍ଷା ସମିତି ସହଯୋଗୀ ସ୍ୱେଚ୍ଛାସେବୀ ସଂସ୍ଥା ଏବଂ କ୍ଷେତ୍ରୀୟ ପରିଚାଳନା ସଂସ୍ଥା |
| କ୍ଷେତ୍ରୀୟ ପରିଚାଳନା ସଂସ୍ଥା | • ଅଣୁ ଯୋଜନା ପ୍ରସ୍ତୁତକାରୀ ଦଳ ଏବଂ ମହିଳା ଯୋଜନା ପ୍ରସ୍ତୁତକାରୀ ଦଳ ପ୍ରତିଷ୍ଠା କରାଇବା<br>• ବନସୁରକ୍ଷା ସମିତିର ସଭ୍ୟ ଏବଂ ଅନ୍ୟାନ୍ୟ ଦଳମାନଙ୍କୁ ଅଣୁ ଯୋଜନା ପ୍ରସ୍ତୁତି, ସଂଯୋଗକରଣ ଏବଂ ବାର୍ଷିକ ଯୋଜନା ପ୍ରସ୍ତୁତ କରାଇବା ପାଇଁ ସଚେତନ କରାଇବା<br>• ଅଣୁ ଯୋଜନା ପ୍ରସ୍ତୁତି ପାଇଁ ଅନ୍ୟାନ୍ୟ ଦାୟିତ୍ୱ ସମ୍ପନ୍ନ ସଂସ୍ଥାମାନଙ୍କଠାରୁ ତଥ୍ୟ ସଂଗ୍ରହ କରିବା ପାଇଁ ସହାୟତା କରିବା<br>• ଅଣୁ ଯୋଜନା ପ୍ରସ୍ତୁତି ଏବଂ ସଂଯୋଗୀକରଣ ପ୍ରକ୍ରିୟା ପାଇଁ ଅନ୍ୟାନ୍ୟ ସରକାରୀ ବିଭାଗ ସହ ସୁସମ୍ପର୍କ ସ୍ଥାପନକୁ ନିଶ୍ଚିତ କରିବା<br>• ଅଣୁ ଯୋଜନାକୁ ସମ୍ପୂର୍ଣ୍ଣ କରିବା ପାଇଁ ସାହାଯ୍ୟ ସହାୟତା କରିବା ଏବଂ ଏହାର ଅନୁମୋଦନ ପାଇଁ ଖଣ୍ଡୀୟ ପରିଚାଳନା ସଂସ୍ଥାକୁ ପ୍ରେରଣ କରିବାରେ ସହାୟତା କରିବା<br>• ବନଖଣ୍ଡ ପରିଚାଳନା ସଂସ୍ଥା ସମ୍ମୁଖରେ ବିଭିନ୍ନ ପ୍ରସ୍ତାବ ଆଗତ କରାଇ ସହାୟତା ପ୍ରଦାନ କରାଇବା | କ୍ଷେତ୍ରୀୟ ପରିଚାଳନା ସଂସ୍ଥା ଏବଂ ଖଣ୍ଡୀୟ ପରିଚାଳନା ସଂସ୍ଥା |
| ଅନ୍ୟାନ୍ୟ ସରକାରୀ ବିଭାଗର ପ୍ରତିନିଧି | • ଯୋଜନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ଏବଂ ନିଜ ବିଭାଗର କାର୍ଯ୍ୟାବଳୀ ସମ୍ବନ୍ଧରେ ଅବଗତ କରାଇବେ<br>• ସେମାନଙ୍କର ପ୍ରତିଯୋଜନା ଓ କାର୍ଯ୍ୟକ୍ରମମାନଙ୍କୁ ବନସୁରକ୍ଷା ସମିତିର ଅଣୁ ଯୋଜନାରେ ଏକତ୍ରୀକରଣ ପାଇଁ ନିଶ୍ଚିତ କରାଇବା | ସମ୍ପୃକ୍ତ ବିଭାଗମାନେ |

## ୬. କ୍ଷୁଦ୍ରାକାର ଜମି ଭିତ୍ତିକ ଯୋଜନା (Plot-wise Planning)

କ୍ଷୁଦ୍ର ଚାଷୀମାନଙ୍କ ପ୍ରସଙ୍ଗ ଯେ ସେମାନେ ଯେହେତୁ ଛୋଟ ଆୟତନ ବିଶିଷ୍ଟ ଚାଷ ଜମିର ମାଲିକ ତେଣୁ, ଅଣୁ ଯୋଜନା ପ୍ରସ୍ତୁତ ସମୟରେ ସେମାନଙ୍କୁ ଧ୍ୟାନ ଦିଆଯାଇ ପାରେ ନାହିଁ। କେତେ ଭାଗ ଅଞ୍ଚଳର ଚାଷ ଜମିକୁ ଏକାଠି କରି ଯୋଜନା ପ୍ରସ୍ତୁତ କଲାବେଳେ, ବଡବଡ ଚାଷୀ ପରିବାର ମାନେ (ଯାହାଙ୍କର ସେ ଅଞ୍ଚଳରେ ଅଧିକ ଭାଗ ଚାଷ ଜମି ଥାଏ) ସେମାନେ ଉକ୍ତ ଯୋଜନାରେ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୁଅନ୍ତି। ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଛୋଟ ଜମିର ମାଲିକ ଥିବା ଚାଷୀମାନେ ସେମାନଙ୍କର ଆବଶ୍ୟକତା ମାନଙ୍କୁ ଏହି ଅଣୁ ଯୋଜନାରେ ପୂରଣ କରିପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ।

କ୍ଷୁଦ୍ରାକାର ଜମି ଭିତ୍ତିକ ଯୋଜନା ମଧ୍ୟ ଭାଗରେ ଜମିର ସତ୍ତ୍ୱ ପ୍ରତିଫଳନ କରିବା ଏବଂ ଏକ ଲିଖିତ ନଥିପତ୍ର ସୃଷ୍ଟି କରିବାରେ ସହାୟକ ହୁଏ। ଏପରି ଉଦାହରଣ ଅଛି, ଜମିର ମାଲିକ ହେଉଛି ଜଣେ ଏବଂ ଗରିବ ଚାଷୀଟି କେବଳ ସେଥିରେ ଚାଷ କରୁଛି। ଯେତେବେଳେ ଏହି ପ୍ରକଳ୍ପ, ଜମିର ଉନ୍ନତି ପାଇଁ ସିଧା ସଳଖ ଅର୍ଥବ୍ୟୟ କରୁଛି, ତାହାର ପ୍ରକୃତ ଲାଭ ଜମିର ମାଲିକଙ୍କ ପାଖକୁ ଚାଲିଯାଏ ଏବଂ ଜମିହୀନ ଚାଷୀ ପାଖକୁ କିଛି ଲାଭ ପହଞ୍ଚି ପାରେ ନାହିଁ। ତେଣୁ ଏହି ଅଣୁ ଯୋଜନା ପ୍ରସ୍ତୁତ ସମୟରେ କ୍ଷୁଦ୍ରାକାର ଜମି ଉପରେ ଅଧିକାର ଏବଂ ମାଲିକାନାସତ୍ୱ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଏବଂ ତାହା ଯୋଜନା ପ୍ରସ୍ତୁତ ସମୟରେ ଅନୁଧ୍ୟାନ କରିବାକୁ ପଡିବ।

କ୍ଷୁଦ୍ରାକାର ଜମିଭିତ୍ତିକ ଅଣୁ ଯୋଜନା ପ୍ରସ୍ତୁତ ପ୍ରଣାଳୀ ପାଇଁ ଏହି ମାର୍ଗଦର୍ଶିକାକୁ ଦୁଇ ଭାଗରେ ବିଭିକ୍ତ କରାଯାଇଛି ପ୍ରଥମ ଭାଗରେ, ଜମି ମାଲିକ ମାନଙ୍କର ତଥ୍ୟ ସଂଗ୍ରହ, ଜମିର ମାଲିକାନା ସତ୍ତ୍ୱ, ଜମିର ଆୟତନ, ଜମି କେଉଁ ଉର୍ବରତା ଶ୍ରେଣୀର, ଜମିର ବ୍ୟବହାରଗତ ତଥ୍ୟ ସଂଗ୍ରହ। ଏହି ଦୁଇପ୍ରକାରର ପ୍ରସ୍ତୁତ ତଥ୍ୟ ଅଣୁ ଯୋଜନା ପ୍ରସ୍ତୁତ ସମୟରେ କ୍ଷୁଦ୍ରାକାର ଜମି ମାନଙ୍କର ବ୍ୟବହାର ଓ ଯୋଜନା ପ୍ରସ୍ତୁତ ପାଇଁ ସାହାଯ୍ୟ କରିବ।

ଉପରୋକ୍ତ ପ୍ରକଳ୍ପ, ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ମାନଙ୍କୁ ଦୃଷ୍ଟିରେ ରଖି ସେଥିରେ ଜମି, ଉତ୍ପାଦନ, ସଂଯୋଗୀକରଣ ମାଧ୍ୟମରେ ଉତ୍ପାଦିକା ଶକ୍ତିବୃଦ୍ଧି ପ୍ରଭୃତି ବିଭିନ୍ନ ପରିଯୋଜନା ଏବଂ କାର୍ଯ୍ୟକ୍ରମ ଦ୍ୱାରା ସହାୟକ ହେବ। ସେମାନଙ୍କ ଭିତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମଯୋଗାଣ ଯୋଜନା, ଭାରତୀୟ ଜାତୀୟ ଗ୍ରାମୀଣ ମିଶନ (INRLM), ଅନୁନ୍ନତ ଅଞ୍ଚଳ ସାହାଯ୍ୟ ପାଣ୍ଠି (BRGF) ଇତ୍ୟାଦି କାର୍ଯ୍ୟକ୍ରମ ଅର୍ନ୍ତଭୁକ୍ତ।

## ୭. ଅଣୁ ଯୋଜନା ପ୍ରସ୍ତୁତିରେ ସହଭାଗୀ ଗ୍ରାମ୍ୟ ଅବଧାରଣା (Participatory Rural Appraisal in Micro Plan Preparation)

ସହଭାଗୀ ସହଭାଗୀ ଗ୍ରାମ୍ୟ ଅବଧାରଣା ହେଉଛି ଅଣୁ ଯୋଜନା ପ୍ରସ୍ତୁତିର ଗୋଟିଏ ପଦ୍ଧତି, ଯେଉଁଥିରେ ଗ୍ରାମ୍ୟଗୋଷ୍ଠୀ (ବନସୁରକ୍ଷା ସମିତି/ପରିବେଶ ଉନ୍ନୟନ ସମିତି) ସଭ୍ୟମାନଙ୍କୁ ସଂଶ୍ଳିଷ୍ଟ କରାଯାଇ, ଯେପରି ବିଭିନ୍ନ ତଥ୍ୟ ଏବଂ ସୂଚନା ଦ୍ୱାରା ଗ୍ରାମର ଏବଂ ଜଙ୍ଗଲର ପ୍ରକୃତ ଅବସ୍ଥା ଏବଂ ସ୍ଥିତିକୁ ବୁଝି ହେବ। ଜଙ୍ଗଲ ବିକାଶ ଯୋଜନା ଏବଂ ଗ୍ରାମ୍ୟ ବିକାଶ ଯୋଜନା ପ୍ରସ୍ତୁତ କଲାବେଳେ ବିଭିନ୍ନ ସଂଗୃହିତ ସୂଚନା ସଂଗ୍ରହକାରୀ ପଦ୍ଧତି ବ୍ୟବହାର କରାଯାଇଥାଏ। ଏହି ପଦ୍ଧତି ଦ୍ୱାରା ସୁବିଧାରେ ବିଭିନ୍ନ ତଥ୍ୟ/ସୂଚନା ପାଇବା ଏବଂ ଲୋକମାନଙ୍କର ମତାମତ ତଥା ଅଭିଜ୍ଞତାକୁ ସମସ୍ତଙ୍କଠାରେ ବାଣ୍ଟିବାରେ ଏହା ସହାୟକ ହେବ।

ଏହି ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତିକୁ ଗୋଟିଏ ଜନାଦୃତ ଏବଂ ଫଳପ୍ରଦ ବ୍ୟବସ୍ଥା ହିସାବରେ ନିଆଯାଏ, ଯାହାଦ୍ୱାରା କି ଗ୍ରାମ୍ୟ ସ୍ତରରେ ବିଭିନ୍ନ ତଥ୍ୟ/ସୂଚନା ସଂଗ୍ରହ କରିବାରେ ସହାୟକ ହୁଏ। ଏହି ବ୍ୟବସ୍ଥା ଉପରୁ– ତଳକୁ ଏବଂ ତଳୁ – ଉପରସ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ସଂଶ୍ଳିଷ୍ଟ କରାଇ ବିଭିନ୍ନ ପ୍ରଶିକ୍ଷଣ ମାଧ୍ୟମରେ ଗ୍ରାମର ବିକାଶ ମାନଚିତ୍ର ପ୍ରସ୍ତୁତ କରିବାରେ ସକ୍ଷମ ହୁଏ। ଏହି ପଦ୍ଧତିର ଫଳାଫଳ ଦ୍ୱାରା ଗୋଷ୍ଠୀ ମାନେ ଗ୍ରାମର ବିଭିନ୍ନ ସମ୍ବଳ ଉତ୍ସ, କୌଶଳ, ଦକ୍ଷତା ଏବଂ ସେମାନଙ୍କର କ୍ଷମତା ଇତ୍ୟାଦି ଜାଣିପାରନ୍ତି। ଏହା ଦ୍ୱାରା ସେମାନେ ସମ୍ବଳର ସଠିକ ବିନିଯୋଗ ଏବଂ ପରିଚାଳନାର ନିଷ୍ପତ୍ତି ନିଅନ୍ତି।

ସହଭାଗୀ ଗ୍ରାମ୍ୟ ଅବଧାରଣା ଦ୍ୱାରା ଗ୍ରାମବାସୀମାନେ ସେମାନଙ୍କର ଦଳଗତ ଆଲୋଚନା, ଅନୁଭୂତି ବାଣ୍ଟିବା, ମୁଖ୍ୟ ଆବଶ୍ୟକତ / ସମାଧାନ ଗୁଡିକର ଆଲୋଚନା, ସାଧାରଣ ବୈଠକ ଏବଂ ଜଣ ଜଣଙ୍କ ମଧ୍ୟରେ ଆଲୋଚନା ପ୍ରଭୃତିକୁ ଗ୍ରାମ ପରିବେଶ ଭିତରେ ହିଁ କରିଥାନ୍ତି। ବିଭିନ୍ନ ଉଦାହରଣ ଏବଂ ମାନଚିତ୍ର ସାହାଯ୍ୟରେ ମଧ୍ୟ ଗ୍ରାମବାସୀଙ୍କ ଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଏ। ତେଣୁ ଏହା ଗ୍ରାମବାସୀଙ୍କ ଦ୍ୱାରା କିମ୍ବା ସେମାନଙ୍କର ସକ୍ରିୟ ସହଯୋଗରେ ପ୍ରସ୍ତୁତ କରାଯାଏ।

### ୭.୧ ସହଭାଗୀ ଗ୍ରାମ୍ୟ ଅବଧାରଣା କଣ ?

ସହଭାଗୀ ଗ୍ରାମ୍ୟ ଅବଧାରଣା ହେଉଛି ଅଣୁ ଯୋଜନା ପ୍ରସ୍ତୁତିର ଗୋଟିଏ ପ୍ରଚେଷ୍ଟା, ଯେଉଁଥିରେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଯୋଜନା, କାର୍ଯ୍ୟକାରିତା (କାର୍ଯ୍ୟକ୍ରମ) ଏବଂ ପ୍ରକଳ୍ପର ପରିଚାଳନା ଉପରେ ଗ୍ରାମ ଗୋଷ୍ଠୀ ମାନଙ୍କର ଜ୍ଞାନ ଏବଂ ମତାମତ ସଂଗ୍ରହକରି ସେସବୁର ସମ୍ମିଶ୍ରଣ କରାଇଥାଆନ୍ତି। ସହଭାଗୀ ଗ୍ରାମ୍ୟ ଅବଧାରଣା ଗୋଷ୍ଠୀଙ୍କୁ ସେମାନଙ୍କର ଆବଶ୍ୟକତା ଏବଂ ସମସ୍ୟା ମାନଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ସେମାନେ ଯୋଜନା ପ୍ରସ୍ତୁତି କରିବେ, ଯୋଜନା କାର୍ଯ୍ୟକାରୀ କରାଇବେ ଏବଂ ସେ ପ୍ରକ୍ରିୟାର ସଂପୂର୍ଣ୍ଣ କାର୍ଯ୍ୟବେକ୍ଷଣ ଏବଂ ମୂଲ୍ୟାୟନ କରିପାରିବେ।

**ସହଭାଗିତା –** ଏହାର ଅର୍ଥ ହେଲା ଯେଉଁ ପ୍ରକ୍ରିୟା ମାଧ୍ୟମରେ ସମସ୍ତ ମୁଖ୍ୟ ହିତାଧିକାରୀ ମାନେ ଯୋଜନା ଏବଂ ଏହାର କାର୍ଯ୍ୟକାରିତାରେ ସଂଶ୍ଳିଷ୍ଟ ହେବେ – ଏହା ଗୋଟିଏ ତୃଣମୂଳ ସ୍ତରରୁ ଉପର ସ୍ତରର ସହଯୋଗରେ ଯୋଜନା ପ୍ରସ୍ତୁତି କରିବାର ପ୍ରଚେଷ୍ଟା। ପ୍ରକଳ୍ପର କର୍ମଚାରୀ ମାନଙ୍କର ଯୋଗାଯୋଗ, ଦକ୍ଷତା ଏବଂ ସକାରତ୍ମକ ଇଚ୍ଛା ଶକ୍ତି ଉପରେ ଏହା ନିର୍ଭର କରେ।

**ଗ୍ରାମାଞ୍ଚଳ –** ଏହି କୌଶଳ ସହରାଞ୍ଚଳ, ଗ୍ରାମାଞ୍ଚଳ, ଉଭୟ ଶିକ୍ଷିତ ଓ ଅଶିକ୍ଷିତ ଗୋଷ୍ଠୀ ମାନଙ୍କ ଠାରେ ସବୁ ପରିସ୍ଥିତିରେ ବ୍ୟବହାର କରାଯାଇପାରିବ। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହା ଗ୍ରାମ୍ୟ ଗୋଷ୍ଠୀ ପାଇଁ ଅଧିକ ଉପଯୋଗୀ।

**ଅବଧାରଣା** – ବିଭିନ୍ନ ସମସ୍ୟା, ଆବଶ୍ୟକତା ଏବଂ ଗ୍ରାମର ଅନ୍ତର୍ନିହିତ ସମ୍ବଳ ମାନଙ୍କୁ ନେଇ ତଥ୍ୟ କରାଯାଇଥିବାର ସିଦ୍ଧାନ୍ତ।

- ସହଭାଗୀ ଗ୍ରାମ୍ୟ ଅବଧାରଣା, ଗ୍ରାମ ଗୋଷ୍ଠୀ ମାନଙ୍କୁ ସେମାନଙ୍କର ନିଜର ବିଶ୍ଳେଷଣ ଏବଂ ଯୋଜନା ପ୍ରସ୍ତୁତ କରିବା ଏବଂ ସେମାନଙ୍କୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ ପ୍ରଦାନ କରିଥାଏ।
- ସ୍ଥାନୀୟ ଲୋକମାନଙ୍କ ସହ ଗ୍ରାମ୍ୟ ପରିବେଶରେ ସେମାନଙ୍କର ସୁବିଧା ସମୟ ଅନୁସାରେ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ନନେଇ ଏବଂ ଅଭିଜ୍ଞତା ବଣ୍ଟନ ମାଧ୍ୟମରେ ଯୋଜନା ପ୍ରସ୍ତୁତି।
- ଏହା ମୌଳିକ ସତ୍ୟଉପରେ ଆଧାରିତ ଯେ, ସ୍ଥାନୀୟ ଲୋକମାନେ ସେମାନଙ୍କର ସୃଜନ ଶକ୍ତି ଏବଂ ସେମାନଙ୍କ ନିଜସ୍ୱ ଅନୁସନ୍ଧାନ, ବିଶ୍ଳେଷଣ ଅନୁଯାୟୀ ଯୋଜନା ପ୍ରସ୍ତୁତି କରିପାରିବେ।

## ୭.୨ ଏହି କୌଶଳ କାହିଁକି ?

- ଏହି କାର୍ଯ୍ୟପ୍ରଣାଳୀ ଯେଉଁମାନଙ୍କ ପ୍ରକଳ୍ପ ପ୍ରତିଷ୍ଠିତ, ସେମାନଙ୍କୁ ସଂଶ୍ଳିଷ୍ଟ କରାଏ।
- ଏହା ଲୋକମାନଙ୍କର ସ୍ୱାସ୍ଥ୍ୟ, ସମସ୍ୟା ଏବଂ ଆବଶ୍ୟକତାକୁ ଚିହ୍ନଟ କରି ସେମାନଙ୍କୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ।
- ସ୍ଥାନୀୟ ଜ୍ଞାନ ଏବଂ ପରିସ୍ଥିତିକୁ ନେଇ ପନ୍ଥା ଚିହ୍ନଟ ପାଇଁ ସାହାଯ୍ୟ କରେ।
- ପ୍ରକଳ୍ପର ବିଭିନ୍ନ ହିତାଧିକାରୀଙ୍କୁ ସଂଶ୍ଳିଷ୍ଟ କରି ସେମାନଙ୍କୁ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଚିନ୍ତାଶାଳୀ, ଉତ୍ସାହୀ ଏବଂ ସମର୍ପଣ ଭାବ ଜାଗ୍ରତ କରାଏ।

## ୭.୩ ସହଭାଗୀ ଗ୍ରାମ୍ୟ ଅବଧାରଣାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ

- ସ୍ଥାନୀୟ ଲୋକମାନଙ୍କର ଆବଶ୍ୟକତାକୁ ନେଇ ଏହା ସ୍ଥଳବିଶେଷରେ ସଂଶୋଧନଯୋଗ୍ୟ, ତେଣୁ ଏହା ନମନୀୟ।
- ସହଭାଗୀ ଗ୍ରାମ୍ୟ ଅବଧାରଣା କାର୍ଯ୍ୟକାରୀ ହେବାର ପ୍ରକାର ଏବଂ କାର୍ଯ୍ୟଧାରା, ଅଞ୍ଚଳ, ଲୋକସଂଖ୍ୟା, ସାମାଜିକ-ଅର୍ଥନୈତିକ ଅବସ୍ଥା ଏବଂ ଲୋକମାନଙ୍କର ଇଚ୍ଛାଶକ୍ତି ଉପରେ ନିର୍ଭର କରେ।
- ଏହାର ଫଳାଫଳ ପୁନରାବୃତ୍ତି ହୋଇନପାରେ – ଏହାର ଅର୍ଥ, ଅନ୍ୟ ଅଞ୍ଚଳରେ କାର୍ଯ୍ୟକାରୀ ହୋଇ ଏହା ସମାନ ଫଳାଫଳ ପ୍ରଦାନ କରେ ନାହିଁ।
- ପକ୍ଷପାତିତାରୁ ଦୂରରେ ରହିବା।
- ସବିଶେଷ ତଥ୍ୟ ଅନୁମୋଦନ ପାଇଁ ଅଞ୍ଚଳର ବିଭାଜନ ଏବଂ ସମ୍ମିଶ୍ରଣ।

## ୭.୪ ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ପ୍ରୟୋଗ ପାଇଁ ଦକ୍ଷତାର ଆବଶ୍ୟକତା

### ୭.୪.୧ ସହଭାଗୀ ଗ୍ରାମ୍ୟ ଅବଧାରଣାରେ ଯୋଗାଯୋଗ କରିବାର ଦକ୍ଷତା

- ଲୋକମାନଙ୍କ ମତାମତ ଏବଂ ଶ୍ରଦ୍ଧା ଉପରେ ଆଗ୍ରହାନ୍ୱିତ ହେବା, ଧୀରସ୍ଥିର ଭାବରେ ଓ ସରଳଭାବରେ କଥାବାର୍ତ୍ତା ହେବା।
- ସୁବ୍ୟବସ୍ଥିତ, ଖୋଲାଯାଗାରେ ଏବଂ ବୁଝି ପାରୁଥିବା ଢଙ୍ଗରେ ପ୍ରଶ୍ନ ପଚରାଯିବା ଉଚିତ୍।
- ଲୋକମାନଙ୍କୁ ଏକାଗ୍ରତା ପାଇଁ ନିବେଦନ କରିବା, ଅଳ୍ପ କେତେକ ବ୍ୟକ୍ତିବିଶେଷଙ୍କ ଦୃଷ୍ଟିଭଙ୍ଗୀକୁ ପ୍ରାଧାନ୍ୟ ଦେବାକୁ ଦୂରେଇଯିବା।
- ଲୋକମାନଙ୍କ ମତାମତ ଉପରେ ସଯତ୍ନ ହେବା।
- ପ୍ରାରମ୍ଭିକ ଅବସ୍ଥାରେ ଗୋଷ୍ଠୀ ମାନଙ୍କର ଅନିଚ୍ଛା ପ୍ରକାଶ ଭାବନା ପ୍ରତି ସହନଶୀଳ ହେବା।
- ନିର୍ଦ୍ଦିଷ୍ଟ ଆଦିମ ଜାତି ତଥା ଗୋଷ୍ଠୀ ମାନଙ୍କର, ଧାର୍ମିକ, ପାରମ୍ପରିକ, ସାଂସ୍କୃତିକ, ଶିକ୍ଷାଦୀକ୍ଷା ସମ୍ବନ୍ଧୀୟ, ଲିଙ୍ଗ ଗତ ଏବଂ ବୟସ ଆଦି ବିଷୟବସ୍ତୁ ପ୍ରତି ଯତ୍ନବାନ ହେବା।
- ଦରିଦ୍ର, ସଂଖ୍ୟା ଲଘୁ ସଂପ୍ରଦାୟ ଏବଂ ମହିଳା ମାନଙ୍କ ଉପରେ ସ୍ୱତନ୍ତ୍ର ବିଚାର ବ୍ୟବସ୍ଥା କରିବା।

### ୭.୪.୨ ବୈଠକ ଆୟୋଜନ କରିବାର ଦକ୍ଷତା

- ବୈଠକର ସମୟ, ସ୍ଥାନ ଏବଂ ବିଷୟବସ୍ତୁ ପୂର୍ବରୁ ପ୍ରସ୍ତୁତ ହେବା ଉଚିତ୍ ଏବଂ ଏହାର ଅଂଶଗ୍ରହଣକାରୀ ଗ୍ରାମବାସୀଙ୍କୁ ବୈଠକ ପୂର୍ବରୁ ଜଣାଇଦେବା ଉଚିତ୍। ଗୋଷ୍ଠୀ ମାନଙ୍କର ସୁବିଧାକୁ ଏଥିରେ ଅଗ୍ରାଧିକାର ଦେବା ଉଚିତ୍।
- ସଭାର କାର୍ଯ୍ୟକ୍ରମ ନମନୀୟ ହେବା ଉଚିତ୍ ଏବଂ ଏହା ସୁଗମକାରୀଙ୍କ (Facilitators) ଦ୍ୱାରା ଏପରି ପ୍ରସ୍ତୁତ ହେବା ଉଚିତ୍ ଯେପରିକି ସଭାରେ ଆଲୋଚିତ ବିଷୟମାନ ପ୍ରକଳ୍ପର ମୂଳ ଲକ୍ଷ୍ୟର ନିକଟବର୍ତ୍ତୀ ହେବା ସହିତ ଏକ ନିର୍ଦ୍ଦିଷ୍ଟ ଧାର୍ଯ୍ୟ ସମୟ ସୀମା ଭିତରେ କାର୍ଯ୍ୟକାରୀ ହେବ।
- ସଭାର ସମସ୍ତ ଆନୁଷଙ୍ଗିତ ବ୍ୟବସ୍ଥା ସଭା ପୂର୍ବରୁ କରାଯିବା ଉଚିତ୍।
- ସଭା ଆରମ୍ଭ ହେବା ପୂର୍ବରୁ ସଭାର ସୁଗମକାରୀ କର୍ମଚାରୀ (Facilitators) ଏବଂ ଆଲୋଚନାର ବିଷୟ ବସ୍ତୁ ଲିପିବଦ୍ଧକାରୀଙ୍କ ନାମ ଚିହ୍ନଟ ହୋଇସାରିଥିବା ଦରକାର।
- ସଭାପୂର୍ବରୁ ଅଂଶଗ୍ରହଣକାରୀଙ୍କ ସମ୍ପତ୍ତିର ସ୍ଥିତି, ଶିକ୍ଷାଗତ ଯୋଗ୍ୟତା, ଲିଙ୍ଗ, ଆଦିମ ଗୋଷ୍ଠୀ ଦଳ କି ନାହିଁ, ଗୋଷ୍ଠୀ, ଧର୍ମ ପ୍ରଭୃତିର ତଥ୍ୟ / ସୂଚନା ସଂଗ୍ରହ କରାଯିବା ଉଚିତ୍। ଏହା ମତାମତର ବିଶୃଙ୍ଖଳା ଏବଂ ଗୋଳମାଳିଆ ପରିସ୍ଥିତିରୁ ଦୂରେଇଦିଏ।

### ୭.୪.୩ ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ସମୟରେ ଆଲୋଚନା ସୁଗମ କରିବାର ସାମର୍ଥ୍ୟ (ଫାସିଲିଟେସନ୍ ସ୍କିଲ୍)

- ସଭାର କାର୍ଯ୍ୟ ସୂଚୀ ଅନୁସାରେ ଗୋଟିଏ କାର୍ଯ୍ୟକ୍ରମ ଶେଷ ହେଲାପରେ ଅନ୍ୟଟିକୁ ଅଲୋଚନାକୁ ନିଆଯିବ ଏବଂ ବିଭିନ୍ନ ବିଷୟରେ ସିଦ୍ଧାନ୍ତ ଉପସ୍ଥାପନା କରାଯିବ।
- ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ସେମାନଙ୍କର ମତାମତ ଦେବାକୁ ପ୍ରୋତ୍ସାହନ ଦେବାଉଚିତ୍ (କେହି ଯଦି ଅଲଗା ଭାବରେ ମତାମତ ଦେବେ କିମ୍ବା ଲଜ୍ଜାଶୀଳ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉଚିତ୍), ଯେଉଁ ମାନେ ସଭାରେ କେବଳ ସେମାନଙ୍କର ମତାମତକୁ ପ୍ରାଧାନ୍ୟ ଦିଅନ୍ତି, ସେମାନଙ୍କୁ ବିଭିନ୍ନ ସାଧାରଣ କୂଟନୀତି ମାଧ୍ୟମରେ ବନ୍ଦ କରାଇବା ଉଚିତ୍।

- ବିଭିନ୍ନ ମତଭେଦକୁ ସୁସଂଗତ କରିବାର ବାଟ ବାହାରକରବା ଏବଂ ଆଲୋଚନାକୁ ଶାନ୍ତିପୂର୍ଣ୍ଣ ଏବଂ ସୁଖକର କରିବା।
- ସମୟାନୁବର୍ତ୍ତୀ ଭାବରେ ସଭାକୁ ଆରମ୍ଭ ଏବଂ ଶେଷ କରିବା।
- ଏକ ସାଙ୍ଗରେ ବହୁତ ଗୁଡିଏ ପ୍ରଶ୍ନ ପଚାରିବାରୁ ଦୂରେଇ ରହିବା ଉଚିତ୍।
- ମର୍ମକୁ ଭେଦିଲା ଭଳି କୌଣସି ବିଷୟ ଉପରେ, ପରୋକ୍ଷ ଭାବରେ ପ୍ରଶ୍ନ ପଚାରିବା ଉଚିତ୍। ଉଦାହରଣ ସ୍ୱରୂପ – ଆୟ, ମାଲିକାନାସତ୍ୱ, ଭିନ୍ନକ୍ଷମ, ବୟସ,ବୈବାହିକ ସୂଚନା, ଶିକ୍ଷା ଇତ୍ୟାଦି।

## ୭.୫ ସହଭାଗୀ ଗ୍ରାମ୍ୟ ଅବଧାରଣାର ବିବରଣୀ ପ୍ରସ୍ତୁତି

- ପ୍ରଥମରୁ ବିଭିନ୍ନ ଗୁଣାତ୍ମକ ଏବଂ ପରିମାଣ ଗତ ତଥ୍ୟ ମାନଙ୍କୁ ଅଲଗା କରାଇବା
- ପରିମାଣ ଗତ ତଥ୍ୟ ମାନଙ୍କର ମୌଳିକ ପରିସଂଖ୍ୟାନ ବିଶ୍ଳେଷଣ।
- ମୌଳିକ ପରିମାଣ ଗତ ତଥ୍ୟ ମାନଙ୍କର ବିଶ୍ଳେଷଣ।

### ୭.୫.୧ ନଥିପତ୍ର ପ୍ରସ୍ତୁତ

ସହଭାଗୀ ଗ୍ରାମ୍ୟ ଅବଧାରଣା ପ୍ରକ୍ରିୟା ପ୍ରୟୋଗର ଅଭ୍ୟାସ ସମୟରେ ଓ ବିଭିନ୍ନ ତଥ୍ୟ ସଂଗ୍ରହ କରାଯିବା ସମୟରେ ସେମାନଙ୍କୁ ବିଭିନ୍ନ ଶିରୋନାମା ଏବଂ ଅଣୁ ଶିରୋନାମା ଅଧୀନରେ ଅଣୁ ଯୋଜନା ସହାୟକ ପୁସ୍ତିକାରେ ଲିପିବଦ୍ଧ କରାଯିବ ସେହି ତଥ୍ୟ ଗୁଡିକୁ ଅଣୁ ଯୋଜନା ପ୍ରସ୍ତୁତି ସମୟରେ ବିଶ୍ଳେଷଣ କରାଯିବା ଉଚିତ୍।

## ୭.୬ ଅଣୁ ଯୋଜନା ସମୟରେ ଏହାର ସହାୟତା ପାଇଁ ସହଭାଗୀ ଗ୍ରାମ୍ୟ ଅବଧାରଣାର ବିଭିନ୍ନ ପଦ୍ଧତି

- ଚାଲିଚାଲି କରାଯାଇଥିବା ଜଙ୍ଗଲ ସର୍ବେକ୍ଷଣ
- ମୁଖ୍ୟ ସୂଚନା ପ୍ରଦାନକାରୀଙ୍କ ସହ ସାକ୍ଷାତକାର
- ସାମାଜିକ ମାନଚିତ୍ର ପ୍ରସ୍ତୁତି
- ସମ୍ବଳ ମାନଚିତ୍ର ପ୍ରସ୍ତୁତି
- ଭେନ୍/ଚପାତି ଚିତ୍ର
- ଋତୁଭିତ୍ତିକ ସମୟ ସାରଣୀ
- ଐତିହାସିକ ସମୟ ସାରଣୀ
- ଛାଞ୍ଚ (ମାଟ୍ରିକ୍ସ) ର ଶ୍ରେଣୀ ବିଭାଗ
- ଗୋଷ୍ଠୀ ଆଲୋଚନା
- ଅନୁଧ୍ୟାନ/ ନିରୀକ୍ଷଣ

### (କ) ପଦ୍ଧତିର ନାମ : ଚାଲିଚାଲି କରାଯାଇଥିବା ଜଙ୍ଗଲ ସର୍ବେକ୍ଷଣ

| | |
|---|---|
| ପଦ୍ଧତିର ବର୍ଣ୍ଣନା | ▪ ପାଦରେ ଚାଲିଚାଲି ସର୍ବେକ୍ଷଣ କରିବା ଗୋଟିଏ ସାକ୍ଷାତକାର କରିବା ସଦୃଶ ଯେଉଁଥିରେ କି ଯୋଜନା ପ୍ରସ୍ତୁତକାରୀ ଦଳ ଗ୍ରାମର ମଧ୍ୟ ଭାଗରୁ ପରିସୀମା ପର୍ଯ୍ୟନ୍ତ ଅନ୍ୟାନ୍ୟ ସୂଚନା ପ୍ରଦାନକାରୀ ଗ୍ରାମବାସୀମାନଙ୍କ ସହିତ ଚାଲିଚାଲି ଯାଇଥାନ୍ତି। ସେହି ସୂଚନା ପ୍ରଦାନକାରୀ ମାନଙ୍କର ଗ୍ରାମର ସମ୍ବଳ ଏବଂ ସମସ୍ୟା ବିଷୟରେ ସ୍ୱତନ୍ତ୍ର ଜ୍ଞାନ ଥାଏ।<br>▪ ପ୍ରସ୍ତୁତକାରୀ ଦଳ ଏବଂ ସୂଚନା ପ୍ରଦାନକାରୀ ମାନେ ଗ୍ରାମ ଏବଂ ଗ୍ରାମର ଚତୁଃପାର୍ଶ୍ୱରେ ବିଭିନ୍ନ ଉପଯୁକ୍ତ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ଅଞ୍ଚଳକୁ ଅନୁଧ୍ୟାନ କରନ୍ତି ଏବଂ ସେମାନଙ୍କର ବିଭିନ୍ନ ପାରସ୍ପରିକ ଆଗ୍ରହ ଜନିତ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି।<br>▪ ଏହି ପଥ ପରିଭ୍ରମଣ ଗୋଟିଏ ସିଧା ରାସ୍ତାରେ ଚାଲିଯିବା ଜରୁରୀ ନୁହେଁ, ଏହି ପଥକୁ ବିଭିନ୍ନ ନିର୍ଦ୍ଦିଷ୍ଟ ଆଗ୍ରହଜନିତ ବିଷୟ ଯଥା ପବିତ୍ର ଉପବନ କିମ୍ବା ବେସରକାରୀ ଫଳ ବଗିଚା ମଧ୍ୟ ଦେଇ ଯିବା ପାଇଁ ଜାଣିଶୁଣି ଠିକ୍ କରାଯାଇପାରେ।<br>▪ ସମସ୍ତ ଯୋଜନା ପ୍ରସ୍ତୁତକାରୀ ଦଳ, ସର୍ବେକ୍ଷଣ ପାଇଁ ଗୋଟିଏ ରାସ୍ତା ଦେଇ ଚାଲି କରିଯିବା ଦରକାର ନାହିଁ, ଦଳକୁ ଛୋଟ ଛୋଟ ଉପଦଳରେ ବିଭକ୍ତ କରିଦେବା ଆବଶ୍ୟକ, କାରଣ ଦୁଇ ତିନି ଜଣ ଲୋକ ଗୋଟିଏ ଦିଗରେ ପଦଯାତ୍ରା କରିବେ ଏବଂ ଅନ୍ୟ ଉପଦଳ ଅନ୍ୟାନ୍ୟ ରାସ୍ତାରେ ଯିବେ। ଏହା ପ୍ରସ୍ତୁତ କାରୀ ଦଳକୁ ବହୁତ ଅଞ୍ଚଳ ବୁଲି ପାରିବା ଏବଂ ବହୁତ ଭବିଷ୍ୟତ କାର୍ଯ୍ୟକ୍ରମରେ ପାଇପାରିବାରେ ସାହାଯ୍ୟ କରିବ। ଏହି ପଦ୍ଧତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଲୋକମାନଙ୍କୁ ସମ୍ବଳର ପରିମାଣ ଏବଂ ତାହା କି କି ଉପାୟରେ କାର୍ଯ୍ୟରେ ବିନିଯୋଗ ହେଉଛି, ସେ ବିଷୟରେ ବିଭିନ୍ନ କ୍ଷେତ୍ରରେ ପର୍ଯ୍ୟବେକ୍ଷଣ କରି ପ୍ରଶ୍ନ ପଚାରିବାର ସୁଯୋଗ ପାଇବା<br>▪ ପରବର୍ତ୍ତୀ ଅବସ୍ଥାରେ ପାଇଥିବା ତଥ୍ୟକୁ ଏକ ଟେବୁଲ ଫର୍ମାଟରେ ସଜାଇ ରଖାଯାଏ ଯାହାକି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସାହାଯ୍ୟ କରେ, ଯଥା : ସମ୍ବଳ ଗୁଡିକ କେଉଁ ସ୍ଥାନରେ ଅବସ୍ଥିତ, ତାହାର ଅବସ୍ଥା କିପରି ଏବଂ ସେଗୁଡିକ କେଉଁ ମାଂନଙ୍କ ଦ୍ୱାରା ବ୍ୟବହୃତ ହୁଏ ଏବଂ ବିଭିନ୍ନ ସମ୍ବଳ ଉପରେ ଲୋକେମାନଙ୍କର କେତେ ଚାପ ଥାଏ ଏହା ଛଡା ସମ୍ବଳ ଗୁଡିକ ପାଇବା ପାଇଁ କଣ କଣ ନିୟମ କାନୁନ ଅଛି ଏବଂ ଲୋକମାନଙ୍କ ମଧ୍ୟରେ ଏଥି ପାଇଁ ଅର୍ନ୍ତଦ୍ୱନ୍ଦ ଅଛିକି ନାହିଁ, ତାହା ଜାଣିବା ଉଚିତ୍। |

| | |
|---|---|
| ଉଦ୍ଦେଶ୍ୟ | ▪ ପ୍ରାଥମିକ ସ୍ତରରେ ଗ୍ରାମ ଭିତରେ/ ଗ୍ରାମ ସୀମା ନିକଟରେ ମିଳୁଥିବା ବିଭିନ୍ନ ସମ୍ବଳର ସୂଚନା ପାଇବା ।<br>▪ ଲୋକମାନଙ୍କର ସମ୍ବଳର ବିଭିନ୍ନ ବ୍ୟବହାର ବିଷୟରେ ଚିହ୍ନଟି କରଣ ।<br>▪ ସମ୍ବଳର ବର୍ତ୍ତମାନର ସ୍ଥିତି, ସମ୍ବଳର ବିବିଧତା ଏବଂ ଲୋକମାନଙ୍କର ସମ୍ବଳ ଉପରେ ଅର୍ନ୍ତଦ୍ୱନ୍ଦ, ସେଗୁଡିକ ପଛରେ ବିଭିନ୍ନ କାରଣ ସବୁ ଚିହ୍ନଠ କରିବା ।<br>▪ ଲୋକମାନଙ୍କର ବିଭିନ୍ନ ମତଭେଦକୁ ଆଲୋଚନା ମାଧ୍ୟମରେ ଦୂରକରିବା ଏବଂ ଗୋଷ୍ଠୀଙ୍କୁ ଅଣୁ ଯୋଜନା ପ୍ରସ୍ତୁତିରେ ସାମିଲ କରାଇବା । |
| ମୁଖ୍ୟ ପ୍ରଶ୍ନାବଳୀ | ▪ ଗ୍ରାମର ପ୍ରାକୃତିକ ଆକୃତି ସାଧାରଣ ଭାବେ କିପରି ?<br>▪ ଗ୍ରାମର ବିଭିନ୍ନ ଭାଗରେ କି କି ପ୍ରକାର ବୃକ୍ଷରାଜି ଦେଖାଯାଏ<br>▪ ଗ୍ରାମରେ ଥିବା ବିଭିନ୍ନ ପ୍ରକାରର ଜମି କି କି ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ ?<br>▪ ଏହି ବିଭିନ୍ନ ଅଞ୍ଚଳ ଗୁଡିକ ପୁରୁଷ ଏବଂ ମହିଳା ମାନଙ୍କ ପାଇଁ କି କି ପ୍ରାଧାନ୍ୟ ବହନ କରେ ?<br>▪ ସମ୍ବଳ ମାନଙ୍କୁ ପାଇବା ପାଇଁ ଗୋଷ୍ଠୀ ମାନଙ୍କ ମଧ୍ୟରେ କି କି ଅର୍ନ୍ତଦ୍ୱନ୍ଦ ଦେଖାଯାଏ ।<br>▪ ଗ୍ରାମର କୌଣସି ଅଞ୍ଚଳରେ /ଭୌଗଳିକ ସୀମା ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ବୃକ୍ଷ ରାଜି କମିଯାଉଛନ୍ତି କି ?<br>▪ ବିଭିନ୍ନ ଅଞ୍ଚଳରେ ମନୁଷ୍ୟ ପାଇଁ ଖାଦ୍ୟ/ଗୋଖାଦ୍ୟ/ଜାଳେଣୀ ଇତ୍ୟାଦି ପାଇଁ କି କି ପ୍ରକାର ନିର୍ଭରଶୀଳତା ଦେଖାଯାଏ । |
| ସୁଗମ କରିବା (Facilitation) ପାଇଁ ବିଭିନ୍ନ ସୋପାନ | ▪ ଗ୍ରାମର ସବିଶେଷ ବର୍ଣ୍ଣନା ଏବଂ ସମ୍ବଳର ସ୍ଥିତି ଉପରେ ପୁରାପୁରି ଜ୍ଞାନ ଥିବା କିଛି ବ୍ୟକ୍ତି ଙ୍କୁ ଏକାଠି କରାଇବା ।<br>▪ ଯୋଜନା ପ୍ରସ୍ତୁତକାରୀ ଦଳକୁ ଛୋଟ ଛୋଟ ଦଳରେ ବିଭକ୍ତ କରିଦିଆଯିବ, ସେଥିରେ ଅନ୍ୟୁନ ଜଣେ ସହଭାଗୀ ଗ୍ରାମ୍ୟ ଅବଧାରଣା ଦଳର ଏବଂ ଅନ୍ୟାନ୍ୟ କିଛି ବ୍ୟକ୍ତି ଗୋଷ୍ଠୀର ହୋଇଥିବେ ।<br>▪ ଦଳ, ଗ୍ରାମକୁ ବିଭିନ୍ନ ଅଞ୍ଚଳରେ ଭାଗ କରିଦେବ, ଯେପରି ସମତଳ ଅଞ୍ଚଳ (ଗ୍ରାମ) ପାହାଡ ତଳି ଅଞ୍ଚଳ, ପାହାଡିଆ ଅଞ୍ଚଳ ପ୍ରଭୃତି ଯେପରି ବିଭିନ୍ନ ଅଞ୍ଚଳରେ ମିଳୁଥିବା ସମ୍ବଳ ସମ୍ପର୍କରେ ଭଲଭାବରେ ଜାଣି ହେଉଥିବ। ଏହା ଲୋକମାନଙ୍କର ପରାମର୍ଶ ନେଇ କରାଯିବା ଉଚିତ୍ ।<br>▪ ଗ୍ରାମର ମଧ୍ୟ ଭାଗରୁ ପର୍ବତ ଶିଖର ପର୍ଯ୍ୟନ୍ତ । ବାହ୍ୟସୀମା ପର୍ଯ୍ୟନ୍ତ ଏବଂ ତାହାଠାରୁ କିଛି ଆର୍ଥିକ ଦୂର ପର୍ଯ୍ୟନ୍ତ ମଧ୍ୟ, ଗୋଟିଏ ରାସ୍ତାରେ ଚାଲିବାକୁ ପଡିବ, ଯେଉଁ ପର୍ଯ୍ୟନ୍ତ ଗ୍ରାମବାସୀ ମାନେ ପ୍ରତିଦିନ ସାଧାରଣ ଭାବେ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପାଇଁ ଯିବା ଆସିବା କରନ୍ତି ।<br>▪ ରାସ୍ତାରେ ଚାଲୁଥିବାବେଳେ ଲୋକଙ୍କୁ ବିଭିନ୍ନ ସିଧାସଳଖ ଏବଂ ବୁଲେଇ ବାଙ୍କି ପ୍ରଶ୍ନ ମଧ୍ୟ ପଚରା ଯିବା ଏବଂ ସମସ୍ତ ଆଲୋଚନାକୁ ଲିପିବଦ୍ଧ କରିବା ଉଚିତ୍ ।<br>▪ ମିଳୁଥିବା ସମସ୍ତ ସିଦ୍ଧାନ୍ତ ଗୁଡିକୁ ଗ୍ରାମର ବିଭିନ୍ନ ଅଞ୍ଚଳ ଭିତ୍ତିରେ ବିଭିନ୍ନ ସମୟ ସାରଣୀରେ ସଜାଇ ରଖିବାକୁ ପଡିବ । |
| ଦରକାର ପଡୁଥିବା ଆବଶ୍ୟକ ଉପକରଣ | ▪ ଚିତ୍ର ଆଙ୍କିବା ପାଇଁ କାଗଜ<br>▪ ଲେଖିବା ପାଇଁ ଖାତା<br>▪ ପେନସିଲ ସହିତ ରବର ଏବଂ ମୁନ କଟାଯନ୍ତ୍ର<br>▪ କଲମ |


**(ଖ) ପଦ୍ଧତିର ନାମ : ମୁଖ୍ୟ ସୂଚନା ପ୍ରଦାନକାରୀଙ୍କ ସହ ସାକ୍ଷାତକାର (Key informant interview)**

| | |
|---|---|
| ପଦ୍ଧତିର ବର୍ଣ୍ଣନା | ▪ ଏହା ଗୋଟିଏ ଗୁଣାତ୍ମକ ପଦ୍ଧତି, ଯେଉଁଥିରେ ଜଣଙ୍କ ସହିତ କମିବା ଗୋଟିଏ ଦଳରେ ଥିବା ଦଶରୁ ପନ୍ଦର ଜଣ ଲୋକଙ୍କ ସହିତ ସାକ୍ଷାତକାର ମାଧ୍ୟମରେ ବିଭିନ୍ନ ସୂଚନା ଶୀଘ୍ର ସଂଗ୍ରହ କରାଯାଏ ।<br>▪ ଅଣୁ ଯୋଜନା ନିମିତ୍ତ ପ୍ରସଙ୍ଗଗତ ସିଧା ସଳଖ ପ୍ରଶ୍ନ ପଚରା ଯାଇଥାଏ ଯାହାଦ୍ୱାରା ଲୋକମାନଙ୍କ ସହ ଉକ୍ତ ପ୍ରସଙ୍ଗରେ ଆଲୋଚନା କରି ହୁଏ । |
| ଉଦ୍ଦେଶ୍ୟ | ▪ କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ସବିଶେଷ ବର୍ଣ୍ଣନା କିମ୍ବା ଅନ୍ୟକୌଣସି ତଥ୍ୟର ପ୍ରାଥମିକ ସୂଚନା ପାଇବା ପାଇଁ ଏହା ସାଧାରଣ ଭାବେ କରାଯାଇଥାଏ । ଏହି ସୂଚନା ଗୁଡ଼ିକ ପ୍ରକଳ୍ପ ସମ୍ପର୍କରେ ଯୋଜନା ପ୍ରସ୍ତୁତି, କାର୍ଯ୍ୟକ୍ରମ କାର୍ଯ୍ୟକାରୀତାର ପର୍ଯ୍ୟବେକ୍ଷଣ ଏବଂ ମୂଲ୍ୟାୟନ ପ୍ରଭୃତି ପାଇଁ ଆବଶ୍ୟକ । |
| ମୁଖ୍ୟ ପ୍ରଶ୍ନମାନ | ▪ ମୁଖ୍ୟ ପ୍ରସଙ୍ଗ/ ସମସ୍ୟା ଗୁଡ଼ିକ କଣ କଣ ଏବଂ ଏହାର କାରଣ କଣ ?<br>▪ ଗ୍ରାମ ପାର୍ଶ୍ୱରେ ଥିବା ଜଙ୍ଗଲରୁ ଗୋଷ୍ଠୀଙ୍କୁ କି ସୁବିଧା ମିଳେ ?<br>▪ ଗ୍ରାମ ପାର୍ଶ୍ୱରେ ଥିବା ଜଙ୍ଗଲର ହିତାଧିକାରୀ ମାନେ କିଏ କିଏ ?<br>▪ ପୁରୁଷ କିମ୍ବା ସ୍ତ୍ରୀ ମାନଙ୍କ କ୍ଷେତ୍ରରେ ଏମାନଙ୍କର ବ୍ୟବହାର କିପରି ବଦଳି ଯାଏ ?<br>▪ କେଉଁ ବୃକ୍ଷ ମୁଖ୍ୟ ଭାବରେ ଏଥିରେ ଦେଖାଯାଏ, ସେମାନଙ୍କର ସଂଖ୍ୟା କିପରି କମବେଶୀ ହୁଏ ଏବଂ ଏହାର କାରଣ ମାନ କଣ ?<br>▪ ଲୋକମାନେ କେଉଁ ମୁଖ୍ୟ କାର୍ଯ୍ୟରେ ସାମୟିକ ଭାବରେ ବ୍ୟସ୍ତ ଥାନ୍ତି, ସେଗୁଡ଼ିକ ଠାରୁ ଅଧିକ ଲାଭବାନ ବ୍ୟବସାୟ କଣ ଏବଂ କାହିଁକି ଏବଂ କେଉଁଟି କମ ଲାଭଦାୟକ ଏବଂ କାହିଁକି ?<br>▪ ବିଭିନ୍ନ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପାଇଁ ମୁଖ୍ୟ ପ୍ରସଙ୍ଗ କଣ ଏବଂ ସେଗୁଡ଼ିକୁ କିପରି ସମାଧାନ କରାଯାଇପାରିବ ? (ବିଭିନ୍ନ ପ୍ରଶ୍ନୋତ୍ତମ କାର୍ଯ୍ୟକମ୍ର ମାଧ୍ୟମରେ ଲୋକମାନଙ୍କ ସମସ୍ୟ ଭଲଭାବରେ ଅନୁସନ୍ଧାନ କରିବାକୁ ପଡିବ ଏବଂ ଲୋକମାନେ କି କି ସ୍ଥାନୀୟ ପରିବେଶର ଜ୍ଞାନ ଏହି ପଦ୍ଧତିରେ ବ୍ୟବହାର କରୁଛନ୍ତି ତାହା ଜାଣିବାରକୁ ପଡିବ)<br>▪ ବିଭିନ୍ନ ପ୍ରଶ୍ନଗୁଡ଼ିକୁ ତିଆରି କରିବା – ପ୍ରକଳ୍ପର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ପ୍ରଶ୍ନ ଗୁଡ଼ିକ ନିର୍ଦ୍ଦିଷ୍ଟ ଓ ସୀମିତ ହେବା ଆବଶ୍ୟକ ।<br>▪ ଖୋଲାଖୋଲି ଭାବେ ଆଲୋଚନା ପାଇଁ ଅନୁମତି ଦେବା ମୁଖ୍ୟ ପ୍ରସଙ୍ଗକୁ ଭିତ୍ତି କରି ଗୋଟିଏ ପ୍ରଶ୍ନୋତ୍ତର ନିୟମାବଳି ପ୍ରସ୍ତୁତ କରାଯାଉ, ଯାହା ଆଲୋଚନାକୁ ଆରମ୍ଭ ଓ ଆଲୋଚନାକୁ ନିୟନ୍ତ୍ରିତ ବ୍ୟବସ୍ଥାରେ ପରିଚାଳନା କରାଯାଇପାରିବ ।<br>▪ ମୁଖ୍ୟ ସୂଚନା ପ୍ରଦାନକାରୀ ମାନଙ୍କୁ ମାନଙ୍କୁ ଚିହ୍ନଟ କରାଯାଉ– ଚିହ୍ନଟ ହୋଇଥିବା ପ୍ରସଙ୍ଗ ଉପରେ ସ୍ୱତନ୍ତ୍ର ଜ୍ଞାନ ଥିବା ଲୋକମାନଙ୍କୁ ବଛାଯିବ ।<br>▪ ସାକ୍ଷାତକାର ପରିଚାଳନା ପାଇଁ ବଛାଯାଇଥିବା ଲୋକମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ସମନ୍ୱୟ ରକ୍ଷାକରି ପ୍ରକଳ୍ପର ଲକ୍ଷ୍ୟ ଏବଂ ସାକ୍ଷାତ କାରର ଉଦ୍ଦେଶ୍ୟ ବୁଝାଇବାକୁ ହେବ । ପ୍ରଶ୍ନ ଗୁଡ଼ିକୁ କ୍ରମାନ୍ୱୟରେ ପଚରାଯିବ । କୌଣସି ଅପ୍ରୀତିକର ଯୁକ୍ତିତର୍କରୁ ଦୂରେଇ ରହିବା ଉଚିତ୍ । ପ୍ରସଙ୍ଗ ମାନଙ୍କୁ ଅନୁସନ୍ଧାନ କରି ଆହୁରି ତର୍ଜମା କରିବା, ଆଲୋଚନାର ବିସ୍ତୃତ ବିବରଣୀ ଲିପିବଦ୍ଧ କରିବା<br>▪ ଆଲୋଚନାରୁ ନିର୍ଗତ ତଥ୍ୟ ଏବଂ ଅନ୍ୟାନ୍ୟ ଫଳାଫଳକୁ ବିଶ୍ଳେଷଣ କରିବା ।<br>▪ ପ୍ରାପ୍ତ ସୂଚନାର ବିଶ୍ୱସନୀୟତା ଏବଂ ସଠିକତାକୁ ପରିକ୍ଷା କରିବା – ସୂଚନା ପ୍ରଦାନକାରୀ ମାନଙ୍କ ପର୍ଯ୍ୟାପ୍ତ ଜ୍ଞାନ, ଅଭିଜ୍ଞତା ଏବଂ ବିଶ୍ୱସନୀୟତା ଇତ୍ୟାଦିକୁ ପରୀକ୍ଷା କରିବା । |
| ଆବଶ୍ୟକ ଉପକରଣ | ▪ ମୁଖ୍ୟ ସୂଚନାକରୀଙ୍କ ପାଇଁ ସାକ୍ଷାତକାର ପଶ୍ନାବଳୀ<br>▪ ଲେଖିବା ଖାତା<br>▪ କଲମ<br>▪ ପେନସିଲ, ରବର, ପେନସିଲ ମୁନକଟା ଯନ୍ତ୍ର<br>▪ ଚିତ୍ର ଆଙ୍କିବା ପାଇଁ କାଗଜ<br>▪ ରଙ୍ଗ କରିବା ପାଇଁ ପେନ (ସ୍କେଚ ପେନ) |
| ସମୟ ଅବଧି | ▪ ଏକଘଣ୍ଟା ରୁ ଦେଢଘଣ୍ଟା |

## (ଗ) ପଦ୍ଧତିର ନାମ – ସାମାଜିକ ମାନଚିତ୍ର ପ୍ରସ୍ତୁତି (Socio Mapping)

| | |
|---|---|
| ବର୍ଣ୍ଣନା | ▪ ଗୋଷ୍ଠୀ ମାନଙ୍କ ଦ୍ୱାରା ଏହି ମାନଚିତ୍ର ଅଙ୍କନ କରାଯାଇଥାଏ, ଯାହା ଗ୍ରାମର ସାମାଜିକ ବ୍ୟବସ୍ଥା ଏବଂ ସେ ଅଞ୍ଚଳର ଅନୁଷ୍ଠାନ ମାନଙ୍କର ଅବସ୍ଥିତି ଦର୍ଶାଏ ।<br>▪ ଏହା ପରିବାର ମାନଙ୍କ ମଧ୍ୟରେ ସାମାଜିକ ଏବଂ ଅର୍ଥନୈତିକ ବୈଷମ୍ୟ ଜାଣିବାରେ ମଧ୍ୟ ସାହାଯ୍ୟ କରେ । |
| ଉଦ୍ଦେଶ୍ୟ | ▪ ଏହା ସାମାଜିକ ଗଠନ ପ୍ରଣାଳୀ, ପରିବାର ମାନଙ୍କ ଅବସ୍ଥିତି ଏବଂ ସେମାନଙ୍କର ଆର୍ଥିକ ଅବସ୍ଥା, ସଂଖ୍ୟା ଲଘୁ ସଂପ୍ରଦାୟ ଏବଂ ଧର୍ମ ଏବଂ ଗ୍ରାମରେ ଥିବା ବିଭିନ୍ନ ଅନୁଷ୍ଠାନ ମାନଙ୍କ ବିଷୟରେ ସୂଚନା ପ୍ରଦାନ କରିବାରେ ସାହଯ୍ୟ କରିବ ।<br>▪ ଗ୍ରାମର ବିଭିନ୍ନ ଅନୁଷ୍ଠାନ ଗୁଡିକ ବିଷୟରେ ଶିକ୍ଷା ଗ୍ରହଣ କରିବା । |
| ମୁଖ୍ୟ ପ୍ରଶ୍ନାବଳୀ | ▪ ଗ୍ରାମର ଆନୁମାନିକ ସୀମାଟି କେତେ ?<br>▪ ଗ୍ରାମରେ କେତୋଟି ପରିବାର ବାସକରନ୍ତି ଏବଂ ସେମାନଙ୍କର ବାସସ୍ଥାନ ମାନ କେଉଁ ସ୍ଥାନରେ ଅବସ୍ଥିତ ?<br>▪ ଗ୍ରାମର ପରିବାର ମାନଙ୍କର ସଂଖ୍ୟା ବଢୁଛି କି କମୁଛି ?<br>▪ ଗ୍ରାମରେ କେଉଁ କେଉଁ ଧର୍ମାବଲମ୍ବୀ ମାନେ ଦେଖାଯାନ୍ତି ?<br>▪ ଗ୍ରାମରେ ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ପରିବାରମାନେ ଆନୁମାନିକ ଭାବେ କେଉଁ କଉେଁ ଅଞ୍ଚଳରେ ବସବାସ କରନ୍ତି ?<br>▪ ଗ୍ରାମରେ କେଉଁ ପରିବାର ମାନଙ୍କର ପକ୍କା ଘର ଏବଂ କେଉଁ ମାନଙ୍କର କଚ୍ଚା ଘର ଅଛି ?<br>▪ ଗ୍ରାମରେ ମହିଳା ପ୍ରଧାନ ପରିବାର ମାନେ କିଏ କିଏ ଏବଂ ସେମାନେ କେଉଁ ସ୍ଥାନରେ ବସବାସ କରନ୍ତି ? |
| ସୁଗମ କରିବା (Facilitation) ପାଇଁ ବିଭିନ୍ନ ପଦ୍ଧତି | ▪ ଉତ୍ତର ଦିଗ ଚିହ୍ନଟ କରି ମାନଚିତ୍ରର ସ୍ଥିତି ଠିକ୍ କରାଯାଉ ।<br>▪ ଅଂଶ ଗ୍ରହଣକାରୀଙ୍କୁ ଗୋଟିଏ ମାନଚିତ୍ର ଅଙ୍କନ କରିବାକୁ କହାଯିବ, ଯେଉଥିରେ କି ମୁଖ୍ୟ ପ୍ରାକୃତିକ ଦୃଶ୍ୟ ଯଥା ପାହାଡପର୍ବତ, ମୁଖ୍ୟ ରାସ୍ତା ପ୍ରଭୃତି ଦେଖାଉ । ଏହା ଗ୍ରାମର ସୀମା ନିର୍ଦ୍ଧାରଣ କରିବାରେ ସହାୟକ ହେବ ।<br>▪ ଗ୍ରାମର ସମସ୍ତ ପରିବାର ମାନଙ୍କୁ କେଉଁ କେଉଁ ଅଞ୍ଚଳରେ ରହୁଛନ୍ତି ତାହା ସଠିକ ସ୍ଥାନ ଦର୍ଶାଯାଉ । ମୁଖ୍ୟ ପ୍ରାକୃତିକ ଦୃଶ୍ୟର ଅବସ୍ଥିତି ଅନୁସାରେ ପରିବାର ମାନଙ୍କର ଅବସ୍ଥିତିକୁ ଦର୍ଶାଯାଉ । ଉଦାହରଣ ସ୍ୱରୂପ ଯେଉଁ ପରିବାର ଗୁଡିକୁ ଗ୍ରାମର ରାସ୍ତାର ଗୋଟିଏ ପାଶ୍ୱରେ ଅଛନ୍ତି, ତାହା ମାନଚିତ୍ରରେ ଠିକ୍ ସେ ଦିଗରେ ଦର୍ଶାଯାଉ ।<br>▪ ଗୋଟିଏ ପ୍ରକାର ଘର ପାଇଁ ଗୋଟିଏ ପ୍ରକାରର ଚିହ୍ନ ବ୍ୟବହାର କରାଯାଉ । ଉଦାହରଣ ସ୍ୱରୂପ ହିନ୍ଦୁ ମାନଙ୍କର ଘରେ ପାଇଁ ଗୋଟିଏ ସାଧାରଣ ଚିହ୍ନ ରହିବା ଉଚିତ୍ । ଠିକ୍ ସେପରି ପକ୍କା ଏବଂ କଚ୍ଚା ଘରେ ମାନଙ୍କ ପାଇଁ ମଧ୍ୟ ଗୋଟିଏ ଗୋଟିଏ ଚିହ୍ନଟ କରାଯିବ, ଯଥା ମନ୍ଦିର, ମସଜିଦ୍, ଗୀର୍ଜା, ବିଦ୍ୟାଳୟ, ପଞ୍ଚାୟତ ଅଫିସ, ଡାକଘର ଇତ୍ୟାଦି ।<br>▪ ମାନଚିତ୍ରରେ ମହିଳା ମୁଖ୍ୟ ପରିବାର ମାନଙ୍କୁ ଚିହ୍ନଟ କରାଯିବ ।<br>▪ ମାନଚିତ୍ରରେ ବ୍ୟବହୃତ ବିଭିନ୍ନ ବିଷୟ ବସ୍ତୁ ଏବଂ ଚିହ୍ନ ସେସବୁକୁ ବର୍ଣ୍ଣନା କରିବା ଏବଂ ଠିକଭାବରେ ବୁଝାଇପାରୁଥିବା ନିଶ୍ଚିତ କରିବା ଦରକାର ।<br>▪ ସମୁଦାୟ ପରିବାରର ସଂଖ୍ୟା ନିକଟ ଅତୀତରେ ବଢିଛି କି କମିଛି, ସେ ବିଷୟରେ ଆଲୋଚନା ହେବା ଦରକାର । ସେଗୁଡିକର କାରଣ ଏବଂ ତଦ୍ୱାରା ଗ୍ରାମରେ କି କି ପ୍ରଭାବ ପଡୁଛି, ତାହା ମଧ୍ୟ ଆଲୋଚନା ହେବା ଉଚିତ୍ । |
| କାର୍ଯ୍ୟପାଇଁ ଦରକାର ପଡୁଥିବା ଉପକରଣ | ▪ ତଥ୍ୟ ଲିଖନ ପାଇଁ କାଗଜ / ଖାତା<br>▪ ଚିତ୍ର ଅଙ୍କନ କାଗଜ<br>▪ କଲମ<br>▪ ପେନସିଲ, ରବର, ପେନସିଲ, ମୁନକଟା ଯନ୍ତ୍ର<br>▪ ଚିତ୍ର ଆଙ୍କିବା କଲମ |

| | |
|---|---|
| ସମୟ ଅବଧି | ▪ ଦେଢରୁ ଦୁଇ ଘଣ୍ଟା |
| ସୂଚନା | ▪ ଏହା ରଙ୍ଗ ଗୁଣ୍ଡ / ଚକ ଗୁଣ୍ଡ ବ୍ୟବହାର ଦ୍ୱାରା ମାଟି ଉପରେ ଅଙ୍କନ କରାଯାଇ ଥାଏ । ଏହାକୁ ସହଭାଗୀ ଗ୍ରାମ୍ୟ ଅବଧାରଣା ଦଳର ଜଣେ ସଦସ୍ୟଙ୍କ ସହ ଭଲ ଚିତ୍ର ଆଙ୍କୁଥିବା ଜଣେ କିମ୍ବା ଦୁଇ ଜଣ ଗ୍ରାମ୍ୟ ଗୋଷ୍ଠୀର ସଦସ୍ୟଙ୍କ ସହାୟତାରେ ମାଟିରେ ଅଙ୍କିତ ଚିତ୍ରକୁ ମାନଚିତ୍ର କାଗଜରେ ନକଲ କରାଯାଏ ।<br>▪ ମାନଚିତ୍ର ଅଙ୍କନ କାଗଜରେ ଶେଷ ମାନଚିତ୍ର ଅଙ୍କନଟିକୁ ବିଭିନ୍ନ ରଙ୍ଗ ଦିଆଯାଇ, କୋର୍ଡ ଦିଆଯାଇ ଭଲ ଭାବରେ ଅଙ୍କନ କରାଯିବ ଏବଂ ମାନଚିତ୍ରରେ ଅଙ୍କିତ ବିଭିନ୍ନ ପଦାର୍ଥ ଗୁଡିକ ଭଲଭାବରେ ବୁଝାଇବା ଦରକାର ।<br>▪ ଡ୍ରଇଂ କାଗଜରେ ଅଙ୍କିତ ମାନଚିତ୍ରରେ ଅଙ୍କନ କରାଯାଇଥିବା ତାରିଖ ଏବଂ ଉତ୍ତର ଦିଗ ଦର୍ଶାଯାଇଥିବା ଜରୁରୀ (ଉତ୍ତର ଦିଗ ଏକ ତୀର ସାହାଯ୍ୟରେ)<br>▪ ସର୍ବଶେଷରେ ପ୍ରସ୍ତୁତ ମାନଚିତ୍ରଟିର ସଠିକତା ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରମାଣିତ ଏବଂ ଅନୁମୋଦିତ ହୋଇଥିବା ଦରକାର ।<br>▪ ଯଦି ସମ୍ଭବ, ଏହି ସମ୍ପୂର୍ଣ୍ଣ ପଦ୍ଧତିର କିଛି ଭଲ ସ୍ଥିର ଚିତ୍ର ବା ଫୋଟୋ ନିଆଯିବ । |





ଚିତ୍ର-୬: ଗ୍ରାମର ସାମାଜିକ ମାନଚିତ୍ର

## (ଘ) ପଦ୍ଧତିର ନାମ – ସମ୍ବଳ ମାନଚିତ୍ର ପ୍ରସ୍ତୁତି

| | |
|---|---|
| ବର୍ଣ୍ଣନା | ▪ ଗ୍ରାମ୍ୟ ସମ୍ବଳ ମାନଚିତ୍ର ହେଉଛି ଗୋଟିଏ ପଦ୍ଧତି, ଯାହା ଗୋଟିଏ ଗୋଷ୍ଠୀ ଏବଂ ସେମାନଙ୍କର ସମ୍ବଳ ବିଷୟରେ ଅବଗତ କରାଇବା ପାଇଁ ସାହାଯ୍ୟ କରେ। ଗୋଟିଏ ମାନଚିତ୍ର ଅଙ୍କନ ଅପେକ୍ଷା ଆମର ପ୍ରାଥମିକତା ହେଉଛି ସଠିକ ଭାବେ ସ୍ଥାନୀୟ ଅଞ୍ଚଳର ସମ୍ବଳ ବିଷୟରେ ଉପାଦେୟ ତଥ୍ୟ ସଂଗ୍ରହ କରିବା<br>▪ ଏହା ହେଉଛି ସ୍ଥାନୀୟ ଅଧିବାସୀମାନଙ୍କ ଦ୍ୱାରା ସେ ଅଞ୍ଚଳରେ ଉପଲବ୍ଧ ହେଉଥିବା ପ୍ରାକୃତିକ ସମ୍ବଳର ଏକ ଚିତ୍ରପଟ। |
| ଲକ୍ଷ୍ୟ | ▪ ସେ ଅଞ୍ଚଳରେ ଉପଲବ୍ଧ ପ୍ରାକୃତିକ ସମ୍ବଳ ଏବଂ ତାର ବିନିଯୋଗ ସମ୍ବନ୍ଧରେ ସ୍ଥାନୀୟ ଗ୍ରାମବାସୀଙ୍କ ଅନୁଭୂତି ଜାଣିବା ? |
| ମୁଖ୍ୟ ପ୍ରଶ୍ନାବଳୀ | ▪ କେଉଁ ସମ୍ବଳ ବହୁଳ ପରିମାଣରେ ଉପଲବ୍ଧ ହୁଏ ?<br>▪ କେଉଁ ସମ୍ବଳ କ୍ୱଚିତ୍ ପରିମାଣରେ ଉପଲବ୍ଧ ହୁଏ ?<br>▪ ସମସ୍ତଙ୍କର ସାଧାରଣ ଜମି ଉପରେ ସମାନ ପ୍ରବେଶ ଅଧିକାର ଅଛି କି ?<br>▪ ମହିଳା ମାନଙ୍କର ଜିମି ଉପରେ ପ୍ରବେଶ ଅଧିକାର ଅଛି କି ?<br>▪ ଗରିବ ଲୋକମାନଙ୍କର ଜମି ଉପରେ ପ୍ରବେଶ ଅଧିକାର ଅଛି କି ?<br>▪ ଜମି ମାନଙ୍କର ଅଂଶ ନିର୍ଦ୍ଧିଷ୍ଟ କରିବାର ନିଷ୍ପତି କିଏ ନିଅନ୍ତି ?<br>▪ ଲୋକମାନେ ଜଳ ପାଇଁ କେଉଁଠାକୁ ଯାଆନ୍ତି ?<br>▪ କେଉଁମାନେ ଜଳ ସଂଗ୍ରହ କରନ୍ତି ?<br>▪ ଲୋକମାନେ ଜାଳକାଠ ସଂଗ୍ରହ ପାଇଁ କେଉଁଠାକୁ ଯାଆନ୍ତି ?<br>▪ କିଏ ଜାଳକାଠ ସଂଗ୍ରହ କରେ ?<br>▪ ଲୋକମାନେ ସେମାନଙ୍କର ଗୃହପାଳିତ ପଶୁ ମାନଙ୍କୁ ଚରାଇବା ପାଇଁ କେଉଁଠିକି ନିଅନ୍ତି ?<br>▪ ପୁରାଗୋଷ୍ଠୀ କି କି ପ୍ରକାର ବିକାଶର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରନ୍ତି ଏବଂ ସେଗୁଡ଼ିକ କେଉଁ ସ୍ଥଳରେ କରାଯାଇଛି ?<br>▪ କେଉଁ ସମ୍ବଳକୁ ନେଇ ଅଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ? |
| ସୁଗମ କରିବା (Facilitation) ପାଇଁ ବିଭିନ୍ନ ପଦ୍ଧତି | ▪ କାର୍ଯ୍ୟ କରିବା ପାଇଁ ଗୋଟିଏ ବଡ ଖୋଲା ଜାଗା ଚୟନ କରାଯିବ।<br>▪ କୌଣସି ଗୁରୁତ୍ୱପୂର୍ଣ୍ଣ ଏବଂ ବିଭିନ୍ନ ଭୌଗଳିକ ସ୍ଥିତିକୁ ମଧ୍ୟଭାଗରେ ପଥର କିମ୍ୱା ପତ୍ର ଦ୍ୱାରା ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିବା।<br>▪ ଅଂଶ ଗ୍ରହଣକାରୀ ମାନଙ୍କୁ ଗ୍ରାମର ସୀମା ଅଙ୍କନ କରିବାକୁ କୁହାଯାଏ।<br>▪ ଅଂଶ ଗ୍ରହଣକାରୀ ମାନଙ୍କୁ ଗ୍ରାମର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କୁ ମାନଚିତ୍ରରେ ଅଙ୍କନ କରିବାକୁ କୁହାଯାଉ। ଚିତ୍ର ଅଙ୍କନ ନ ସାରିବା ପର୍ଯ୍ୟନ୍ତ ଅଂଶ ଗ୍ରହଣକାରୀ ମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତୁ ନାହିଁ।<br>▪ ସେମାନେ ଆଙ୍କ ସାରିବା ପରେ, ଅନ୍ୟାନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଯୋଗ କରିବେ କି ନାହିଁ ତାହା ପଚରା ଯାଇପାରେ।<br>▪ ମାନଚିତ୍ର ଶେଷରେ ବା ପରେ, ସୁଗମକାରୀ (Facilitator) କର୍ମଚାରୀ ତାହା ବର୍ଣ୍ଣନା କରିବା ପାଇଁ ଅଂଶ ଗ୍ରହଣକାରୀ ମାନଙ୍କୁ କହିବେ। ଯେଉଁ ଅଙ୍କନ ବୁଝି ହେଉନାହିଁ ସେଗୁଡ଼ିକ ଉପରେ ପ୍ରଶ୍ନ ପଚରା ଯାଉ। |
| ଆବଶ୍ୟକ ଉପକରଣ | ▪ କେତୋଟି ବାଡ଼ି<br>▪ କେତୋଟି ପଥର<br>▪ କେତୋଟି ପତ୍ର<br>▪ ରଙ୍ଗ ଗୁଣ୍ଡ/କରତ ଗୁଣ୍ଡ<br>▪ ସ୍ଥାନୀୟ ଅନ୍ୟ କିଛି ଉପରକଣ |

| | |
|---|---|
| ସମୟ ଅବଧି | ■ ଦେଢରୁ ଦୁଇ ଘଣ୍ଟା |
| ସୂଚନା /ଉପଦେଶ | ■ ଉପଦେଶ<br>■ ଭଲଭାବେ ଚିତ୍ର ଆଙ୍କିବା କଳା ଏହି ପଦ୍ଧତି ଭଲଭାବରେ ଅଙ୍କନ କରିହେବ।<br>■ ଏହା ମଧ୍ୟ ସମୟ ସାପେକ୍ଷ, ଏହି ପଦ୍ଧତି ରେ ଗ୍ରାମବାସୀଙ୍କ ପାଇଁ ଗୋଟିଏ ବଡ ଖୋଲା ଅଞ୍ଚଳ ଦରକାର, ଯେପରି ସମସ୍ତେ ବିଭିନ୍ନ ଚିତ୍ର କିପରି ଅଙ୍କା ଯାଉଛି ତାହା ଦେଖି ପାରିବେ ଏବଂ ମନ୍ତବ୍ୟ ପ୍ରଦାନ କରିପାରିବେ।<br>■ ଚିତ୍ର ଅଙ୍କାଳି ଙ୍କ ଛଡା ମଧ୍ୟ ସମସ୍ତଙ୍କୁ ଏହି ପଦ୍ଧତିରେ ଯୋଗ ଦେବାକୁ ସୁଗମକାରୀ (Facilator) ଉତ୍ସାହିତ କରିବେ।<br>■ ଏହା ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତିର ପ୍ରାରମ୍ଭିକ କାର୍ଯ୍ୟକ୍ରମ, ଯେହେତୁ ଏକ ମାନଚିତ୍ର ହେଉଛି ଆଲୋଚନା ଏବଂ ଅନ୍ୟ କାର୍ଯ୍ୟକ୍ରମ, ମାନଙ୍କର ଗୋଟିଏ ଉପାଦେୟ ତଥ୍ୟ ସମ୍ବଳିତ ନଥିପତ୍ରର ନକଲ।<br>■ ଏହା ମଧ୍ୟ ଲୋକମାନେ ଭଲଭାବେ ଅବଗତ ହୋଇଥିବା ସ୍ଥାନୀୟ ତଥ୍ୟ ମାନଙ୍କର ଏକ ସମାହାର ଏବଂ ଏହା ସ୍ଥାନୀୟ ଅଧିବାସୀ ମାନଙ୍କୁ ନିୟନ୍ତ୍ରଣ ଭିତରେ ରଖେ। |




**ଚିତ୍ର – ୭** ଗ୍ରାମର ସମ୍ବଳ ମାନଚିତ୍ର

## (ଡ) ପଦ୍ଧତିର ନାମ- ସମ୍ବଳ ଭିତ୍ତିକ ଶ୍ରେଣୀ ବିଭାଗ (Wealth Ranking)


| | |
|---|---|
| ବର୍ଣ୍ଣନା | ▪ ଏହି ପଦ୍ଧତିଟି ଗ୍ରାମର ପରିବାର ମାନଙ୍କୁ ସେମାନଙ୍କର ପ୍ରାଚୁର୍ଯ୍ୟ ଅନୁସାରେ ଆପେକ୍ଷିକ ବର୍ଗରେ ବିଭକ୍ତ କରିବାରେ ସାହାଯ୍ୟ କରେ ।<br>▪ ଅଞ୍ଚଳରେ ରହୁଥିବା ବିଭିନ୍ନ ଆର୍ଥିକ ବର୍ଗର ଲୋକମାନଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ନେବାରେ ଏହା ସାହାଯ୍ୟ କରେ ।<br>▪ ସହଯୋଗୀ ଗ୍ରାମ୍ୟ ଅବଧାରଣ ଅଭ୍ୟାସ ସମୟରେ ଅଂଶ ଗ୍ରହଣ କରୁଥିବା ଲୋକମାନେ ଗ୍ରାମର ପରିବାର ମାନଙ୍କୁ କେଉଁ ଆର୍ଥିକ ବର୍ଗରେ ରଖିବେ, ତାହା ସ୍ଥିର କରି, ସମ୍ମତି ପ୍ରଦାନ କରିବେ ।<br>▪ ଏହି ପଦ୍ଧତିର ଫଳାଫଳ ଗ୍ରାମରୁ ଗ୍ରାମ ଅଲଗା ହୁଏ ଏବଂ ଆର୍ଥିକ ବର୍ଗୀକରଣ ମଧ୍ୟ ବିଭିନ୍ନ ଆର୍ଥିକ ବର୍ଗଙ୍କ ପାଇଁ ଏବଂ ଗ୍ରାମ ମାନଙ୍କ ପାଇଁ ଅଲଗା ହେବ । |
| ଉଦ୍ଦେଶ୍ୟ | ▪ ଗୋଷ୍ଠିମାନଙ୍କର ଆର୍ଥିକ ପ୍ରଭେଦ ଏବଂ ଅସମତାର ଅଭିଜ୍ଞତା ପାଇଁ ଅନୁସନ୍ଧାନ କରିବା<br>▪ ସ୍ଥାନୀୟ ଅଞ୍ଚଳର ଧନସମ୍ପତ୍ତି ଏବଂ ସ୍ୱଚ୍ଛଳତାର ସୂଚନା (Indicator) ଏବଂ ମାନ ଦଣ୍ଡକୁ ବୁଝିବା ଏବଂ ଚିହ୍ନିବା ।<br>▪ ଗୋଟିଏ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଥିବା ବିଭିନ୍ନ ପରିବାରର ସ୍ୱଚ୍ଛଳତାକୁ ମାନଚିତ୍ରରେ ଅଙ୍କନ କରିବା । |
| ମୁଖ୍ୟ ପ୍ରଶ୍ନାବଳୀ | ▪ ସ୍ଥାନୀୟ ଲୋକମାନଙ୍କର ଧନସମ୍ପତ୍ତି, ସ୍ୱଚ୍ଛଳତା ଏବଂ ଅସମତା ମାନଙ୍କରେ ଅଭିଜ୍ଞତା କଣ ?<br>▪ ଗୋଷ୍ଠୀ ମଧ୍ୟରେ କଣ କଣ ସାମାଜିକ- ଅର୍ଥନୈତିକ ଦଳ ମାନ ଅବସ୍ଥିତ ଏବଂ କିଏ କେଉଁ ଦଳରେ ଅନ୍ତର୍ଭୁକ୍ତ ? |
| ସୁଗମ କରିବା (Facilitation) ପାଇଁ ବିଭିନ୍ନ ପଦ୍ଧତି | ▪ ପ୍ରଥମେ ଗ୍ରାମରେ ଥିବା ପ୍ରତ୍ୟେକ ପରିବାର ମାନଙ୍କର କ୍ରମିକ ନଂ ଥାଇ ଗୋଟିଏ ତାଲିକା ପ୍ରସ୍ତୁତ କରାଯାଉ । (ସାମାଜିକ ମାନଚିତ୍ର ଦେଖ) ଏବଂ ପ୍ରତ୍ୟେକ ପରିବାରର ମୁଖ୍ୟଙ୍କ ନାମ ଏବଂ ସଂଖ୍ୟାକୁ ଗୋଟିଏ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କାର୍ଡରେ (କାଗଜ) ଲେଖାଯାଉ ।<br>▪ ପ୍ରସ୍ତୁତ କରାଯାଇଥିବା କାର୍ଡ ଗୁଡିକୁ ଅଲଗା ଅଲଗା କରିବା ପାଇଁ ଗ୍ରାମ ବିଷୟରେ ଏବଂ ଲୋକମାନଙ୍କର ବିଷୟରେ ବିସ୍ତୃତ ଭାବେ ଜାଣିଥିବା କେତେଜଣ ମୁଖ୍ୟସୂଚନା ପ୍ରଦାନକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ । ସେମାନେ ଗୋଷ୍ଠୀର ବିଭିନ୍ନ ଆର୍ଥିକ ବର୍ଗର ଲୋକମାନଙ୍କୁ ନିଜର ମାନଦଣ୍ଡ ହିସାବରେ ରଖିବେ ।<br>▪ ବାଛିବା ପରେ, ସୂଚନା ପ୍ରଦାନକାରୀ ମାନଙ୍କୁ ଧନସମ୍ପତ୍ତିର ମାନଦଣ୍ଡ ଏବଂ ଜଣେ ଅନ୍ୟ ଠାରୁ କିପରି ଅଲଗା, ତାହା ପଚାରିବାକୁ ପଡିବ ।<br>▪ ସୂଚନା ପ୍ରଦାନକାରୀ ମାନଙ୍କୁ ଉପରୋକ୍ତ ବିଷୟରେ ଗୋପନୀୟତା ରଖାଯିବ ବୋଲି ପ୍ରତିଶ୍ରୁତି ଦେବା ଏବଂ ପରିବାରର ଆଥିକ ସ୍ୱଚ୍ଛଳତା ବିଷୟରେ କୌଣସି ଆଲୋଚନା କରାଯିବ ନାହିଁ । ଏହା କରାଗଲେ ଗୋଷ୍ଠୀ ମଧ୍ୟରେ ଖରାପ ଧାରଣା ସୃଷ୍ଟି ହେବ ।<br>▪ ଆର୍ଥିକ ସ୍ୱଚ୍ଛଳତା ସମ୍ବନ୍ଧୀୟ ଆଲୋଚନାରେ ବାହାରିଥିବା ସ୍ଥାନୀୟ ବିଭିନ୍ନ ମାନଦଣ୍ଡ ଏବଂ ସୂଚକ ମାନଙ୍କର ଗୋଟିଏ ତାଲିକା ପ୍ରସ୍ତୁତ କରାଯିବ । |
| ଆବଶ୍ୟକ ଉପକରଣ | ▪ ଚିତ୍ର ଆଙ୍କିବା ବଡକାଗଜକୁ ଛୋଟ ଛୋଟ ଖଣ୍ଡରେ ବିଭକ୍ତ କରିବା<br>▪ ପେନସିଲ, ରବର, ପେନସିଲ ମୁନକଟା ଯନ୍ତ୍ର<br>▪ ଚିତ୍ର ଆଙ୍କିବା କଲମ<br>▪ ଲେଖିବା ଖାତା ଏବଂ କଲମ |
| ସମୟ ଅବଧି | ▪ ଦେଢରୁ ଦୁଇ ଘଣ୍ଟା |

## (ଚ) ପଦ୍ଧତିର ନାମ-ଭେନ୍ /ଚପାତି ଚିତ୍ର (Venn Diagram)

| | |
|---|---|
| ବର୍ଣ୍ଣନା | ▪ ଏହି ପଦ୍ଧତି ଦ୍ୱାରା ଗ୍ରାମରେ ଥିବା ବିଭିନ୍ନ ଅନୁଷ୍ଠାନ, ବିଦ୍ୟା ଅନୁଷ୍ଠାନ, ଦଳ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଦର୍ଶାଯାଇ ଥାଏ । ଏହା ଛଡା ଗ୍ରାମବାସୀ ମାନେ ସେଗୁଡିକର ପ୍ରାଧାନ୍ୟ ଉପରେ ମତ ଦେଇଥାନ୍ତି ।<br>▪ ଆହୁରି ମଧ୍ୟ ଏହି ଚିତ୍ର ଦର୍ଶାଇ ଥାଏ ଯେ ଲିଙ୍ଗ ଏବଂ ଆର୍ଥିକ ଭିତ୍ତିରେ ଉପରୋକ୍ତ ଅନୁଷ୍ଠାନ ମାନଙ୍କରେ କେଉଁ କେଉଁ ମାନେ ଭାଗ ନିଅନ୍ତି ।<br>▪ ଅନୁଷ୍ଠାନ ସମ୍ପର୍କୀୟ ଚିତ୍ର ମଧ୍ୟ ଉପରୋକ୍ତ ଅନୁଷ୍ଠାନ ମାନଙ୍କର ଏବଂ ଦଳ ମାନଙ୍କର ମଧ୍ୟରେ କେତେ ସହଯୋଗ ଏବଂ ସେମାନଙ୍କର ସମ୍ବନ୍ଧ କେତେ ନିବିଡ ତାହା ଦର୍ଶାଏ । |
| ଉଦ୍ଦେଶ୍ୟ | ▪ ଗ୍ରାମବାହାରେ ଏବଂ ଗ୍ରାମଭିତରେ ଥିବା ଅନୁଷ୍ଠାନ ମାନଙ୍କର/ ଦଳ ମାନଙ୍କର/ ବିଶଷ୍ଟ ବ୍ୟକ୍ତି ମାନଙ୍କର ଗୋଷ୍ଠୀ ଭିତରେ ଥିବା ସକ୍ରୀୟତାକୁ ଚିହ୍ନଟ କରାଯାଏ ।<br>▪ ସ୍ଥାନୀୟ ଅନଷ୍ଠାନ /ସଂସ୍ଥା ମାନଙ୍କରେ କେଉଁ ଲିଙ୍ଗ, ଦଳ, ଏବଂ ଆର୍ଥିକ ବର୍ଗ ଅଂଶ ଗ୍ରହଣ କରୁଛନ୍ତି ତାହା ଚିହ୍ନଟ କରାଯାଏ ।<br>▪ ଏହା ଛଡା କିପରି ବିଭିନ୍ନ ଅନୁଷ୍ଠାନ ଏବଂ ଦଳ ମାନେ ସେମାନଙ୍କ ଭିତରେ ସମ୍ପର୍କ, ସହଯୋଗ, ସୂଚନା ଆଦାନ ପ୍ରଦାନ ଏବଂ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ସମ୍ପୃକ୍ତ ଥାନ୍ତି ତାହା ମଧ୍ୟ ଜଣାପଡେ । |
| ମୁଖ୍ୟ ପ୍ରଶ୍ନାବଳୀ | ▪ କେଉଁ ସଂସ୍ଥା/ ଅନୁଷ୍ଠାନ/ଦଳମାନେ ଗୋଷ୍ଠୀମାନଙ୍କ ଭିତରେ କିମ୍ୱା ସେମାନଙ୍କ ସହିତ କାର୍ଯ୍ୟ କରୁଛନ୍ତି ?<br>▪ କେଉଁ ସଂସ୍ଥା/ ଦଳମାନଙ୍କୁ ଗ୍ରାମବାସୀ ମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରନ୍ତି ଏବଂ କାହିଁକି ?<br>▪ କେଉଁ ଦଳମାନେ ପରିବାର ମାନଙ୍କର ଖାଦ୍ୟ ନିରାପତ୍ତା ଏବଂ ପୁଷ୍ଟି ସାଧନ ପୁରୁଷ ମାନଙ୍କ ଦୃଷ୍ଟି ଦିଅନ୍ତି ?<br>▪ କେଉଁ ସଂସ୍ଥା ମାନେ ଏକ ସାଙ୍ଗରେ ମିଳିମିଶି କାର୍ଯ୍ୟ କରନ୍ତି ?<br>▪ କେଉଁ ଦଳ ମାନେ କେବଳ ମହିଳା ମାନଙ୍କ ପାଇଁ କିମ୍ୱା କେବଳ ପୁରୁଷ ମାନଙ୍କ ପାଇଁ ଉଦ୍ଦିଷ୍ଟ ?<br>▪ ନିର୍ଦ୍ଦିଷ୍ଟ ଭାବେ କଣ କିଛି ଗୋଷ୍ଠୀ, ଦଳ କିମ୍ୱା କିଛି ବ୍ୟକ୍ତି ବିଶେଷ କୌଣସି ଅନୁଷ୍ଠାନ ମାନଙ୍କର ସାହାଯ୍ୟ ସହାୟତାରୁ ବଞ୍ଚିତ ହୁଅନ୍ତି କି ? |
| ସୁଗମ କରିବା (Facilitation) ପାଇଁ ବିଭିନ୍ନ ପାହାଚ | ▪ ସବୁଠାର ଗରିବ ଏବଂ ଅବହେଳିତ ଲୋକମାନେ ଉପସ୍ଥିତ ରହିବା ପାଇଁ ନିଶ୍ଚିତ କରିବା ।<br>▪ ତୁମ ପାଖରେ ଦରକାର ପଡୁଥିବା ସବୁ ଉପରକଣ ମାନ ଥିବା ନିଶ୍ଚିତ କରିବା ।<br>▪ ଅନୁଷ୍ଠାନ ମାନଙ୍କ ପାଇଁ ଉଦ୍ଦିଷ୍ଟ ରେଖାଚିତ୍ର ପଦ୍ଧତି ତିନୋଟି ଲକ୍ଷ୍ୟ ଉପରେ ପର୍ଯ୍ୟବେସିତ ବୋଲି ଅଂଶ ଗ୍ରହଣ କରୁଥିବା ଗ୍ରାମବାସୀ ମାନଙ୍କୁ ବୁଝାଇବାକୁ ପଡିବ ।<br>▪ ଅଂଶ ଗ୍ରହଣକାରୀ ମାନଙ୍କୁ ପଚାରିବାକୁ ପଡିବ ଯେ, କେଉଁ ଅନୁଷ୍ଠାନ/ସଂସ୍ଥା/ଦଳମାନେ ଗ୍ରାମରେ ସେବା କାର୍ଯ୍ୟ କରୁଛନ୍ତି ଏବଂ କେଉଁମାନେ ଗ୍ରାମ ବାହାରେ ଥିଲେ ମଧ୍ୟ ସେମାନଙ୍କ ସେବାରେ ନିୟୋଜିତ ଅଛନ୍ତି ।<br>▪ ଲୋକମାନଙ୍କ ଠାରୁ ଜାଣବା ପାଇଁ ଚେଷ୍ଟା କରାଯିବ, ଯେ କେଉଁ କେଉଁ ଅନୁଷ୍ଠାନ ମାନେ ଯଥା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଦଳ ଇତ୍ୟାଦି ଗାମର କାର୍ଯ୍ୟ କରୁଛନ୍ତି ।<br>▪ ଏହି ଦଳମାନେ ରାଜନୈତିକ ଦ୍ୱାରା ପ୍ରୋତ୍ସାହିତ କି ? ଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମାନେ କିଏ ନିଅନ୍ତି ?<br>▪ ଗ୍ରାମବାସୀ ମାନଙ୍କ ମାନଙ୍କ ଭିତରୁ ଜଣଙ୍କୁ କୁହାଯିବ ଯେ, ବର୍ଣ୍ଣନା କରାଯାଇଥିବା ସମସ୍ତ ଅନୁଷ୍ଠାନ ମାନଙ୍କୁ ଲେଖିବା ପାଇଁ ଏବଂ ପ୍ରତ୍ୟେକ ଅନୁଷ୍ଠାନକୁ ସମସ୍ତେ ବୁଝିଲା ପରି ଗୋଟିଏ ଗୋଟିଏ ଚିହ୍ନ ଦେବାକୁ ।<br>▪ ଅଂଶ ଗ୍ରହଣକାରୀ ମାନଙ୍କୁ, କାଗଜର ମଧ୍ୟ ଭାଗରେ ସମସ୍ତେ ଥିବା ଭଳି ଗୋଟିଏ ବଡ ଆକୃତିର ବୃତ୍ତ ଆଙ୍କିବାକୁ କିମ୍ୱା ବୃତ୍ତକୁ ଭୂଇଁରେ ଆଙ୍କିବାକୁ କୁହାଯିବ ।<br>▪ ସେମାନେ ପ୍ରତ୍ୟେକ ଅନୁଷ୍ଠାନ ମାନଙ୍କ ବିଷୟରେ ଏବଂ ଏହା ସେମାନଙ୍କ ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚନା କରିବାକୁ କୁହାଯିବ ସବୁଠାରୁ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ଗୋଟିଏ ବଡ ବୃତ୍ତରେ ଏବଂ ଅଳ୍ପ ଗୁରୁତ୍ୱପୂର୍ଣ୍ଣ ମାନଙ୍କ ଛୋଟ ବୃତ୍ତରେ ଅଙ୍କନ କରାଯିବ) |

| | |
|---|---|
| | ■ ଅଂଶ ଗ୍ରହଣକାରୀ ମାନଙ୍କୁ ଅନୁଷ୍ଠାନ/ସଂସ୍ଥା/ ଦଳ ମାନଙ୍କର ଗୁରୁତ୍ୱ ଉପର ବୃତ୍ତ ମାନଙ୍କର ଆକାରକୁ ତୁଳନା କରିବାକୁ କୁହାଯିବ ଏବଂ ଆକାର ମାନଙ୍କୁ ମେଳ ଖୁଆଯିବ, ଯେପରି ଅନୁଷ୍ଠାନ, ସଂଗଠନ, ଦଳ ସେମାନଙ୍କର ଗୁରୁତ୍ୱ ଅନୁସାରେ ବଡ କିମ୍ବା ସାନ ହୋଇଥିବେ।<br>■ ପ୍ରତ୍ୟେକ ସଂସ୍ଥା କିମ୍ବା ଦଳକୁ ସେମାନଙ୍କର ନାମରେ କିମ୍ବା ଚିହ୍ନରେ ଦର୍ଶାଯିବ।<br>■ ବିଭିନ୍ନ ସଂସ୍ଥା ମାନଙ୍କ ଦ୍ୱାରା ସେମାନେ କିପରି ଉପକୃତ ହେଉଛନ୍ତି ସେ ବିଷୟରେ ଆଲୋଚନା କରିବା ପାଇଁ ସେମାନଙ୍କୁ କୁହାଯିବ।<br>■ କାହିଁକି ବିଭିନ୍ନ ଅନୁଷ୍ଠାନ ମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ କିମ୍ବା କମ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ, ସେ ଆଲୋଚନା ତଥ୍ୟ ସୁଗମକାରୀ (Facilitator) ଏବଂ ତଥ୍ୟ ଲେଖକଙ୍କୁ ବହୁତ ସାବଧାନ ସହକାରେ ଆଲୋଚନା କରିବାକୁ ଏବଂ ଲେଖିବାକୁ କୁହାଯିବ।<br>■ ସେମାନଙ୍କର ଏବଂ ସେହି ଅନୁଷ୍ଠାନ ମାନଙ୍କ ଭିତରେ କେତେ ସମ୍ପର୍କ/ ସହଯୋଗ ଅଛି ତାହା ବୃତ୍ତ ମାନଙ୍କର ଦୂରତା ଅନୁସାରେ ଦେଖାଇବାକୁ ସେମାନଙ୍କୁ କୁହାଯିବ।<br>■ ଯେଉଁ ଅନୁଷ୍ଠାନ ମାନଙ୍କ ସହିତ ସେମାନଙ୍କର ବେଶୀ ସମ୍ପର୍କ ଅଛି ଏବଂ ଯାହାଠାରୁ ସେମାନେ ସବୁଠାରୁ ବେଶୀ ସହଯୋଗ କରନ୍ତି, ତାହା ନିଜର ବଡ ବୃତ୍ତ ଭିତରେ ରଖିବା ଉଚିତ୍।<br>■ ସବୁ ଅନୁଷ୍ଠାନ ମାନଙ୍କ ସହିତ ଅଂଶ ଗ୍ରହଣକାରୀଙ୍କ ବେଶୀ ସମ୍ପର୍କ ଅଛି ଏବଂ ଯାହାଠାରୁ ସେମାନେ ସବୁଠାରୁ ବେଶୀ ସହଯୋଗ କରନ୍ତି, ତାହା ନିଜର ବଡ ବୃତ୍ତ ଭିତରେ ରଖିତା ଉଚିତ୍।<br>■ ସବୁ ଅନୁଷ୍ଠାନ କିମ୍ବା ଦଳ ଅଛନ୍ତି କି, ଯେଉଁ ମାନେ କେବଳ ପୁରୁଷ କିମ୍ବା କେବଳ ମହିଳାକୁ ସେମାନଙ୍କର ସେବା ଓ ସହଯୋଗ ଯୋଗାଇ ଦେଉଛନ୍ତି ? ଏହାର ଉତ୍ତର ଅନୁଷ୍ଠାନ ପାଇଁ ଅଙ୍କିତ ବୃତ୍ତ ଉପରେ ଗୋଟିଏ ଗୋଟିଏ ସାଧାରଣ ଚିହ୍ନ ମାଧ୍ୟମରେ ଦେଖାଇବାକୁ ପଡିବ।<br>■ ସେମାନଙ୍କୁ ପଚାରିବାକୁ ପଡିବ, କେଉଁ ସଂସ୍ଥା ମାନଙ୍କରେ ଗରିବ ଲୋକମାନେ ଅଂଶ ଗହଣ କରୁନାହାନ୍ତି ଏବଂ କାହିଁକି ?<br>■ ପଚାରିବାକୁ ପଡିବ କେଉଁ ନିର୍ଦ୍ଦିଷ୍ଟ ଅନୁଷ୍ଠାନ ମାନଙ୍କର କେଉଁ ସେବା ପ୍ରଦାନକୁ ଗରିବ ଲୋକମାନଙ୍କ ଠାରୁ ଦୂରେଇ ରଖା ଯାଇଛି (ଏହି ସଂସ୍ଥା ମାନଙ୍କୁ ମାନଚିତ୍ରରେ ଗୋଟିଏ ଗୋଟିଏ ଚିହ୍ନ ସଙ୍କେତ ଦିଆଯିବ)<br>■ ଅଂଶ ଗ୍ରହଣକାରୀ ମାନଙ୍କୁ ପଚରା ଯାଉ କେଉଁ ଅନୁଷ୍ଠାନ/ଦଳ ପରିବାର ମାନଙ୍କ ଖାଦ୍ୟ ନିରାପତ୍ତା ଏବଂ ପୃଷ୍ଟି ସାଧନ ପ୍ରସଙ୍ଗରେ ଦୃଷ୍ଟି ଦିଏ। ପୁଣି ମଧ୍ୟ ଆଲୋଚନା କରିବା ପାଇଁ କୁହାଯାଏ, କିପରି ସେମାନେ ଉପରୋକ୍ତ ପ୍ରସଙ୍ଗ ମାନଙ୍କରେ ଦୃଷ୍ଟି ଦିଅନ୍ତି (ଉପରୋକ୍ତ ଅନୁଷ୍ଠାନ ମାନଙ୍କୁ ଗୋଟିଏ ସାଧାରଣ ସଙ୍କେତ ପ୍ରଦାନ କରାଯାଉ)<br>■ ଯଦି ସମୟ ଥାଏ ଏବଂ ଅଂଶ ଗ୍ରହଣକାରୀ ମାନଙ୍କର ପ୍ରେରଣା ଅନୁମତି ପ୍ରଦାନ କରେ ତେବେ ସେହି ଅନୁଷ୍ଠାନମାନଙ୍କର ସାମର୍ଥ୍ୟ ଏବଂ ଦୁର୍ବଳତାକୁ ଆଲୋଚନା କରିବା ପାଇଁ ଏବଂ ଗୋଟିଏ ନଥିପତ୍ର ପ୍ରସ୍ତୁତ କରିବା ପାଇଁ ଅଂଶ ଗ୍ରହଣକାରୀମାନଙ୍କୁ କୁହାଯାଇପାରେ। |
| ଦରକାର ପଡୁଥିବା ଉପରକଣ | ■ ଭେନ୍/ରେଖା ଚିତ୍ରପାଇଁ ଦରକାର ପଡୁଥିବା ନଥିପତ୍ର କାଗଜ<br>■ ମାନଚିତ୍ରକୁ କପି କରିବା ପାଇଁ ଚିତ୍ର କାଗଜ<br>■ ଯଦି ଭୂମିରେ ଚିତ୍ର ଅଙ୍କନ କରାଯାଉଥାଏ<br>■ ଗୋଟିଏ ଖୋଲା ଜାଗା ବାଚିବାକୁ ପଡିବ, ଯେଉଁଠି ସର୍ବାଧିକ ଅଂଶ ଗ୍ରହଣ କରି ଭାଗ ଏବଂ ଗୋଟିଏ ନଥିପତ୍ର ପ୍ରସ୍ତୁତ କରିବା ପାଇଁ ଅଂଶ ଗ୍ରହଣକାରୀମାନଙ୍କୁ କୁହାଯାଇପାରେ। |
| ଦରକାର ପଡୁଥିବା ଉପକରଣ | ■ ଭେନ୍/ରେଖା ଚିତ୍ର ପାଇଁ ଦରକାର ପଡୁଥିବା ନଥିପତ୍ର କାଗଜ<br>■ ମାନଚିତ୍ରକୁ କପି କରିବା ପାଇଁ ଚିତ୍ର କାଗଜ<br>■ ଯଦି ଭୂମିରେ ଚିତ୍ର ଅଙ୍କନ କାଯାଉଥାଏ<br>■ ଗୋଟିଏ ଖୋଲା ଜାଗା ବାଛିବାକୁ ପଡିବ, ଯେଉଁଠି ସର୍ବାଧିକ ଅଂଶ ଗ୍ରହଣ କରି ଭାଗ ନେଇ ପାରିବେ ଏବଂ କଣ ହେଉଛି ଦେଖି ପାରିବେ |

| | |
|---|---|
| | ▪ କେତୋଟି ବାଡି<br>▪ ଚିହ୍ନ ଦେବା ପାଇଁ କିଛି ସ୍ଥାନୀୟ ଉପକରଣ<br>▪ ଯଦି କାଗଜ ଉପରେ ଚିତ୍ର କରାଯାଉଥାଏ<br>▪ ଚିତ୍ର ଅଙ୍କା କାଗଜ<br>▪ ପେନସିଲ<br>▪ ମାର୍କର ପେନ୍ |
| ସମୟ ଅବଧି | ▪ ଦେଢରୁ ଦୁଇ ଘଣ୍ଟା<br>▪ କମ ସହଯୋଗ କିମ୍ବା କିଛି ସହଯୋଗ ନାହିଁ। |
| ବିବରଣୀ | ▪ ଦୂରରେ ଅବସ୍ଥିତ<br>▪ ଯେଉଁଠି କେବଳ କମ ସହଯୋଗ ଅଛି।<br>▪ ବିଭିନ୍ନ ବୃତ୍ତ ମାନେ ପାଖାପାଖି ହୋଇ ରହିବା<br>▪ କିଛି ସହଯୋଗ ଅଛି<br>▪ ବୃତ୍ତ ଗୁଡିକ ଗୋଟିକୁ ଆଉ ଗୋଟିକର ଅଳ୍ପ ଅଂଶ ମାଡି ଯାଇଛି<br>▪ ବହୁତ ସହଯୋଗ ଅଛି |
| ଆଭାଷ | ▪ ଯଦି ଲୋକମାନେ ଏହା ବୁଝିବାରେ କଷ୍ଟ ଅନୁଭବ କରନ୍ତି, ତେବେ ଗୋଟିଏ ସାଧାରଣ ଉଦାହରଣ ସାହାଯ୍ୟରେ ତାଙ୍କୁ ବୁଝାଇବା ସହଜ ହେବ।<br>▪ ଯଦି ସମୟ ଥାଏ, ମହିଳା ମାନଙ୍କ ପାଇଁ ଏବଂ ପୁରୁଷ ମାନଙ୍କ ପାଇ ଅଲଗା ଅଲଗା ରୋଜଗାର ଦଳ ତିଆରି କରିବା ଭଲ ହେବ। |




**ଚିତ୍ର –** ୮ ଭେନ୍/ଚପାତି ରେଖାଚିତ୍ର

**(ଛ) ପଦ୍ଧତିର ନାମ –ଋତୁ ଭିତ୍ତିକ ସମୟ ସାରଣୀ (Seasonal Calander)**

| | |
|---|---|
| ବର୍ଣ୍ଣନା | ▪ ଋତୁଭିତ୍ତିକ ସମୟ ସାରଣୀ ହେଉଛି ଲୋକମାନଙ୍କ ସହଯୋଗରେ ବିଭିନ୍ନ ଋତୁଚକ୍ରର ଗ୍ରାମ୍ୟ ପରିବେଶରେ କି କି ପରିବର୍ତ୍ତନ ଅନୁଭୂତ ହୁଏ, ତାହା ଜାଣିବା ପାଇଁ ଗୋଟିଏ ପଦ୍ଧତି (ଲିଙ୍ଗ ଭିତ୍ତିକ ନିର୍ଦ୍ଦିଷ୍ଟ କି କି କାର୍ଯ୍ୟଧାରା, ରୋଗ, ରୋଜଗାର, ଖର୍ଚ୍ଚ ଇତ୍ୟାଦି) |
| ଉଦ୍ଦେଶ୍ୟ | ▪ ଏହା ଗ୍ରାମରେ ବର୍ଷକ ମଧ୍ୟରେ ଜୀବିକାରେ କଣ କଣ ପରିବର୍ତ୍ତନ ହୁଏ ଏବଂ ଋଷ କାର୍ଯ୍ୟ ଏବଂ ଅଣଚାଷ କାର୍ଯ୍ୟ ଧନ୍ଦାରେ ଋତୁ ଭିତ୍ତିକ କଣ କଣ ପରିବର୍ତ୍ତନ ହୁଏ, ତାହା ଦର୍ଶାଏ। ଏହା ଛଡା ଖାଦ୍ୟ ପଦାର୍ଥର ଉପଲବ୍ଧତା, ଲୋକମାନଙ୍କଠାରେ ଦେଖାଯାଉଥିବା ବିଭିନ୍ନ ରୋଗ ବୈରାଗ, ମହିଳା/ ପୁରୁଷ ମାନଙ୍କର ନିର୍ଦ୍ଦିଷ୍ଟ ରୋଜଗାର ପନ୍ଥା ଏବଂ ଖର୍ଚ୍ଚ, ଜଳର ଉପଲବ୍ଧ, ତୃଣଭୂମି, ଋଣ ପରିମାଣ ଏବଂ ଛୁଟି ଦିନ ବିଷୟରେ ଏହା ବିଭିନ୍ନ ସୂଚନା ଜାଣିବାରେ ସହାୟକ ହୁଏ। |
| ମୁଖ୍ୟ ପ୍ରଶ୍ନାବଳୀ | ▪ ବର୍ଷରେ କେଉଁ କେଉଁ ମାସ ମାନଙ୍କରେ ଲୋକମାନେ ଅତ୍ୟଧିକ କାର୍ଯ୍ୟ ବ୍ୟସ୍ତ ରହନ୍ତି ?<br>▪ ବର୍ଷରେ କେଁଉ କେଉଁ ସମୟରେ ଖାଦ୍ୟର ଅଭାବ ଦେଖାଯାଏ ?<br>▪ ବର୍ଷ ମଧ୍ୟରେ ପୁରୁଷ ଏବଂ ମହିଳା ମାନଙ୍କରେ ରୋଜଗାରର କିପରି ପରିବର୍ତ୍ତନ ହୁଏ ?<br>▪ ବର୍ଷ ମଧ୍ୟରେ ପୁରୁଷ ଏବଂ ମହିଳା ମାନଙ୍କର ଖର୍ଚ୍ଚର କିପରି ପରିବର୍ତ୍ତନ ହୁଏ ?<br>▪ ବର୍ଷ ମଧ୍ୟରେ ବର୍ଷା କେଉଁ କେଉଁ ମାସରେ କମ ବେଶୀ ହୁଏ ?<br>▪ ବର୍ଷରେ ପାନୀୟ ଜଳର ଉପଲବ୍ଧ କିପରି କମ ବେଶୀ ହୁଏ ?<br>▪ ବର୍ଷରେ ଗ୍ରାମରେ ପଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ତୃଣଭୂମିର କିପରି କମ ବେଶୀ ହୁଏ ?<br>▪ ବର୍ଷରେ ଲୋକମାନଙ୍କ ପାଇଁ ଋତୁର ଉପଲବ୍ଧି କିପରି ହଏ ?<br>▪ ବର୍ଷ ମଧ୍ୟରେ ଗ୍ରାମରେ ମହିଳା ମାନେ କି କି ମୁଖ୍ୟ କୃଷି କର୍ମରେ କେବେ ନିୟୋଜିତ ହୁଅନ୍ତି ?<br>▪ ବର୍ଷରେ ଗ୍ରାମରେ ମହିଳା ମାନେ କେବେ କେଉଁ କେଉଁ ମୁଖ୍ୟ ଅଣକୃଷି କାର୍ଯ୍ୟରେ ନିୟୋଜିତ ହୁଅନ୍ତି ?<br>▪ ବର୍ଷରେ ଗ୍ରାମର ପୁରୁଷ ମାନେ ଏବେ କେଉଁ କେଉଁ ମୁଖ୍ୟ ଅଣକୃଷି କାର୍ଯ୍ୟରେ ନିୟୋଜିତ ହୁଅନ୍ତି ?<br>▪ ପୁରୁଷ ଏବଂ ମହିଳା ମାନଙ୍କ ପାଇଁ କେଉଁ ନିର୍ଦ୍ଦିଷ୍ଟ ଋତୁରେ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗ୍ରାମରେ ସୁବିଧା ଅଛି କେଉଁ ସମୟ ଏଥି ପାଇଁ ବାଧା ସୃଷ୍ଟି କରେ ଏବଂ ତାହା କଣ ପାଇଁ ? |
| କିପରି କରିବା | ▪ ଦଳମାନଙ୍କ ସହ ଆଲୋଚନା ପାଇଁ ଗୋଟିଏ ବଡ ଖୋଲା ଯାଗା ନିଆଯାଉ। ଭୂମିରେ ବିଭିନ୍ନ ଋତୁ ମାନଙ୍କର ସମୟ ସାରଣୀ ଅଙ୍କନ କରାଯାଉ କିମ୍ବା ଏହା ଗୋଟିଏ ବଡକାଗଜ ଉପରେ ଅଙ୍କନ କରାଯାଉ। |
| ବିଭିନ୍ନ ସୁଗମକାରୀ (Facilitation) ପ୍ରଣାଳୀ | ▪ ଅଂଶ ଗ୍ରହଣକାରୀମାନଙ୍କୁ ଗୋଟିଏ ଛାଞ୍ଚ ଚିତ୍ର (ମାଟ୍ରିକ୍ସ) ଅଙ୍କନ କରିବାକୁ କୁହାଯାଉ। ଏହାର ଗୋଟିଏ ଧାଡିରେ ବର୍ଷର ବିଭିନ୍ନ ମାସର ନାମକୁ ପ୍ରତୀକ ଦେଇ ଲେଖିବାକୁ ପଡିବ।<br>▪ ଋତୁ ଭିତ୍ତିକ ସମୟ ସାରଣୀ ତିଆରି କରିବା ପାଇଁ, ପ୍ରଥମେ ଗ୍ରାମବାସୀ ମାନଙ୍କୁ ସେମାନଙ୍କ ଗ୍ରାମରେ କେଉଁ କେଉଁ ମାସରେ ବର୍ଷା ହୁଏ ତାହା ପଚରାଯାଇଥାଏ। ଏହା ଦ୍ୱାରା ଋତୁ ଭିତ୍ତିକ ସମୟ ସାରଣୀ ତିଆରି କରିବା ପାଇଁ ସୁବିଧା ହୋଇଥାଏ। ବର୍ଷାର ଗୋଟିଏ ପ୍ରତୀକକୁ ନେଇ ଯେଉଁ ସରଳ ରେଖାରେ ମାସ ଲେଖାଯାଇଛି, ସେହି ମାସ ମାନଙ୍କରେ ଏହା ଦର୍ଶାଇବାକୁ ଅଂଶ ଗ୍ରହଣକାରୀଙ୍କୁ କୁହାଯାଉ। ଅଂଶ ଗ୍ରହଣକାରୀଙ୍କୁ ଯେଉଁ ଯେଉଁ ମାସରେ ବର୍ଷା ହୁଏ ସେ ମାସ ବିପକ୍ଷରେ କିଛି କିଛି ଛୋଟ ପଥର ଆପେକ୍ଷିକ ଭାବେ ରଖିବାକୁ କୁହାଯାଉ (ଯେଉଁ ମାସ ମାନଙ୍କରେ ସର୍ବାଧିକ ପଥର ରହିଥାଏ ସେ ମାସ ଗୁଡିକ ସର୍ବାଧିକ ବର୍ଷା ମାସ ବୋଲି ନିଆଯିବ)।<br>▪ ଅନ୍ୟାନ୍ୟ ଏକ ବିଷୟକୁ ଆଲୋଚନା ପାଇଁ ନିଆଯାଉ ଏବଂ ଅଂଶ ଗ୍ରହଣକାରୀଙ୍କୁ ପଚରା ଯାଉ ଯେ କେଉଁ ମାସ ମାନଙ୍କରେ ଖାଦ୍ୟର ଅଭାବ ଦେଖା ଯାଏ। ଆଲୋଚନା ମଧ୍ୟ କରାଯାଉ ଖାଦ୍ୟର ଅଭାବ କାହିଁକି ହୁଏ ? |

| | |
|---|---|
| | ▪ ବିଷୟ ପରେ ବିଷୟ ଆଲୋଚନା ପାଇଁ ଏପରି ଯିବାକୁ ପଡିବ। ଉଦାହରଣ ସ୍ୱରୂପ, କେତୋଟି ନିମ୍ନଲିଖିତ ବିଷୟମାନ ଆଲୋଚନା ପାଇଁ ନିଆଯାଇପାରେ।<br>◆ ବର୍ଷା<br>◆ ଖାଦ୍ୟର ଅଭାବ<br>◆ ମହିଳା ମାନଙ୍କର ରୋଜଗାର (ନଗଦ ଅର୍ଥ ଏବଂ ଜିନିଷ)<br>◆ ପୁରୁଷ ମାନଙ୍କର ରୋଜଗାର (ନଗଦ ଅର୍ଥ ଏବଂ ଜିନିଷ)<br>◆ ପୁରୁଷ ମାନଙ୍କ ଖର୍ଚ୍ଚ<br>◆ ମହିଳା ମାନଙ୍କ ଖର୍ଚ୍ଚ<br>◆ ଲୋକମାନଙ୍କର ପିଇବା ପାଣିର ଉପଲବ୍ଧତା<br>◆ ପଶୁପକ୍ଷୀ ପାଇଁ ଚାରଣ ଭୂମିର ଉପଲବ୍ଧତା<br>◆ ଋଣର ଉପଲବ୍ଧତା<br>◆ ମହିଳା ମାନଙ୍କ ଉପରେ ଚାଷର ଚାପ<br>◆ ପୁରୁଷ ମାନଙ୍କ ଉପରେ ଚାଷର ଚାପ<br>◆ ପୁରୁଷ ମାନଙ୍କ ଉପରେ ଅଣଚାଷର ଚାପ<br>◆ ଲଘୁ ବନଜାତ ଦ୍ରବ୍ୟର ଉପଲବ୍ଧତା<br>◆ ମିଳୁଥିବା ବିଭିନ୍ନ ପଦାର୍ଥର ବ୍ୟବସାୟିକ ସ୍ଥିତି (କୃଷି ଏବଂ ଜଙ୍ଗଲ)<br>▪ କ୍ୟାଲେଣ୍ଡର ଅଙ୍କନ ସାରିବା ପରେ, ଦଳ ମାନଙ୍କୁ ପଚରାଯାଉ, ଉପରେ ଥିବା ବିଭିନ୍ନ ବିଷୟ ଉପରେ ସେମାନେ କିପରି ସଂଶ୍ଳିଷ୍ଟ ରହିଛନ୍ତି। ଲୋକମାନଙ୍କୁ ଉତ୍ସାହିତ କରାଯାଉ ଯେପରି ସେମାନେ ପଞ୍ଜିକା ବା କ୍ୟାଲେଣ୍ଡରରେ ଯାହା ଦେଖୁଛନ୍ତି ତା ଉପରେ ଆଲୋଚନା କରିବେ।<br>▪ ଏହା ନିଶ୍ଚିତ କରାଯାଉ, ଯେପରି ଅଙ୍କିତ ସମୟ ସାରଣୀର ନକଲ ମାନଚିତ୍ରରେ ବିଭିନ୍ନ ମୁଖ୍ୟକାର୍ଯ୍ୟ ଏବଂ ପ୍ରତୀକକୁ ବୁଝାଇବାରେ ସହାୟକ ହେବ। |
| ଦରକାରୀ ଉପକରଣ | ▪ ଲେଖିବା ପାଇଁ ଖାତାଟିଏ<br>▪ ସମୟ ପଞ୍ଜିକା ମାନଚିତ୍ରକୁ ନକଲ କରିବା ପାଇଁ ଗୋଟିଏ ଅଙ୍କନ କାଗଜ<br>▪ ଯଦି ମାଟିରେ ଅଙ୍କନ ହେଉଥାଏ<br>◆ ସହଭାଗୀ ଗ୍ରାମ୍ୟ ଅବଧାରଣା ପାଇଁ ଗୋଟିଏ ବଡ ଖୋଲା ଜାଗା ଆବଶ୍ୟକ<br>◆ କିଛି ଛୋଟ ପଥର ଖଣ୍ଡ<br>◆ ମାନଚିତ୍ରରେ ବିଭିନ୍ନ ପ୍ରତୀକ ଦେବା ପାଇଁ ଆବଶ୍ୟକ ବାଡି ଏବଂ ଅନ୍ୟ କିଛି ପଦାର୍ଥ<br>◆ ଯଦି ଅଙ୍କନ କାଗଜରେ ଚିତ୍ର କରାଯାଉଥାଏ :<br>◆ ଡ୍ରଇଁ କାଗଜ<br>◆ ପେନସିଲ, ରବର ଏବଂ ପେନସିଲ ମୁନକଟା ଯନ୍ତ୍ର<br>◆ ମାର୍କର କିମ୍ବା ରଙ୍ଗ କଲମ |
| ସମୟ ଅବଧି | ▪ ଦେଢରୁ ଦୁଇ ଘଣ୍ଟା |
| ଦ୍ରଷ୍ଟବ୍ୟ | ▪ ଅଂଶ ଗ୍ରହଣକାରୀ ମାନଙ୍କର ଆବଶ୍ୟକତା ଏବଂ ଆଗ୍ରହ ଉପରେ ସମୟ ସାରଣୀ (ଋତୁ ଭିତ୍ତିକ ସାରଣୀ)ରେ ଅନ୍ୟାନ୍ୟ ପ୍ରସଙ୍ଗ ମାନ ମଧ୍ୟ ନିଆଯାଇପାରେ। |


| କଣ ହୁଏ | ମାସମାନଙ୍କର ନାମ | | | | | | | | | | |
|---|---|---|---|---|---|---|---|---|---|---|---|
| | ଏପ୍ରିଲ | ମଇ | ଜୁନ୍ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁଆରୀ | ଫେବୃଆରୀ | ମାର୍ଚ୍ଚ |
| ବର୍ଷା ହୁଏ | | | • | •••• | •••• | ••• | • | | | | | |
| ଚାଷ କାର୍ଯ୍ୟ | | • | •• | •••• | •••• | • | • | •• | | | | |
| ଚାଷ କାର୍ଯ୍ୟ ମହିଳା | | | •• | •• | •• | •• | •••• | •••• | •••• | •••• | •••• | |
| ଚାଷ କାର୍ଯ୍ୟ ପୁରୁଷ | •••• | •••• | •••• | •• | •• | •• | •• | •••• | •••• | •••• | •••• | •••• |
| ପନିପରିବା ଚାଷ | | | •• | •• | •• | •• | •••• | •••• | •••• | •••• | •••• | |
| ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ | •••• | •••• | •••• | •• | •• | •• | •• | •• | •••• | •••• | •••• | •••• |
| ଜଳେଣି ସଂଗ୍ରହ | | | | | | | | | | | | |
| ଋଣ | •••• | •••• | •••• | •••• | •• | •• | | | | | | |
| କାମ ପାଇ ବାହାରକୁ ଯାଆନ୍ତି | •••• | •••• | •• | | | •• | •• | | | •••• | •••• | •••• |
| ଗୋଖାଦ୍ୟ ସଂଗ୍ରହ | | | | | | | | | | | | |

ଚିତ୍ର – ୯: ଋତୁ ଭିତ୍ତିକ ସମୟ ସାରଣୀର ନମୁନା

**(ଜ)ପଦ୍ଧତିର ନାମ – ଐତିହାସିକ ସମୟ ସାରଣୀ ଏବଂ ଏହାର ବିଭିନ୍ନ ଧାରାର ବିଶ୍ଲେଷଣ (Historical Timeline and Trend Analysis)**

| | |
|---|---|
| ବର୍ଣ୍ଣନା | ▪ ସହଭାଗୀ ଗ୍ରାମ୍ୟ ଅବଧାରଣରେ ସମୟ ସାରଣୀ ହେଉଛି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି, ଯାହା କି ଐତିହାସିକ ବିଷୟକୁ ନେଇ ବିଭିନ୍ନ ତଥ୍ୟ ପ୍ରଦାନ କରିଥାଏ ।<br>▪ ସମୟ ସାରଣୀ ହେଉଛି ସ୍ଥାନୀୟ ଲୋକମାନଙ୍କ କ୍ରମାନ୍ୱୟରେ ମନେପଡୁଥିବା ବିଭିନ୍ନ ତଥ୍ୟ । ଅତୀତର ବିଭିନ୍ନ ଘଟଣାବଳୀ ଏ ପଦ୍ଧତିରେ ସମନ୍ୱିତ କରାଯାଏ ତେଣୁ ଏହା ଗୋଷ୍ଠୀର ବ୍ୟକ୍ତିଗତ କିମ୍ବା ଅନୁଷ୍ଠାନ ମାନଙ୍କର ଐତିହାସିକ ପୃଷ୍ଠ ଭୂମି ଉପରେ ବିଭିନ୍ନ ତଥ୍ୟ ପ୍ରଦାନ କରେ ।<br>▪ ଏଠାରେ ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଏହା ଇତିହାସ ନୁହେଁ । ଏହା ହେଉଛି ଲୋକମାନଙ୍କ ମନେ ପଡୁଥିବା / ଚିନ୍ତା କରୁଥିବା ଅତୀତ ଘଟଣାବଳୀ । |
| ଉଦ୍ଦେଶ୍ୟ | ▪ ଅଂଶ ଗ୍ରହଣ କାରୀ ମାନେ ଗ୍ରାମର ତଥା ଗ୍ରାମର ନିର୍ଦ୍ଦିଷ୍ଟ ଭାବେ ବନ ସୁରକ୍ଷା ସମିତି/ ପରିବେଶ ଉନ୍ନୟନ ସମିତିର ବିଭିନ୍ନ ଐତିହାସିକ ସକରାତ୍ମକ କିମ୍ବା ନକରାରାତ୍ମକ ମୁଖ୍ୟ ତଥ୍ୟ ଗୁଡ଼ିକୁ ଲିପିବଦ୍ଧ କରାଇବା ।<br>▪ ଜଙ୍ଗଲ ପରିଚାଳନା ବନଜାତ ଦ୍ରବ୍ୟର ବ୍ୟବହାର, ଜଙ୍ଗଲ ନିଆଁ, ତୃଣ ଭୂମି, ବିଭିନ୍ନ ପ୍ରକାର ଚାଷ ପଦ୍ଧତି, ଜୀବିକା, ରୋଗ ପୋକ ଏବଂ ମରୁଡି/ବନ୍ୟା/ବାତ୍ୟା ପ୍ରଭୃତି ମୁଖ୍ୟ ଘଟଣାବଳୀ ମାନ ଐତିହାସିକ କ୍ରମରେ କିପରି ଘଟିଛି ତାହା ଚିନ୍ତା କରିବା । |

| | |
|---|---|
| ମୁଖ୍ୟ ପ୍ରଶ୍ନାବଳୀ | ▪ ଗ୍ରାମଟି କେବେ ସ୍ଥାପନ କରାଯାଇଥିଲା ?<br>▪ ଇତିହାସ ଅନୁସାରେ ଗ୍ରାମର କଣ କଣ ମୁଖ୍ୟ ଐତିହାସିକ ଘଟଣାବଳୀ ଅଛି ?<br>▪ କେଉଁ କେଉଁ ମୁଖ୍ୟ ପରିବର୍ତ୍ତନ ସହିତ ଗ୍ରାମ ଗତି କରୁଛି ?<br>▪ ସେ ପରିବର୍ତ୍ତନ ଗୁଡିକର କାରଣ କଣ ?<br>▪ ଅତୀତରେ ଗ୍ରାମର ଅବସ୍ଥା କଣ ଥିଲା ? |
| ସୁଗମ ପରିବାର (Facilitation) ବିଭିନ୍ନ ପାହାଚ | ▪ ଗ୍ରାମରେ କେତେଜଣ ଆଗ୍ରହୀ ବୟସ୍କ ଲୋକମାନଙ୍କୁ ଚିହ୍ନଟ କରିବାକୁ ପଡିବ, ଯେଉଁମାନେ ଗ୍ରାମର ଇତିହାସ ବିଷୟରେ ତଥା ବନସୁରକ୍ଷା ସମିତି/ ପରିବଶେ ଉନ୍ନୟନ ସମିତି ବିଷୟରେ ନିର୍ଦ୍ଦିଷ୍ଟ ଭାବେ କିଛି କହିପାରିବେ ।<br>▪ ବୈଠକ ପାଇଁ ଗୋଟିଏ ସୁବିଧାଜନକ ସ୍ଥାନ, ସମୟ ସ୍ଥିର କରାଯିବ ଏବଂ ଗ୍ରାମବାସୀ ମାନଙ୍କୁ ଏହି ପଦ୍ଧତିର ଅଭ୍ୟାସ ବିଷୟରେ ବୁଝାଇବାକୁପଡିବ ।<br>▪ ଗ୍ରାମର ଇତିହାସ ତଥା ନିଜର ଭାବେ ବନ ସୁରକ୍ଷା ସମିତି /ପରିବେଶ ଉନ୍ନୟନ ସମିତି ସମ୍ବନ୍ଧରେ ଆଲୋଚନା ଆରମ୍ଭ କରିବାକୁ ପଡିବ ।<br>▪ ମୁଖ୍ୟ ଘଟଣାବଳୀକୁ ବିଭିନ୍ନ କାର୍ଡରେ ସଂକ୍ଷେପରେ ବଡ ବଡ ଅକ୍ଷରରେ ଲେଖିବାକୁ ପଡିବ ।<br>▪ ଯଦି ଆଉକିଛି ଘଟଣା ସେମାନେ ଯୋଡିବାକୁ ଚାହାନ୍ତି ତେବେ ତାହା କରିବାକୁ କୁହାଯିବ । ଯେତେ ବେଳେ ଏହା ଅନୁଭବ କରାଯିବ ଯେ ଘଟଣା, ଘଟଣା ମାନଙ୍କର ତାଲିକା ପ୍ରାୟ ସମ୍ପନ୍ନ ହେଲାଣି, ସେତେବେଳେ ଅଂଶ ଗ୍ରହଣକାରୀଙ୍କୁ, କାର୍ଡ ମାନଙ୍କୁ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାବଳୀକୁ କ୍ରମରେ ସଜେଇବାକୁ ସେମାନଙ୍କୁ କୁହାଯିବ । ପୁରା ଅତୀତକୁ ସଭା ଉପରେ ଏବଂ ପରବର୍ତ୍ତୀ ଘଟଣା ମାନଙ୍କୁ ତଳକୁତଳ ସଜାଯିବ । ଘଟଣାବଳୀ ଗୁଡିକୁ ସଜାଇବା କ୍ରମରେ ପଢାଯିବ ଏବଂ ପଚରାଯିବ କି, ସେମାନେ ଏଥିରେ ଖୁସି କି ନାହିଁ କିମ୍ବା ସେମାନେ କିଛି ବଦଳେଇବେକି ?<br>▪ ଘଟଣାବଳୀର ବାମ ପାର୍ଶ୍ଵରେ ମସିହା ମାନ ଲେଖିବାକୁ ପଡି ।<br>▪ ତୁମର ଯେଉଁ ବିଷୟ ପ୍ରତି ଆଗ୍ରହ ଅଛି, ତାହା ଉପରେ ଅଧିକ ଦୃଷ୍ଟି ଦିଆଯିବ ।<br>▪ ବିଭିନ୍ନ ସମୟ ସାରଣୀକୁ ବିଶ୍ଳେଷଣ କରିବା ପାଇଁ ଅଂଶଗ୍ରହଣକାରୀ ମାନଙ୍କଦ୍ୱାରା ଗୋଟିଏ ଆଲୋଚନା ଆରମ୍ଭ କରାଯାଏ<br>▪ ଯଦି ସନ୍ଦେହ ସୃଷ୍ଟି ହୁଏ କିମ୍ବା ଅଧିକ ତଥ୍ୟ ପାଇବାକୁ ଇଛା ଥାଏ, ତେବେ ଅଂଶଗ୍ରହଣକାରୀ ମାନଙ୍କୁ ସମୟ ସାରଣୀ ବିଷୟରେ ସାକ୍ଷାତାକାର କରାଯାଉ ।<br>▪ ସମସ୍ତ ତଥ୍ୟକୁ କାଗଜରେ ନକଲ କରାଯାଉ । ଅଂଶଗ୍ରହଣକାରୀଙ୍କ ନାମ, ସୁଗମକାରୀ (Facilitator) ଙ୍କ ନାମ, ସ୍ଥାନରେ ସମ୍ପୂର୍ଣ୍ଣ ବିବରଣୀ, ତାରିଖ ଏବଂ ପ୍ରସଙ୍ଗ ବିଷୟରେ ଲିପିବଦ୍ଧ କେରାଯାଉ ।<br>▪ ସଂସ୍ଥା ପାଇଥିବା ତଥ୍ୟ ମାନଙ୍କ ବିଷୟରେ ବୟସ୍କ ଲୋକମାନଙ୍କୁ ଅଲଗା ଅଲଗା କରି ସମୟ ସାରଣୀର ସତ୍ୟତା ବିଷୟରେ ପ୍ରଶ୍ନ କାଯାଉ । ଅନ୍ୟାନ୍ୟ ସରକାରୀ ବିଭାଗର ତଥ୍ୟ ମାନଙ୍କ ଆଧାରରେ ଏହାର ସତ୍ୟତା ପ୍ରମାଣିତ କରାଯାଇପାରେ । |
| ଆବଶ୍ୟକ ଉପକରଣ | ▪ ଲେଖିବା ଖାତା, ବହୁତ ଗୁଡିଏ କାର୍ଡ, ବହୁତ ଗୁଡିଏ ଚକ୍ ଖଡି, ଚାର୍ଟ କାଗଜ<br>▪ ବିଭିନ୍ନ ରଙ୍ଗର ଗାଢ ମାର୍କର କଲମ, ବହୁତ ଗୁଡିଏ ମଞ୍ଜି ଏବଂ ବହୁତ ଛୋଟ ଛୋଟ ପଥର |
| ସମୟ ଅବଧି | ▪ ଦେଢରୁ ଦୁଇ ଘଣ୍ଟା |
| ଦ୍ରଷ୍ଟବ୍ୟ | ▪ ଅଂଶଗ୍ରହଣକାରୀ ମାନଙ୍କ ଆବଶ୍ୟକତା ଏବଂ ଆଗ୍ରହକୁ ନେଇ ସମୟ ସାରଣୀ କ୍ୟାଲେଣ୍ଡର ପ୍ରସ୍ତୁତିରେ ଅଧିକ ପ୍ରସଙ୍ଗ ନିଆଯାଇପାରେ । |




**ଚିତ୍ର-୧୦:** ଐତିହାସିକ ସମୟ ସାରଣୀର ନମୁନା

### (୫) ପଦ୍ଧତିର ନାମ–ଛାଞ୍ଚ (ମାଟ୍ରିକ୍ସ)ର ଶ୍ରେଣୀ ବିଭଗ (Matrix Ranking / Scoring)

| | |
|---|---|
| ବର୍ଣ୍ଣନା | ▪ ମାଟ୍ରିକ୍ସର ଶ୍ରେଣୀ ବିଭାଗ ହେଉଛି ଏହାର ବିଭିନ୍ନ ଗୁଣକୁ ମାନଦଣ୍ଡ ଭିତରୁ ଅଗ୍ରାଧିରକାର ଭିତ୍ତିରେ ବିଶ୍ଳେଷଣ କରି, ଏହା କେତେ ଅଙ୍କ ପାଉଛି, ସ୍ଥିର କରିବା<br>▪ ସାଧାରଣ ଶ୍ରେଣୀର ମାଟ୍ରିକ୍ସ ଗୋଟିଏ ସୂଚକ ହିସାବରେ ବ୍ୟବହୃତ ହୁଏ, ଏହାଠାରୁ ଅଧିକ ଜଟିଳ ମାଟ୍ରିକ୍ସ ଏବଂ ଏହା କେତେ ନମ୍ବର ରଖେ ତାହା ଶ୍ରେଣୀ ନିର୍ଣ୍ଣୟ କରିବା ପାଇଁ ବିଭିନ୍ନ ପ୍ରକାରର ଆଭନ୍ତରୀଣ ମାନଦଣ୍ଡ ବିଶ୍ଳେଷଣ କରିବାରେ ଆବଶ୍ୟକ ହୁଏ । |
| ଉଦ୍ଦେଶ୍ୟ | ▪ ଏହା ଗୋଟିଏ ପ୍ରସଙ୍ଗର ଛୋଟ ଅଂଶକୁ କିପରି ବ୍ୟକ୍ତିଗତ ସ୍ତରରେ କିମ୍ୱା ଗୋଷ୍ଠୀ ସ୍ତରରେ ଅଗ୍ରାଧିକାର ଅପେକ୍ଷାକୃତଭାବେ ଦିଆଯାଏ, ତାହା ଆବିଷ୍କାର କରାଯାଏ ।<br>▪ ଅଲଗା ଅଲଗା ବୈଶିଷ୍ଟ କୁ ନେଇ ବିଭିନ୍ନ ଅନୁଷ୍ଠାନ, ପରିଯୋଜନା ଏବଂ କାର୍ଯ୍ୟକ୍ରମ ବ୍ୟବସ୍ଥା ମାନଙ୍କର ମୂଲ୍ୟ ନିର୍ଧାରଣ କରିବା ।<br>▪ ନିମ୍ନ ଲିଖିତ ପ୍ରସଙ୍ଗ ଗୁଡିକୁ ଆଲୋଚନା କରାଯିବ :<br>◆ ଋଣ ବ୍ୟବସ୍ଥା, ଆଗ୍ରାଧିକାର ଭିତ୍ତିର ଉତ୍ସ, ଗୋଷ୍ଠୀ ଅଧିକାରୀ, ସମସ୍ୟା ପାଇଁ ପସନ୍ଦ<br>◆ ଆୟ ସୃଷ୍ଟି, କାର୍ଯ୍ୟକ୍ରମ ପାଇଁ ଅଗ୍ରାଧିକାର, ବିଭିନ୍ନ ସମସ୍ୟା<br>◆ ପ୍ରକଳ୍ପର, ଅଗ୍ରାଧିକାର, ବିଭିନ୍ନ ପଦକ୍ଷେପ<br>◆ ଅନୁଷ୍ଠାନ, ପ୍ରାଥମିକତା ସେବାର ବ୍ୟବସ୍ଥା<br>◆ କୃଷି, ମୃତ୍ତିକାର ପ୍ରକାର ଭେଦ, ଉତ୍ପାଦନ ସମସ୍ୟା, ପ୍ରଜାତି,ବିଭିନ୍ନତା, ପରୀକ୍ଷା ମୂଳକ ପ୍ରୟୋଗ ସମ୍ପାଦନ, ରୋଗପୋକ ଦ୍ୱାରା କ୍ଷତି ଇତ୍ୟାଦି । |

| | |
|---|---|
| ମୁଖ୍ୟ ପ୍ରଶ୍ନୋତ୍ତର/ ଶ୍ରେଣୀ ବିଭାଗ | ■ କେଉଁଟି ସର୍ବୋତ୍ତମ ?<br>■ କେଉଁଟି ତାଠାରୁ କମ ଉତ୍ତମ ?<br>■ କେଉଁଟି ସବୁଠାରୁ ଖରାପ ?<br>■ ରହି ଯାଇଥିବା ଅବଶିଷ୍ଟ ମାନଙ୍କ ଭିତରେ କେଉଁଟି ଭଲ ? |
| ସୁଗମ କରିବାର (Facilitation) ବିଭିନ୍ନ ସୋପାନ | ■ ତୁମେ ଯେଉଁ ବିଷୟରେ ବିଭିନ୍ନ ମାନଦଣ୍ଡ ଉପରେ ନିଷ୍ପତ୍ତିନେଇ ତାର ଅନ୍ତର୍ନିହିତ ଗୁଣ ମାନଙ୍କରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରୁଛୁ, ତାହା ଚିହ୍ନଟ କର ।<br>■ ଯେଉଁ ବ୍ୟକ୍ତିଗଣ କିମ୍ବା ଦଳମାନଙ୍କୁ ନେଇ ତୁମେ ଗୋଟିଏ ମାଟ୍ରିକ୍ସ ତିଆରି କରିବାକୁ ଯାଉଛ, ସେମାନଙ୍କୁ ମଧ୍ୟ ଚିହ୍ନଟ କର ।<br>■ ସେହି ବିଷୟରେ ଆଲୋଚନା ଆରମ୍ଭ କରାଯାଉ । ବାଛିବା ପାଇଁ ତାଲିକା ପ୍ରସ୍ତୁତ କରାଯାଉ, ବାଛିବା ବିଷୟ / ତାଲିକାଭୁକ୍ତ ବିଷୟମାନ ଆଲୋଚନାପରେ ଲିପିବଦ୍ଧ କରାଯାଉ ।<br>■ ପରବର୍ତ୍ତୀ ପଦକ୍ଷେପ ହେଉଛି, ବିଭିନ୍ନ ମାନଦଣ୍ଡର ମୂଲ୍ୟ ନିର୍ଦ୍ଧାରଣ କରାଯାଉ । ଯଦି ବହୁତ ଗୁଡ଼ିଏ ମାନଦଣ୍ଡ ବାହାରେ,ତେବେ ଅଂଶ ଗ୍ରହଣକାରୀ ମାନଙ୍କ ସହ ଆଲୋଚନା କରାଯାଇ ପରେ ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ କୁ ନେବା ପାଇଁ ନିଷ୍ପତି ନିଆଯାଉ ।<br>■ ମାନଦଣ୍ଡ ଗୁଡିକ ସବୁ ସଂକ୍ଷିପ୍ତ ଏବଂ ସକାରାତ୍ମକ ହେବ ପାଇଁ ସୁନିଶ୍ଚିତ କରାଯାଉ । ଗୋଟିଏ ଅଭ୍ୟାସ କାର୍ଯ୍ୟକ୍ରମ ସମୟରେ ଉଭୟ ସକାରାତ୍ମକ ଏବଂ ନକରାତ୍ମକ ମାନଦଣ୍ଡ ମିଶ୍ରଣ କଲେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ ।<br>■ ମାଟ୍ରିକ୍ସକୁ ଉପରୁ ତଳ ପର୍ଯ୍ୟନ୍ତ ତାଲିକାଭୁକ୍ତ ବିଷୟ ନେଇ ଅଙ୍କନ କରାଯାଉ ଏବଂ ମାନଦଣ୍ଡ ଗୁଡିକୁ ବାମରୁ ଡ଼ାହାଣ ପର୍ଯନ୍ତ ଅଙ୍କନ କରାଯାଉ । ଏହା ମନେ ରଖିବା ଉଚିତ୍ ଯେ, ଗୋଟିଏ ଗୋଟିଏ ମାନଦଣ୍ଡକୁ ତୁଳନା କରାଯାଉ ଏବଂ ତାଲିକାଭୁକ୍ତ ବିଷୟଦ୍ୱାରୀ କରାନଯାଉ ତା ପରେ ପ୍ରତ୍ୟେକ ତାଲିକାଭୁକ୍ତ ବିଷୟ ବିପକ୍ଷରେ ଗୋଟିଏ ମାନଦଣ୍ଡ ବଛାଯାଉ । ସଂସ୍ଥା ତାଲିକାଭୁକ୍ତ ବିଷୟରେ ଏହି ମାନଦଣ୍ଡ କେତେ ନମ୍ବର ରଖିଲା ତାହା ଲିପିବଦ୍ଧ କରିବାକୁ ସୁନିଶ୍ଚିତ କରାଯାଉ । ସମସ୍ତ ମାନଦଣ୍ଡର ଶ୍ରେଣୀ ଏବଂ ନମ୍ବରଦେବା ଶେଷହେଲା ପର୍ଯ୍ୟନ୍ତ ଏହି ପ୍ରକ୍ରିୟାର ପୁନରାବୃତ୍ତି କରାଯାଉ ଏବଂ ଠିକ୍ ଭାବରେ ଲିପିବଦ୍ଧ କରାଯାଉ ।<br>**ଶ୍ରେଣୀ ଚିହ୍ନଟ କରିବାପାଇଁ ବିଭିନ୍ନ ପଦକ୍ଷେପ**<br>■ ମୁଖ୍ୟ କୌଶଳଟି ହେଉଛି ଶ୍ରେଣୀ ଚିହ୍ନଟ, ଯେଉଁଥିରେକି ଏହାର ବିଭିନ୍ନ ଅଂଶ ଗୁଡିକୁ ପସନ୍ଦ ଅନୁସାରେ ଲେଖିବା, ଚିତ୍ର ଅଙ୍କିବା କିମ୍ବା କାର୍ଡ ଅନୁସାରେ ପ୍ରତ୍ୟେକ ଅଂଶକୁ, ଗୋଟିକୁ ଆଉଗୋଟେ ଉପରେ ବାଛି ରଖିବା । ପସନ୍ଦ କରିବା ପଦ୍ଧତିଟି ଏକ ଠାରୁ ଦଶ ପର୍ଯ୍ୟନ୍ତ ଆଲୋଚନା କରାଯାଇ ନିମ୍ନ ଲିଖିତ ଭାବେ ସମ୍ପୂର୍ଣ୍ଣ କରା ଯାଏ ।<br>■ ଗୋଟିଏ ମାନଦଣ୍ଡ ନିଆଯାଉ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କର ତାଲିକାଭୁକ୍ତ ବିଷୟରେ ଶ୍ରେଣୀର ଶ୍ରେଣୀ / ନମ୍ବର ମାନଦଣ୍ଡକୁ ବିଚାରକୁ ନେଇ କରିବାକୁ ପଡିବ । ଶ୍ରେଣୀ ବିଭାଗ କିପରି ସୁବିଧାରେ ହେବ, ସେଥିପାଇଁ କେତେ ଗୁଡ଼ିଏ ପ୍ରଶ୍ନ ଅନ୍ତର୍ଭୁକ୍ତ କରା ଯାଉ ।<br>◆ କେଉଁଟି ସର୍ବୋତ୍କୃଷ୍ଟ ?<br>◆ କେଉଁଟି ତାହାଠାରୁ କମ ସର୍ବୋତ୍କୃଷ୍ଟ ?<br>◆ କେଉଁଟି ଅତି ଖରାପ ?<br>◆ ଅବଶିଷ୍ଟ ମାନଙ୍କ ମଧ୍ୟରୁ କେଉଁଟି ଭଲ ?<br>■ ଶ୍ରେଣୀ ବିଭାଗଗୁଡିକ ମାଟ୍ରିକ୍ସ ଉପରେ ସିଧାସଳଖ ଲିପିବଦ୍ଧ କରାଯିବ । ହଁ କି ନାହିଁ ବାଛିବା ପଦ୍ଧତିରେ ମଧ୍ୟ ଆମେ ଶ୍ରେଣୀ ବିଭାଗ କରିପାରିବ, ଯେତେବେଳେ ବାଛିବା ପାଇଁ ବିଭିନ୍ନ ପ୍ରକାରର ପସନ୍ଦମାନ ଥାଏ ।କେତେ ନମ୍ବର ରହିବ ତାହାର ବ୍ୟବସ୍ଥା<br>■ ଆମେ ରଖିଥିବା ନମ୍ବରକୁ ୧ ଠାରୁ ୧୦ ପର୍ଯ୍ୟନ୍ତ ସ୍କେଲରେ ସ୍ଥିର କରିବା । ଗୋଟିଏ ମାନଦଣ୍ଡ ନିଆଯାଉ ଏବଂ ଅଂଶ ଗ୍ରହଣକାରୀମାନଙ୍କୁ ପଚରାଯାଉ ପ୍ରତ୍ୟେକ ଜିନିଷ ପାଇଁ ନମ୍ବର ଦେବାକୁ କୁହାଯାଉ, ଯେପରି ଉଚ୍ଚ ମାନଦଣ୍ଡ ପାଇଁ ଅଧିକ ନମ୍ବର ଏବଂ ଅନ୍ୟ ମାନଙ୍କ ପାଁଇ କମ୍ ନମ୍ବର ଦିଆଯିବ । (ସର୍ବୋଚ୍ଚ ପାଇଁ ୧୦ ଏବଂ ସର୍ବନିମ୍ନ ପାଇଁ ୧ ହାରରେ) । ମାଟ୍ରିକ୍ସର ଯେଉଁ ଘର ତିଆରି କରାଯାଇଥାଏ ଉପରୋକ୍ତ ଘରେ ଛୋଟ ଛୋଟ ଗୋଡି କିମ୍ବା ମଞ୍ଜି ଇତ୍ୟାଦି ରଖି ପ୍ରଯୁଜ୍ୟ ନମ୍ବର ଲେଖାଯାଇପାରେ । |

| | |
|---|---|
| | ▪ ଗୋଟିଏ ମାନଦଣ୍ଡ ପାଇଁ ଜିନିଷର ନମ୍ବର ଦିଆସରିଲା ପରେ ଅନ୍ୟ ଗୋଟିଏ ମାନଦଣ୍ଡ ନିଆଯାଉ ଏବଂ ସବୁ ମାନଦଣ୍ଡ ଶେଷ ହେବା ପର୍ଯ୍ୟନ୍ତ ଏହା ଚାଲୁ କରାଯାଉ । <br> ▪ ଅଂଶଗ୍ରହଣକାରୀମାନେ କେତେ ନଂ / କେଉଁ ଶ୍ରେଣୀଭୁକ୍ତ ହୋଇଥାଆନ୍ତି ତାହାର ଆଲୋଚନା କରିବା ବେଳେ ଧୀରସ୍ଥିର ଭାବେ ଶୁଣନ୍ତୁ । <br> ▪ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ପାଇଥିବା ଫଳ ବିଷୟରେ ସିଦ୍ଧାନ୍ତ ବର୍ଣ୍ଣନା କରିବାକୁ ଅନୁରୋଧ କରାଯାଉ । |
| ଦରକାର ପଡୁଥିବା ଉପକରଣ | ▪ ଲେଖିବା ପାଇଁ ଖାତା <br> ▪ ଚିତ୍ର ଅଙ୍କନ ପାଇଁ କାଗଜ <br> ▪ ଗୁଡିଏ ମଞ୍ଜି <br> ▪ ଗୁଡିଏ ଛୋଟ ପଥର <br> ▪ ବିଭିନ୍ନ ରଙ୍ଗର କାର୍ଡ |
| ସମୟ ଅବଧି | ଦେଢ଼ରୁ ଦୁଇ ଘଣ୍ଟା |

**ସମ୍ବଳ ବ୍ୟବହାର ଛାଞ୍ଚ**

| ସମ୍ବଳର ନାମ | ଲିଙ୍ଗ | | ସମ୍ବଳ | | | ବ୍ୟବହାର କରୁଥିବା ବ୍ୟକ୍ତି | | |
|---|---|---|---|---|---|---|---|---|
| | ପୁରୁଷ | ମହିଳା | ବହୁତ | ଚଳନୀୟ | କମ୍ | ଗ୍ରାମବାସୀ | ପଡ଼ୋଶୀ ଗ୍ରାମର ଲୋକ | ଅନ୍ୟମାନେ |
| ଚାଷ କ୍ଷେତ | •••••••••••• | •••• | •••••••••••• | •••••••• | ••••••••• | •••••••••••• | | |
| ବାଡ଼ି ବଗିଚା | •••• | •••••••••••• | •••••••••••• | •••••••••••• | •••••••••••• | •••••••••••• | | |
| ଜାଳେଣି | •••• | •••••••• | •••••• | •• | •••••••• | •••• | •••••• | •••••••• |
| ପତ୍ର | ••• | ••••••••••• | •••••• | ••• | ••••••••• | •••••• | •••••• | |
| ଔଷଧୀୟ ବୃକ୍ଷ | •••••••• | •••••• | •• | ••• | •••••••• | •••••• | ••• | ••••••••••• |
| ଲଘୁ ବନଜାତ ଦ୍ରବ୍ୟ | •••••••••••••••••• | •••••••••• | •••••••••••• | •••••••••• | ••••• | ••••••••••••• | •••••••••• | |

ଚିତ୍ର – **୧୧:** ସମ୍ବଳ ବ୍ୟବହାର ଶ୍ରେଣୀ ବିଭାଗ ପାଇଁ ନମୁନା

## (ଞ) ପଦ୍ଧତିର ନାମ- ଗୋଷ୍ଠୀ ଆଲୋଚନା

| | |
|---|---|
| ବର୍ଣ୍ଣନା ଏବଂ ଉଦ୍ଦେଶ୍ୟ | ୮ ରୁ ୧୫ ଜଣ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ଜୀବିକା ଅର୍ଜନକାରୀ ସ୍ୱତନ୍ତ୍ର ଦଳକୁ ନେଇ ଗୋଟିଏ ବିଷୟ ଉପରେ ଏକ ଆଲୋଚନା କରିବା ହେଉଛି ନିର୍ଦ୍ଦିଷ୍ଟ ଦଳଗତ ଆଲୋଚନା ଏବଂ ସେମାନଙ୍କର ବିଷୟ ଉପରେ ସମ୍ପୂର୍ଣ୍ଣଜ୍ଞାନ ଥାଏ। ସେ ବିଷୟ ଉପରେ ଦଳଙ୍କ କଣ ଅନୁଭୂତି ଅଛି, ଏଥିରେ କେଉଁ ପ୍ରସଙ୍ଗ ଜଡିତ ଏବଂ ଏହାର ସମ୍ଭାବ୍ୟ ସମାଧାନ ସବୁ ଏଥିରେ ଅନ୍ତର୍ଭୂକ୍ତ। ଅଣୁ ଯୋଜନାରେ ନିର୍ଦ୍ଦିଷ୍ଟ ଜୀବିକାଧାରୀଙ୍କ ସହିତ ଆଲୋଚନା, ନିମ୍ନଲିଖିତ ବ୍ୟକ୍ତି ଏବଂ ସଂସ୍ଥା ମାନଙ୍କ ସହିତ କରାଯିବା ଉଚିତ୍ ମହିଳା, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, ଦିନ ମଜୁରିଆ, ଗରିବ ମାନଙ୍କ ଭିତରେ ଗରିବତମ, ବଞ୍ଚିତ ଗୋଷ୍ଠୀର ପରିବାର ଏବଂ ବନବାସୀ। |
| କେଉଁ କେଉଁ ବିଷୟକୁ ନେଇ ଗୋଷ୍ଠୀ ସହିତ ଆଲୋଚନା କରାଯାଏ। | ନିର୍ଦ୍ଦିଷ୍ଟ ଜୀବିକା ଧାରୀଙ୍କ ସହିତ ଆଲୋଚନା ବିଭିନ୍ନ ପ୍ରସଙ୍ଗ ଉପରେ କରାଯାଇଥାଏ: ବିଭିନ୍ନ ଆର୍ଥିକବର୍ଗ ଏବଂ ବଞ୍ଚିତ ଗୋଷ୍ଠୀମାନଙ୍କ ବିଶ୍ଳେଷଣ, ଅନୁଷ୍ଠାନ ମାନଙ୍କ ସହିତ ବିଶ୍ଳେଷଣ, ସମସ୍ୟା ବିଶ୍ଳେଷଣ, ସମସ୍ୟା ମାନଙ୍କର ଶ୍ରେଣୀ ବିଭାଗ ଏବଂ ସେମାନଙ୍କୁ ନମ୍ବର ଦେବା, କାର୍ଯ୍ୟକ୍ରମ ଯୋଜନାର ଆୟବ୍ୟୟର ହିସାବ। |
| ବିଭିନ୍ନ ଉପଦେଶ/ ନିର୍ଦ୍ଦିଷ୍ଟ ଜୀବିକାଧାରୀଙ୍କ ସହିତ ଆଲୋଚନା। | ▪ ସହଭାଗୀ ଗ୍ରାମ୍ୟ ଅବଧାରଣ ପଦ୍ଧତିରୁ ବ୍ୟବହାର କରିବା ପାଇଁ ନିଆଯାଉ।<br>▪ ଆଲୋଚନାର ବିଷୟ ବସ୍ତୁକୁ ସମସ୍ତେ ଜାଣିବା ଉଚିତ୍।<br>▪ ନିର୍ଦ୍ଦିଷ୍ଟ ଜୀବିକାଧାରୀ ଅଂଶ ଗ୍ରହଣକାରୀ ମାନଙ୍କୁ ବଛାଯାଉ।<br>▪ ଆଲୋଚନାର ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା<br>▪ ଆଲୋଚନା ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା<br>▪ ଆଲୋଚନା ପୂର୍ବରୁ ମାର୍ଗଦର୍ଶିକା ଅନୁଧ୍ୟାନ<br>▪ ନିର୍ଦ୍ଦିଷ୍ଟ ଜୀବିକାଧାରୀ ମାନଙ୍କ ସହିତ ଆଲୋଚନା ଆରମ୍ଭ କରିବା<br>▪ ବିଭିନ୍ନ ତଥ୍ୟ / ଫଳାଫଳର ବିଶ୍ଳେଷଣ<br>▪ ଗୋଟିଏ ବିବରଣୀ ପ୍ରସ୍ତୁତ କରାଯାଉ ଏବଂ ତାକୁ ଉପସ୍ଥାପନ କରାଯାଉ। |
| ନିର୍ଦ୍ଦିଷ୍ଟ ଜୀବିକା ଧାରୀଙ୍କ ମାର୍ଗ ସୁଗମକାରୀଙ୍କ (Facilitator) ଦାୟୀତ୍ୱ | ▪ ନିର୍ଦ୍ଦିଷ୍ଟ ଜୀବିକାଧାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟ / ପ୍ରସଙ୍ଗକୁ ସ୍ଥିର କରାଯାଉ।<br>▪ ପ୍ରତ୍ୟେକ ଦଳମାନଙ୍କୁ କେଉଁ ମୁଖ୍ୟ ପ୍ରଶ୍ନ ପଚରାଯିବା ତାହା ସ୍ଥିର କରାଯାଉ।<br>▪ କେତୋଟି ନିର୍ଦ୍ଦିଷ୍ଟ ଜୀବିକାଧାରୀ ଦଳ ସଂଗଠିତ କରାଯିବ ତାହା ସ୍ଥିର କରାଯାଉ।<br>▪ ନିର୍ଦ୍ଦିଷ୍ଟ ଅଂଶଗ୍ରହଣକାରୀ ଦଳର ଆଲୋଚନାରେ କେଉଁ କେଉଁ ବିଷୟ ଆଲୋଚିତ ହେବ, ତାହା ପ୍ରସ୍ତୁତ କରାଯାଉ।<br>▪ ଆବଶ୍ୟକ ପଡୁଥିବା ଚାର୍ଟ/ମାନଚିତ୍ର/ଅନ୍ୟାନ୍ୟ ପଦାର୍ଥ ରଖିବାର ବନ୍ଦୋବସ୍ତ କରାଯାଉ<br>▪ ଆଲୋଚନା ଆରମ୍ଭ କରାଯାଉ – ଆଲୋଚନାର ବିଷୟବସ୍ତୁ ଉପସ୍ଥାପନ ଏବଂ ଫଳାଫଳ ଆଶା ବିଷୟରେ ଆଲୋଚନା କରାଯାଉ<br>▪ ସମସ୍ତେ ଏହି ଆଲୋଚନାରେ ଭାଗନେବା ସୁନିଶ୍ଚିତ କରାଯାଉ<br>▪ ପର୍ଯ୍ୟବେକ୍ଷଣ/ଆଲୋଚନାର ସିଦ୍ଧାନ୍ତକୁ ଲିପିବଦ୍ଧ କରାଯାଉ ଏବଂ ଆଲୋଚନା ଶେଷରେ ଏହାକୁ ଦଳମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉ। |
| **ନିର୍ଦ୍ଦିଷ୍ଟ ଜୀବିକାଧାରୀଙ୍କ ସହିତ ଆଲୋଚନା ସମୟରେ କେଉଁ କାର୍ଯ୍ୟ କରାଯିବା ଉଚିତ୍ ଏବଂ କେଉଁ ଗୁଡିକ କରିବା ଅନୁଚିତ୍ ତାହା ସୁନିଶ୍ଚିତ କରିବା** | |
| କେଉଁ ଗୁଡିକ କରାଯିବା ଉଚିତ୍ | ▪ ଗ୍ରାମର ଗୋଷ୍ଠୀ ମାନଙ୍କ ପାଇଁ, ସ୍ୱତନ୍ତ୍ର ଭାବେ ମହିଳା ଏବଂ ସମାଜର ଦୁର୍ବଳ ଶ୍ରେଣୀ ପାଇଁ ସୁବିଧାଥିବା ଗୋଟିଏ ସ୍ଥାନ ଏବଂ ସଠିକ ସମୟରେ ବୈଠକ ଆୟୋଜନ କରାଯାଉ।<br>▪ ନିର୍ଦ୍ଦିଷ୍ଟ ଜୀବିକା ଧାରୀ ଦଳର ଅଂଶ ଗ୍ରହଣକାରୀ ମାନେ ନିଜର ପରିଚୟ ପ୍ରଦାନ କରିବା ସହ ସେଠାକୁ ଆସିବାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବେ ଦୃଷ୍ଟି ଦିଆଯାଉ।<br>▪ ଆଲୋଚନାରେ କଣ କଣ ଚାଲିଛି ସୁଗମକାରୀ ସେବିଷୟରେ ଧ୍ୟାନ ଦେଉଥିବେ। ଏହା ମୁଖ୍ୟ ପ୍ରସଙ୍ଗ ଉପରେ ପର୍ଯ୍ୟବେସିତ ବିଭିନ୍ନ ପ୍ରାଶ୍ନବଳୀ ଉପରେ କେବଳ ସୀମିତ ରହିବ।<br>▪ ଆଲୋଚନାରେ ଉପସ୍ଥିତ ସମସ୍ତଙ୍କୁ ଭାଗନେବା ପାଇଁ ସୁଯୋଗ ଦିଆଯିବାଉଚିତ୍। |

| | |
|---|---|
| | ▪ ଆଲୋଚନାରେ ପ୍ରାଧାନ୍ୟ ବିସ୍ଥାରକୁ ଦୁରେଇ ଯିବାକୁ ହେବ। ଆଲୋଚନାକୁ ସହଯୋଗ ଭିତ୍ତିରେ ଆୟୋଜନ କରିବାକୁ ଦିଆଯିବ, ଯେପରିକି ସମସ୍ତ ଅଂଶଗ୍ରହଣକାରୀମାନେ ସେମାନଙ୍କର ମତାମତ ସାଧାରଣ ଭାବରେ ପ୍ରଦାନ କରି ପାରିବେ।<br>▪ ଅନୁଧ୍ୟାନକାରୀ ଦଳ ଗୋଟିଏ ପ୍ରସଙ୍ଗ କିମ୍ବା ତଥ୍ୟକୁ ଚିହ୍ନଟ କରିବେ, ଯାହା ସଂପୂର୍ଣ୍ଣ ଭାବରେ ଆଲୋଚନା ହେବ। ଗୋଷ୍ଠୀ ମାନଙ୍କ ଭିତରୁ ବ୍ୟକ୍ତିମାନଙ୍କୁ ଆଲୋଚନା ଶେଷରେ ଚିହ୍ନଟ କରାଯାଉ, ଯେଉଁ ମାନେ ଉପର ପ୍ରସଙ୍ଗରେ ଭାଗ ନେଇଥିବେ। ସେମାନେହିଁ ନିର୍ଦ୍ଦିଷ୍ଟ ଜୀବିକାଧାରୀ ଦଳ ଭାବରେ ପରିଗଣିତ ହେବେ।<br>▪ ଆଲୋଚନା ଚାଲିଥିବା ସମୟରେ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ସାହାଯ୍ୟ ପାଇଁ ଉତ୍ସାହିତ କରାଯାଉ।<br>▪ ସାକ୍ଷାତକାର ଶେଷରେ ସାକ୍ଷାତକାରୀ ମାନଙ୍କୁ ଧନ୍ୟବାଦ ଦିଆଯାଉ। |
| କେଉଁ ଗୁଡିକ କରାଯିବ ଉଚିତ୍ ନୁହେଁ | ▪ ଆଲୋଚନାକୁ ଶୀଘ୍ର ଶୀଘ୍ର ଶେଷ କରାଯିବାକୁ ଚେଷ୍ଟ କରିବା<br>▪ କେତେଜଣ ଅଂଶ ଗ୍ରହଣକାରୀଙ୍କୁ ଆଲୋଚନାରେ ପ୍ରାଧାନ୍ୟ ଦିଆଯିବ, ଅଂଶଗ୍ରହଣକାରୀଙ୍କ ଠାରୁ କୌଣସି ନକାରାତ୍ମକ ଭାବ ଉପରେ କୌଣସି ନିଷ୍ପତି ନେବା<br>▪ ଅଣୁ ଯୋଜନା ପ୍ରସ୍ତୁତକାରୀ ଦଳ ଅଂଶ ଗ୍ରହଣକାରୀଙ୍କୁ ସେମାନଙ୍କର ବକ୍ତବ୍ୟ ଉପରେ କୌଣସି ପ୍ରମାଣ ଦେବା କିମ୍ବା ସେମାନଙ୍କର ସୂଚନା ଭୁଲ ବୋଲି ପ୍ରମାଣ କରିବା ପାଇଁ ଚେଷ୍ଟା କରିବା। |

## (ଟ) ପଦ୍ଧତିର ନାମ- ଅନୁଧ୍ୟାନ / ନିରୀକ୍ଷଣ (Observation)

| | |
|---|---|
| ଉଦ୍ଦେଶ୍ୟ | ▪ ଏହା ଗୋଟିଏ ଦରକାରୀ ସହଭାଗୀ ଗ୍ରମ୍ୟ ଅବଧାରଣା ଅନୁଧ୍ୟାନ /ନିରୀକ୍ଷଣ, ଯାହା ଅଣୁ ଯୋଜନା ପ୍ରକ୍ରିୟାରେ ଏକ ବିଶେଷ ଅଂଶ ଗ୍ରହଣ କରେ। ଗୋଷ୍ଠୀରେ ଚାଲିଥିବା ସ୍ଥାନୀୟ ପ୍ରସଙ୍ଗକୁ ହୃଦୟଙ୍ଗମ କରିବାପାଇଁ ଏହା ସୁଯୋଗ ଓ ସମ୍ଭାବନା ସୃଷ୍ଟି କରେ। ପର୍ଯ୍ୟବେକ୍ଷଣ ମାଧ୍ୟମରେ ବିଭିନ୍ନ ଅବସ୍ଥାକୁ ଦେଖିବା ଏବଂ ଏହାକୁ କ୍ରମଶଃ ଭାବେ ନିଆଯାଇପାରେ। ଏହା ସହିତ ବିଭିନ୍ନ ସାମାଜିକ ସ୍ଥିତି, ତାହାର କାରଣ ଏବଂ ଏହାର ବିଶ୍ଳେଷଣ ଏକ ସମୟରେ କରିବା ପାଇଁ ସାହାଯ୍ୟ କରେ। ଯୋଜନା ପ୍ରସ୍ତୁତକାରୀ ଏହି ପର୍ଯ୍ୟବେକ୍ଷଣ ପଦ୍ଧତି ବ୍ୟବହାର କରି ସମାଜରେ ବିଭିନ୍ନ ଶିକ୍ଷା ଲାଭ କରନ୍ତି। ଏହାକୁ ପରୀକ୍ଷା କରିବା ପାଇଁ ଲୋକମାନଙ୍କର ସାକ୍ଷାତକାର ଏବଂ ନିର୍ଦ୍ଦିଷ୍ଟ ଜୀବିକାଧାରୀ ଦଳଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା କରିପାରିବେ। ଏହି ପଦ୍ଧତିର କେତୋଟି ମୁଖ୍ୟ ବିଶେଷତ୍ୱ ନିମ୍ନରେ ବର୍ଣ୍ଣିତ ହେଲା : |
| ପଦ୍ଧତିର ବିଶେଷତ୍ୱ | ▪ ଏହି ପଦ୍ଧତି ଯାହାକି ଅଣୁ ଯୋଜନାର ପୁରା ପ୍ରସ୍ତୁତି ସମୟରେ ଚାଲୁରହିଥାଏ।<br>▪ ଏକ ସଙ୍ଗରେ ବିଭିନ୍ନ ପ୍ରଙ୍ଗ କିମ୍ବା କାର୍ଯ୍ୟକ୍ରମର ବିଶ୍ଳେଷଣ କରିବାର ସୁଯୋଗ ଥାଏ।<br>▪ ଏକ ପଦ୍ଧତିରେ ତଥ୍ୟ ସଂଗ୍ରହର ନିର୍ଦ୍ଦିଷ୍ଟ ସୀମା ଅଛି, ଏହା ପୁନର୍ବାର ଲୋକମାନଙ୍କୁ ପଚାରି ସତ୍ୟର ପରୀକ୍ଷା ଆବଶ୍ୟକ କରେ।<br>▪ ଏହା ଅନାବଶ୍ୟକ ପ୍ରଶ୍ନାବଳୀ ଏବଂ ଆଲୋଚନାକୁ ଦୂରେଇ ରଖେ।<br>▪ ଅନ୍ୟାନ୍ୟ ସହଯୋଗ ମୂଳକୁ ପଦ୍ଧତିର ବ୍ୟବହାର ଏବଂ ଅନ୍ୟାନ୍ୟ କୌଶଳମାନ ଯଥା ଆଲୋଚନା କିମ୍ବା ନିର୍ଦ୍ଦିଷ୍ଟ ଜୀବିକାଧାରୀ ଗୋଷ୍ଠୀଙ୍କ ସହ ଆଲୋଚନା କରାଯାଇ ପାରିଲେ ବହୁତ ଭଲ। |
| ଏହି ପଦ୍ଧତିରେ କଣ କରିବା ଉଚିତ୍ | ▪ ଗ୍ରାମରେ ଥିଲାବେଳେ ନିର୍ଦ୍ଦିଷ୍ଟ ଜୀବିକାଧାରୀ ଦଳଙ୍କ ସହ ଆଲୋଚନାରୁ ମିଳୁଥିବା ବିଭିନ୍ନ ପ୍ରସଙ୍ଗ ଏବଂ ତଥ୍ୟ ସଂଗ୍ରହକୁ ଅନୁଧ୍ୟାନ/ନିରୀକ୍ଷଣ କରିବା ପାଇଁ ଅଧିକ ସୁଯୋଗ ସୃଷ୍ଟି କରେ।<br>▪ ଗ୍ରାମରେ ଥିବାବେଳେ ଗୋଟିଏ ପୁରାଦିନ ଓ ରାତି ଅନୁଧ୍ୟାନ/ନିରୀକ୍ଷଣ କରିବା ପାଇଁ ଅଧିକ ସୁଯୋଗ ସୃଷ୍ଟି କରେ। |
| ଏହି ପଦ୍ଧତିରେ କଣ କରିବା ଅନୁଚିତ୍ | ▪ କୌଣସି ଭୁଲକୁ ଲୁଚାଇବା ପାଇଁ ଚେଷ୍ଟା କରିବା ଅନୁଚିତ। ଆଲୋଚନା ସମୟରେ ଯଦି ଗୋଟିଏ ଭୁଲ ବାହାରିଲା ତାହା ଜାଣିବା ଏବଂ ତାକୁ ଠିକ କରିବା।<br>▪ ଅନୁଧ୍ୟାନ/ନିରୀକ୍ଷଣ ପଦ୍ଧତି ବ୍ୟବହାର କରି କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଉଚିତ୍ ନୁହେଁ। |

# ୮. ଅଣୁ ଯୋଜନା ପ୍ରସ୍ତୁତ ପ୍ରକ୍ରିୟା (Process of Micro Planning)

## ୮.୧ ଅଣୁ ଯୋଜନା ପାଇଁ ପ୍ରାରମ୍ଭିକ କାର୍ଯ୍ୟକ୍ରମ

ଅଣୁ ଯୋଜନା ପ୍ରକ୍ରିୟା ପ୍ରସ୍ତୁତ ପୂର୍ବରୁ ଗୋଷ୍ଠୀ ମାନଙ୍କର ଅଣୁ ଯୋଜନା ପ୍ରସ୍ତୁତିକରିବାରେ ଦକ୍ଷତା ବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ପ୍ରକଳ୍ପର ଉଭୟ ଯୋଜନା ଏବଂ କାର୍ଯ୍ୟକ୍ରମ ରୂପାୟନରେ ସାହାଯ୍ୟ କରେ। ଗୋଷ୍ଠୀମାନଙ୍କୁ ଚିହ୍ନଟ କରିବା ଏବଂ ପ୍ରକଳ୍ପର ସୁପରିଚାଳନା ପାଇଁ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନରେ ସଂଶ୍ଳିଷ୍ଟ କରିବା, ଏହି ଯୋଜନା ପ୍ରକ୍ରିୟା ଆରମ୍ଭ ହେବା ସମୟର ପ୍ରଥମ ପଦକ୍ଷେପ। କିଛି ଅର୍ଥ ସହାୟତାରେ ଗୋଷ୍ଠୀ ମାନଙ୍କୁ ଛୋଟ ଛୋଟ କାର୍ଯ୍ୟକ୍ରମରେ ନିଯୁକ୍ତ କରାଇବା ଦ୍ୱରା ଯୋଜନାରେ ଗୋଷ୍ଠୀ ମାନଙ୍କର ସହଯୋଗ ଏବଂ କାର୍ଯ୍ୟକାରିତା ଉପରେ ଏକ ଧାରଣା ସୃଷ୍ଟି କରାଯାଇଥାଏ। ଏହା ଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ଗ୍ରାମବାସୀଙ୍କର ଏହି ପ୍ରକଳ୍ପ ପ୍ରତି ସହଯୋଗ ବଢ଼ିବାରେ ସାହାଯ୍ୟ କରିଥାଏ।

ପୁନଶ୍ଚ ଗ୍ରାମ ସମ୍ବନ୍ଧୀୟ ଅନ୍ୟାନ୍ୟ ତଥ୍ୟ ଯଥା:- ସରକାରୀ ବିଭାଗ ମାନଙ୍କରୁ (ନିର୍ଦ୍ଦିଷ୍ଟ ଭାବେ ଲୋକସଂଖ୍ୟା, ସାମାଜିକ ଅନୁଷ୍ଠାନ, ଗ୍ରାମର ସମ୍ବଳ ଇତ୍ୟାଦି) ସଂଗ୍ରହ କରାଯାଏ।

ସେହି ତଥ୍ୟ ଏବଂ ସୂଚନା ଗ୍ରାମର ବର୍ତ୍ତମାନର ସ୍ଥିତି, ଗୋଷ୍ଠୀ ଏବଂ ସେମାନଙ୍କର ଭବିଷ୍ୟତର ଆବଶ୍ୟକତା ଉପରେ ଧାରଣା ଦେବା ପାଇଁ ସାହାଯ୍ୟ କରିବ। ଏହି ପ୍ରାରମ୍ଭିକ ସୂଚନା, ଅଣୁ ଯୋଜନା ପ୍ରସ୍ତୁତି ସମୟରେ ସାହାଯ୍ୟ ପ୍ରଦାନ କରିବା ସହ ମୁଖ୍ୟତଃ ବିଭିନ୍ନ ପଦ୍ଧତି ମାଧ୍ୟମରେ ଗ୍ରାମ ସମ୍ବନ୍ଧୀୟ ପ୍ରାଥମିକ ତଥ୍ୟ ସଂଗ୍ରହ ସମୟରେ ସହାୟକ ହେବ।

ଗ୍ରାମରେ ଅଣୁ ଯୋଜନା ପ୍ରସ୍ତୁତି ପୂର୍ବରୁ ଗୋଷ୍ଠୀଙ୍କୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରସ୍ତୁତ କରିବା, ଗୋଟିଏ ପ୍ରାଥମିକ ଆବଶ୍ୟକତା। ଅଣୁ ଯୋଜନା ଗୁଡିକ ସାଧାରଣତଃ ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ମାଧ୍ୟମରେ ହେବା ସହ ବିଭିନ୍ନ ପ୍ରକଳ୍ପରୁ ମିଳୁଥିବା ସମ୍ବଳକୁ ଦୃଷ୍ଟିରେ ରଖି ଯୋଜନାର ପରିକଳ୍ପନା କରାଯାଇଥାଏ।

ଅଣୁ ଯୋଜନା ପ୍ରସ୍ତୁତିର ଉଦ୍ଦେଶ୍ୟ, ପ୍ରକ୍ରିୟାର ଉଦ୍ଦେଶ୍ୟ ଏବଂ ଫଳାଫଳ, ଗୋଷ୍ଠୀ ଏବଂ ପ୍ରକଳ୍ପର ତୃଣ ମୂଳ ସ୍ତରର କର୍ମଚାରୀ ମାନେ ବୁଝିବା ଉଚିତ୍। ଗୋଷ୍ଠୀଙ୍କ ସହଯୋଗରେ ଏବଂ ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତିରେ ଗ୍ରାମରେ ପୂର୍ଣ୍ଣାଙ୍ଗ ବିକାଶ ଯୋଜନା କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଏବଂ ସୁରକ୍ଷା ଦାୟିତ୍ୱ ଦିଆ ଯାଇଥିବା ଜଙ୍ଗଲ ଅଞ୍ଚଳରେ ଯୁଗ୍ମ ବନପରିଚାଳନା ମାଧ୍ୟମରେ ଆବଶ୍ୟକ ବିଭିନ୍ନ କାର୍ଯ୍ୟକ୍ରମକୁ ଆଗେଇ ନେବା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି ଦଶ ବର୍ଷ ପାଇଁ ଉଦ୍ଦିଷ୍ଟ ଭବିଷ୍ୟତ ଅଣୁ ଯୋଜନାଟି ଗ୍ରାମର ସବୁ ଗୋଷ୍ଠୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କରାଯାଇଥାଏ। ନିର୍ଦ୍ଦିଷ୍ଟ ଭାବେ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କର ଜୀବିକା ଏବଂ ଅନ୍ୟାନ୍ୟା ସାମାଜିକ ଅବହେଳିତ ଶ୍ରେଣୀଙ୍କୁ ଏହି ଯୋଜନାରେ ଅଗ୍ରାଧିକାର ଦିଆଯିବ। ସେହି କାର୍ଯ୍ୟକ୍ରମ ଗୁଡିକୁ ବାର୍ଷିକ ଯୋଜନାରେ ଉଭୟ ଆର୍ଥିକ ଏବଂ ଜନସମ୍ବଳର ଉପଲବ୍ଧକୁ ଭିତ୍ତି କରି ପ୍ରସ୍ତୁତ କରାଯିବ।

## ୮.୨ ଅଣୁ ଯୋଜନାର ବିଭିନ୍ନ ପର୍ଯ୍ୟାୟ

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଦଶ ବର୍ଷ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରୁ ୨୨୬-୨୭ ଆର୍ଥିକ ବ୍ଷର୍କ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଏହାକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ତାହା ହେଉଛି ପୂର୍ବବର୍ତ୍ତୀ ପର୍ଯ୍ୟାୟ, କାର୍ଯ୍ୟକାରୀ ପର୍ଯ୍ୟାୟ ଏବଂ ପ୍ରକଳ୍ପର ଶେଷ କ ପର୍ଯ୍ୟାୟ। ପୁନଶ୍ଚ ଅଣୁଯୋଜନା ସହଜରେ ପ୍ରସ୍ତୁତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ତିନି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟ ହେଉଛି ଯୋଜନା ପୂର୍ବର ପର୍ଯ୍ୟାୟ, ଯେଉଁଥିରେ କି ଯୋଜନା ପ୍ରସ୍ତୁତି ପୂର୍ବରୁ ପ୍ରାରମ୍ଭିକ କାର୍ଯ୍ୟକ୍ରମ କରିବା ପାଇଁ ଗୁରୁତ୍ୱ ଦିଆଯାଏ।

### ୮.୨.୧. ଯୋଜନା ପୂର୍ବବର୍ତ୍ତୀ ପର୍ଯ୍ୟାୟ

ଏଥିରେ ପ୍ରକଳ୍ପ କାର୍ଯ୍ୟକ୍ରମରେ ଜଡିତ ଥିବା କର୍ମକର୍ତ୍ତା (ଫେସିମିଲେଟର) ମାନଙ୍କର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକ୍ରମ ବିଷୟରେ ଶିକ୍ଷା ଲାଭ ଏବଂ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି। ସେମାନେ ଗ୍ରାମ୍ୟ ଏବଂ ଗୋଷ୍ଠୀ ସ୍ତରରେ ଥିବା ବିଭିନ୍ନ ପ୍ରକ୍ରିୟା ମାନଙ୍କୁ ତ୍ୱରାନିତ କରିବେ। ସେହି ନୂତନ କାର୍ଯ୍ୟକ୍ରମ ବିଷୟରେ ଶିକ୍ଷାଲାଭ ତାଲିମ ପାଇଁ କ୍ଷେତ୍ରୀୟ ସ୍ତରର କର୍ମଚାରୀମାନେ ଯଥା କ୍ଷେତ୍ରୀୟ ପରିଚାଳନା ସଂସ୍ଥାର କର୍ମଚାରୀ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦଳର ସଭ୍ୟସଭ୍ୟାମାନେ ଏବଂ ଗ୍ରାମସଚେତକ ମାନେ ଯୋଗଦେବେ। ଉପରୋକ୍ତ ତାଲିମ କାର୍ଯ୍ୟକ୍ରମ ଅଣୁଯୋଜନାର ବିଭିନ୍ନ ଉଦ୍ଦେଶ୍ୟ ଏବଂ ସୁଯୋଗ ସମ୍ବନ୍ଧରେ ଜଣାଇବ। ତାହା ସହିତ ଏହାର ବିଭିନ୍ନ ପ୍ରକ୍ରିୟା ଏବଂ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବ ଏବଂ ଏହା ମଧ୍ୟ ଅଣୁ ଯୋଜନା ପ୍ରକ୍ରିୟା ମାଧ୍ୟମରେ ନେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଏହାର ଫଳାଫଳ ବିଷୟରେ ଅବଗତ କରାଇବ।

ଏହି ପ୍ରକଳ୍ପ ଅଧୀନରେ ଏବଂ ପ୍ରକଳ୍ପ ଅବଧି ସମୟ ମଧ୍ୟରେ ଏହି ଯୋଜନାର ପ୍ରଗତି ଏବଂ ଲକ୍ଷ୍ୟ ସାଧନର ସମୀକ୍ଷା ଏବଂ ମୂଲ୍ୟାୟନ ର ଗୁରୁତ୍ୱପୂର୍ଣ୍ଣ ବିଷୟରେ ଜାଣିବା ସହ ଏହାର ଫଳାଫଳର ସୂଚକ ମାନ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯିବ। ଅଣୁ ଯୋଜନା ପ୍ରସ୍ତୁତି ପୂର୍ବରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ପ୍ରଗତିର ବିଭିନ୍ନ ସୂଚକ ମାନ ପ୍ରସ୍ତୁତ କରିବା, ଯେପରି ସେହି ସୂଚକ ମାନଙ୍କର ପ୍ରାରମ୍ଭିକ ମୂଲ୍ୟ ଅଣୁଯୋଜନା ସମୟରେ ସ୍ଥିର କରାଯିବ। ଏହା ପ୍ରକଳ୍ପର ପରିଚାଳନା ଦଳଙ୍କ ସହ ସହାୟତା ପ୍ରଦାନ କରୁଥିବା ସଂସ୍ଥା ଏବଂ ଗୋଷ୍ଠୀଙ୍କୁ ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକ୍ରମର ପ୍ରଗତି ନିର୍ଦ୍ଧାରଣ କରିବା ପାଇଁ ସାହାଯ୍ୟ କରିବ।

ଯେହେତୁ ଅଣୁ ଯୋଜନା ହେଉଛି ଗୋଷ୍ଠୀଙ୍କୁ ଶକ୍ତିଶାଳୀ କରିବା ପାଇଁ ଗୋଟିଏ ପ୍ରକ୍ରିୟା, ସେଥିପାଇଁ ପ୍ରକୃତ ଏବଂ ସଠିକ ପଦ୍ଧତି ଏବଂ ଏହାର ବ୍ୟବସ୍ଥା ଚୟନ ଅଣୁ ଯୋଜନାର ସଫଳ ପ୍ରସ୍ତୁତି ପାଇଁ ଗୁରୁତ୍ୱପୂର୍ଣ୍ଣ, ତେଣୁ ସଠିକ ସହଯୋଗିତା ଭିତ୍ତିକ ପଦ୍ଧତି ଚିହ୍ନଟ କରିବା ଏବଂ ଚିହ୍ନଟ ଯୋଜନା ତିଆରି କରିବା ସମ୍ବନ୍ଧୀୟ ପଦ୍ଧତିର ବିଷୟରେ, କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବା କର୍ମଚାରୀ ମାନଙ୍କୁ ତାଲିମ ମାଧ୍ୟମରେ ଅବଗତ କରାଇବା ନିହାତି ଆବଶ୍ୟକ।

### ୮.୨.୨. ଯୋଜନା ପ୍ରସ୍ତୁତି ପର୍ଯ୍ୟାୟ

ଯୋଜନା ପ୍ରସ୍ତୁତି ପର୍ଯ୍ୟାୟ ସମୟରେ ବିଭିନ୍ନ ସହଭାଗିତା ଭିତ୍ତିକ ପଦ୍ଧତି ମାଧ୍ୟମରେ ବିଭିନ୍ନ ପ୍ରାଥମିକ ତଥ୍ୟ ସଂଗ୍ରହ କରାଯାଇଥାଏ। ସେହି ତଥ୍ୟ ମାନଙ୍କର ବିଶ୍ଲେଷଣ କରାଯାଇ ବିକାଶ ଜନିତ ପ୍ରସଙ୍ଗ ଏବଂ ବିଭିନ୍ନ ପ୍ରତିବନ୍ଧକ ସମ୍ବନ୍ଧରେ(ଯଥା ସେମାନଙ୍କ ଜୀବନ ଏବଂ ଜୀବିକା, ଚାପର ପରିସ୍ଥିତି, ଚାପକୁ ସଫଳ ଭାବେ ସମ୍ମୁଖୀନ, ସମ୍ବଳ ଉପରେ ଅଧିକାର, ସମ୍ଭାବିତ ସମାଧାନ ଏବଂ ପ୍ରତିବନ୍ଧକ ଦୂର କରିବାର ମାର୍ଗ) ଗୋଷ୍ଠୀ ମାନଙ୍କ ସମ୍ମୁଖରେ ସେମାନଙ୍କର ଅନୁଭୂତି ପାଇଁ ଉପସ୍ଥାପନ କରାଯାଏ।

ଯୋଜନା ପ୍ରସ୍ତୁତି ପର୍ଯ୍ୟାୟ ସମୟରେ ଗୋଷ୍ଠୀ ମାନଙ୍କର ଅନୁଷ୍ଠାନ ପ୍ରତିଷ୍ଠା କରିବା ଗୋଟିଏ ମୁଖ୍ୟ କାର୍ଯ୍ୟକ୍ରମ। ସେହି ଅନୁଷ୍ଠାନ ମାନଙ୍କ ମଧ୍ୟରେ ବନ ସୁରକ୍ଷା ସମିତି, ବନସୁରକ୍ଷା ସମିତିର କାର୍ଯ୍ୟକାରୀ କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସାଧାରଣ ଆଗ୍ରହୀ ଦଳ ଅନ୍ୟତମ। ଏଠାରେ ଏହା ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟେକ ପରିବାର ଉପରୋକ୍ତ ଗୋଷ୍ଠୀ, ଅନୁଷ୍ଠାନରେ ଅନ୍ତର୍ଭୁକ୍ତ ହେବେ। ତାହା ଦ୍ୱାରା ସେମାନେ ପ୍ରକଳ୍ପରୁ ମିଳୁଥିବା ବିଭିନ୍ନ ପଦକ୍ଷେପକୁ ସେମାନଙ୍କର ସହଯୋଗ ଦ୍ୱାରା ସମାନ ଭାବରେ ଉପକୃତ ହେବା ପାଇଁ ନିଶ୍ଚିତ କରାଯାଇପାରିବ। ଯେତେବେଳେ ବିଭିନ୍ନ ଅନୁଷ୍ଠାନମାନ ପ୍ରତିଷ୍ଠିତହେବ, ସେତେବେଳେ ସେମାନଙ୍କର ସଭ୍ୟ ଏବଂ କର୍ମକର୍ତ୍ତାମାନେ ସେମାନଙ୍କର କର୍ତ୍ତବ୍ୟ ଏବଂ କାର୍ଯ୍ୟଧାରା ବିଷୟରେ ଅବଗତ ହୋଇ ନୂତନ କାର୍ଯ୍ୟକ୍ରମ ବିଷୟରେ ଶିକ୍ଷାଲାଭ/ ତାଲିମ ପାଇ ପାରିବେ। ପରବର୍ତ୍ତୀ ସମୟରେ ବିଭିନ୍ନ ଅନୁଷ୍ଠାନ ମାନଙ୍କର ସମ୍ପୂର୍ଣ୍ଣ ବିବରଣୀ, ସେମାନଙ୍କର ଗଠନ ଏବଂ କର୍ତ୍ତବ୍ୟ ବିଷୟରେ ଗୋଷ୍ଠୀ ମାନଙ୍କୁ ବୁଝାଯିବ।

ସହଭାଗିତା ଗ୍ରାମ୍ୟ ଅବଧାରଣା ପଦ୍ଧତି ମାଧ୍ୟମରେ ମିଳିଥିବା ତଥ୍ୟ ଗୁଡିକୁ ଅନ୍ୟ ସୂତ୍ରରୁ (Secondary Sources) ମିଳିଥିବା ତଥ୍ୟ ମାନଙ୍କ ସହ ତୁଳନା କରି ସଠିକତା ନିରୂପଣ କରାଯିବ। ସମସ୍ତ ମୁଖ୍ୟ ପ୍ରସଙ୍ଗ ଏବଂ ସମସ୍ୟା ଗୁଡ଼ିକୁ ଚିହ୍ନଟ କରିବାକୁ ପଡିବ। ପ୍ରସଙ୍ଗ ଏବଂ ସମ୍ଭାବନା ମାନଙ୍କୁ ବିଶ୍ଲେଷଣ କରିବାକୁ ହେବ ଯାହାକି ନିରନ୍ତର ଜଙ୍ଗଲ ପରିଚାଳନା, ଜୀବିକା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଚିହ୍ନଟ କରିବା ଦିଗରେ ସାହାଯ୍ୟ କରିବ। ଏହା ପ୍ରକଳ୍ପରେ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସୁଯୋଗକୁ ଏବଂ ପ୍ରକଳ୍ପ ବାହାରେ ଥିବା ବିଭିନ୍ନ ସଂସ୍ଥାର କାର୍ଯ୍ୟକ୍ରମ ମାନଙ୍କୁ ସଂଯୋଗୀକରଣ କରାଯାଇ ଗ୍ରାମର ସଂପୂର୍ଣ୍ଣ ବିକାଶର ପରିଯୋଜନା କରିବାରେ ସାହାଯ୍ୟ କରିବ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ଚିହ୍ନଟ ହୋଇ ସାରିଲା ପରେ, ଗୋଷ୍ଠୀ ଏବଂ ଅନୁଷ୍ଠାନ ମାନଙ୍କ ସହ ସେମାନଙ୍କ ଆବଶ୍ୟକତା ମାନଙ୍କର ନିଶ୍ଚିତକରଣ ଏବଂ ସମ୍ମତି ବିଷୟରେ ଆଲୋଚନା କରାଯିବ। ଗୋଷ୍ଠୀର ଅନୁମୋଦନ ଏବଂ ସମ୍ମତି ପରେକ, ଚିହ୍ନଟ ହୋଇଥିବା କାର୍ଯ୍ୟକ୍ରମ ଗୁଡ଼ିକୁ ଗ୍ରାମର ସଂପୂର୍ଣ୍ଣ ବିକାଶ ପରିଯୋଜନାରେ ଅନ୍ତର୍ଭୁକ୍ତ କରାଯାଏ, ଯାହାକି ଗ୍ରାମର ଦଶବର୍ଷ ପାଇଁ ଗୋଟିଏ ଦୀର୍ଘକାଳୀନ ଯୋଜନାରେ ପରିଣତ ହୁଏ।

### ୮.୨.୩. ଯୋଜନା ପରବର୍ତ୍ତୀ ପର୍ଯ୍ୟାୟ

ଯୋଜନା ପରବର୍ତ୍ତୀ ପର୍ଯ୍ୟାୟ, ଯୋଜନା ପ୍ରସ୍ତୁତ କରିବା ପରଠାରୁ ଆରମ୍ଭ ହୁଏ। ଯୋଜନା ପ୍ରସ୍ତୁତି ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କର ଚିହ୍ନଟ ହୋଇଥାଏ, ହିତାଧିକାରୀ ମାନଙ୍କୁ ଏହି ସମୟରେ ଯୁକ୍ତିଯୁକ୍ତତା ଭିତ୍ତିରେ ଏହି କାର୍ଯ୍ୟକ୍ରମ ମାନଙ୍କର କ୍ରମାନ୍ୱୟତା ସ୍ଥିର କରାଯାଏ। କେଉଁ କାର୍ଯ୍ୟକ୍ରମ ପ୍ରଥମେ କାର୍ଯ୍ୟକାରୀ ହେବ ଏବଂ କେଉଁ ଗୁଡିକ ପରେ ହେବ, ସେଗୁଡ଼ିକ ଚିହ୍ନଟ କରିବା ଏହି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମର ନିରନ୍ତରତା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, କାର୍ଯ୍ୟକ୍ରମ ଗୁଡ଼ିକୁ ଯୁକ୍ତିଯୁକ୍ତତା ଭିତ୍ତିରେ, ଏହାର କାର୍ଯ୍ୟକାରିତା ଯୋଜନା ପ୍ରସ୍ତୁତ କରାଯାଇଥାଏ। ଏହା ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥ (ପି.ଏମ.ୟୁ) କୁ ଅନୁମୋଦିତ ଯୋଜନା ମୁତାବକ ଅର୍ଥ ପ୍ରଦାନ କରିବାରେ ସହାୟକ ହୁଏ। ଯୁକ୍ତିଯୁକ୍ତ ଆଧାରରେ ଗ୍ରାମର ସଂପୂର୍ଣ୍ଣ କାର୍ଯ୍ୟକ୍ରମର କ୍ରମାନ୍ୱୟରେ ନିର୍ଦ୍ଧାରଣ କରିବା ପରେ ଏହି ଯୋଜନାକୁ ଖଣ୍ଡ ଖଣ୍ଡ ଭାବରେ ବାର୍ଷିକ ଯୋଜନାରେ ପରିଣତ କରିଦେବା ଉଚିତ୍। ସେହି ବାର୍ଷିକ ଯୋଜନା ଗୁଡ଼ିକ ଦ୍ୱାରା ଉଭୟ ଗ୍ରାମବାସୀ ଏବଂ ପ୍ରକଳ୍ପର ଅଧିକାରୀମାନେ କେଉଁ ବର୍ଷ କେଉଁ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ପାଇଁ ଯୋଜନାରେ ସ୍ଥିରକରାଯାଇଛି, ତାହା ବୁଝି ପାରିବା ସହ, ଅର୍ଥ ପ୍ରଦାନ ଆଦେଶ ଏବଂ ଆବଶ୍ୟକ ବୈଷୟିକ ପରିଚାଳନାର ଯୋଜନା ରେ ସ୍ଥିର କରାଯାଇଛି, ତାହା ବୁଝି ପାରିବା ସହ,ଅର୍ଥ ପ୍ରଦାନ ଆଦେଶ ଏବଂ ଆବଶ୍ୟକ। ବୈଷୟିକ ପରିଚାଳନାର ଯୋଜନା ମଧ୍ୟ ପ୍ରସ୍ତୁତ କରି ପାରିବେ। ଏହି ବାର୍ଷିକ ଯୋଜନାମାନ, ସମୟାନୁଯାୟୀ ଅନୁଷ୍ଠାନ ମାନଙ୍କୁ ପାଣ୍ଠି ଯୋଗାଣ ଏବଂ ଏହି କାର୍ଯ୍ୟକ୍ରମର ପରିଚାଳନାର କରାଇବାରେ ସୁନିଶ୍ଚିତ କରେ।

ଯୋଜନା ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମବାସୀ ଓ ସେମାନଙ୍କର ଅନୁଷ୍ଠାନ ମାନଙ୍କ ପାଇଁ ପ୍ରଶିକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ନିଶ୍ଚିତ ଭାବେ ଅନ୍ତର୍ଭୁକ୍ତ କରିବା ଉଚିତ୍। କାରଣ ଗ୍ରାମବାସୀ ଏବଂ ସେମାନଙ୍କର ଅନୁଷ୍ଠାନ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଭୂମିକା ସମ୍ପାଦନ କରିବେ। କାର୍ଯ୍ୟର ସଫଳତ ରୂପାଯାନ ପାଇଁ ଏହି ନିରୀକ୍ଷଣ ଏବଂ ମୂଲ୍ୟାୟନ ପଦ୍ଧତି ପ୍ରସ୍ତୁତ କରିବା ଉଚିତ୍। ଯାହାଦ୍ୱାରା ପ୍ରକଳ୍ପ ଅଧୀନରେ ଚାଲିଥିବା କାର୍ଯ୍ୟକ୍ରମର ସଠିକ ତଥ୍ୟ ସଂଗ୍ରହ କରିବା ସହ କାର୍ଯ୍ୟ କରାଇବାରେ ସମ୍ଭାବିତ ବିଭିନ୍ନ ପ୍ରତିରୋଧ ବାବଦରେ ଜଣାଯାଇ ପାରିବ। ଏହା ମଧ୍ୟ ଉନ୍ନତିର ସୂଚକ ମାନଙ୍କ ଗତିପଥକୁ ଅନୁଧ୍ୟାନ କରିବାର ପଦ୍ଧତି, ଯାହା ଯୋଜନା ପୂର୍ବ ପର୍ଯ୍ୟାୟରେ ବାଖ୍ୟା ହୋଇଛି। ଏହି ସୂଚକ ଗୁଡ଼ିକର ପର୍ଯ୍ୟବେକ୍ଷଣ ଦ୍ୱାରା ଗ୍ରାମରେ ହୋଇଥିବା ବିକାଶ ଅନୁମେୟ କରିହୁଏ।

### ୮.୨.୪. ଅଣୁ ଯୋଜନାର ବିଭିନ୍ନ ପଦକ୍ଷେପ

ଅଣୁ ଯୋଜନା, ବନସୁରକ୍ଷା ସମିତିର ସଭ୍ୟମାନେ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟସଭ୍ୟାମାନେ କ୍ଷେତ୍ରୀୟ ପରିଚାଳନା ସଂସ୍ଥା ଓ ଅନ୍ୟାନ୍ୟ ସରକାରୀ ବିଭାଗ ମାନଙ୍କ ସହଯୋଗରେ ଆନ୍ତଃବିଭାଗ ସଂଯୋଗୀକରଣ ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଏ। ଅଣୁଯୋଜନା ପ୍ରସ୍ତୁତିର ବିଭିନ୍ନ ପଦକ୍ଷେପ ନିମ୍ନରେ ବର୍ଣ୍ଣିତ ହେଲା:-

ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ କ୍ଷେତ୍ରୀୟ ପରିଚାଳନା ସଂସ୍ଥାଙ୍କ ସହାୟତାରେ ବନ ସୁରକ୍ଷା ସମିତି ଦ୍ୱାରା ଅଣୁ ଯୋଜନା ପ୍ରସ୍ତୁତ କରାଯିବ। ଅଣୁ ଯୋଜନା ପ୍ରସ୍ତୁତ କରୁଥିବା ସମୟରେ ବିଭିନ୍ନ ସରକାରୀ ବିଭାଗ ମାନଙ୍କଠାରୁ ପରାମର୍ଶ ନେବା ଏବଂ ଅନ୍ତଃବିଭାଗୀୟ କାର୍ଯ୍ୟକ୍ରମର ସଂଯୋଗୀକରଣର ସମ୍ଭାବନା କରାଯିବ। ବନ ସୁରକ୍ଷା ସମିତି ଗୋଟିଏ ୧୦ ବର୍ଷୀୟ ଗ୍ରାମ୍ୟ ଭବିଷ୍ୟତ ଯୋଜନା ଏବଂ ଅନ୍ୟଏକ୧୦ ବର୍ଷୀୟ ଜଙ୍ଗଲ ବିକାଶ ଯୋଜନା ପ୍ରସ୍ତୁତ କରିବେ। ପ୍ରକଳ୍ପର ଚତୁର୍ଥ ବର୍ଷରେ ସ୍ଥାନୀୟ ଅଞ୍ଚଳର ସ୍ଥିତିର ପରିବର୍ତ୍ତନକୁ ନେଇ ଅଣୁ ଯୋଜନାର ଆବଶ୍ୟକ ସଂଶୋଧନ କରାଯିବ। ଏହାର ସମସ୍ତ




ଚିତ୍ର ନଂ ୧୨-ଅଣୁ ଯୋଜନା ବିଭିନ୍ନ ପଦକ୍ଷେପ

ପ୍ରକ୍ରିୟା ପ୍ରକଳ୍ପ ପରିଚାଳନା ସଂସ୍ଥା ସ୍ଥିର କରିବା ଏବଂ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାର କାର୍ଯ୍ୟକାରିତା କରାଇବ । ଏହି ବିକାଶ ଅଣୁ ଯୋଜନାଟି ମୁଖ୍ୟତଃ ଗ୍ରାମର ବିକାଶ, ଦାରିଦ୍ର୍ୟ ହ୍ରାସ ଏବଂ ଜୀବିକା ନିର୍ବାହ ଜନିତକାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରିବ । ଜଙ୍ଗଲ ଉନ୍ନୟନ ଯୋଜନା, ନିରନ୍ତର ଜଙ୍ଗଲ ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିବ । ବନସୁରକ୍ଷା ସମିତି ଦ୍ୱାରା ନିର୍ମିତ ବାର୍ଷିକ ଯୋଜନା,ଆନ୍ତଃ ବିଭାଗୀୟ କାର୍ଯ୍ୟକ୍ରମର ସଂଯୋଗୀକରଣର ସମ୍ଭାବନାର ଭିତ୍ତିଭୂମି ପ୍ରସ୍ତୁତ କରିବ ।ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ କ୍ଷେତ୍ର ପରିଚାଳନା ସଂସ୍ଥାର ସହଯୋଗରେ ଯୋଜନା ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବେ ।

### ୮.୨.୪.୧. ପ୍ରଥମ ପଦକ୍ଷେପ :

- ବନ ସୁରକ୍ଷା ସମିତିର ସଭ୍ୟମାନଙ୍କୁ ଦଶ ବର୍ଷୀୟ ଭବିଷ୍ୟତ ଅଣୁ ଯୋଜନାକୁ କିପରି ପ୍ରସ୍ତୁତ କରିବେ, ସେଥିପାଇଁ ସଚେତନ କରିବାକୁ ପଡିବ ।
- ବନ ସୁରକ୍ଷା ସମିତିର ନେତୃ ସ୍ଥାନୀୟ ସଭ୍ୟ, ଜଙ୍ଗଲ ବିଭାଗର କର୍ମଚାରୀ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀ, ଗ୍ରାମ ସଚେତକ, ଗ୍ରାମ ପଞ୍ଚାୟତର ପ୍ରତିନିଧି, ବ୍ୟବହାରକାରୀ ଦଳର ପ୍ରତିନିଧି, ସ୍ୱୟଂ ସହାୟକ ସଂସ୍ଥା ସଭ୍ୟବୃନ୍ଦଙ୍କୁ ନେଇ ଯୋଜନା ପ୍ରସ୍ତୁତକାରୀ ଦଳ ଗଠନ କରାଯିବ ।
- ସରକାରୀ ବିଭାଗ ମାନଙ୍କ ସହଯୋଗରେ ଆନ୍ତଃ ବିଭାଗୀୟ ଯୋଜନା ଓ କାର୍ଯ୍ୟକ୍ରମର ସଂଯୋଗୀକରଣରେ ଚେଷ୍ଟା କରାଯିବ ।
- ବନ ସୁରକ୍ଷା ସମିତିର ମହିଳା ପ୍ରତିନିଧି, ସକ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମହିଳା ସଭ୍ୟା, ସ୍ୱାସ୍ଥ୍ୟ ବିଭାଗର ମହିଳା ସଂପ୍ରସାରଣ କର୍ମଚାରୀ, ସ୍କୁଲ ଶିକ୍ଷୟତ୍ରୀ ଇତ୍ୟାଦିଙ୍କୁ ନେଇ ମହିଳା ଯୋଜନା ପ୍ରସ୍ତୁତକାରୀ ଦଳ ଗଠନ କରାଯିବ ମହିଳା ମାନଙ୍କର ପ୍ରସଙ୍ଗ, ଅଭିଳାଷ ଏବଂ ବିକାଶ ମୂଳକ କାର୍ଯ୍ୟକ୍ରମ ଅଣୁ ଯୋଜନାର ବିଷୟ ବସ୍ତୁ ହୋଇଥିବା ଦରକାର

- ଯୋଜନା ପ୍ରସ୍ତୁତକାରୀ ଦଳର ସଭ୍ୟ ଓ ସଭ୍ୟା ଏବଂ ମହିଳା ପ୍ରସ୍ତୁତକାରୀ ଦଳର ସଭ୍ୟାମାନଙ୍କୁ ବିଭିନ୍ନ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ, ଦାରିଦ୍ର୍ୟ ହ୍ରାସ କାର୍ଯ୍ୟକ୍ରମ ଏବଂ ସରକାରଙ୍କ ବିଭିନ୍ନ ପରିଯୋଜନା (ଉଭୟ ଗୋଷ୍ଠୀ ଏବଂ ବ୍ୟକ୍ତିଗତ ସ୍ତରୀୟ ପରିଯୋଜନା) ବିଷୟରେ ସଚେତନ କରାଯିବ।
- ବିଭିନ୍ନ ପରିଯୋଜନା ଏବଂ କାର୍ଯ୍ୟକ୍ରମପାଇଁ ସୂଚନା, ଶିକ୍ଷା ଏବଂଯୋଗାଯୋଗ ସମ୍ବନ୍ଧୀୟ ନଥିପତ୍ର ସଂଗ୍ରହ କରାଯାଇ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ବ୍ୟବହୃତ ହେବ।
- ବିଭିନ୍ନ ବିଭାଗ ମାନଙ୍କରେ ଚାଲୁଥିବା ଅଣୁ ଯୋଜନା ମାନଙ୍କୁ ସମୀକ୍ଷା କରିବା ଦରକାର ଏବଂ ପ୍ରଯୁଜ୍ୟ ଅଂଶ ଗୁଡିକ ଏକତ୍ରିତ କରି ଗୋଟିଏ ସର୍ବାଙ୍ଗୀନ ଉନ୍ନତି ଯୋଜନା ପ୍ରସ୍ତୁତ କରାଯିବ।

### ୮.୨.୪.୨ ଦ୍ୱିତୀୟ ପଦକ୍ଷେପ : ତଥ୍ୟସଂଗ୍ରହ ଏବଂ ଭବିଷ୍ୟତ ଯୋଜନା ପ୍ରସ୍ତୁତି

- ସହଭାଗୀ ଗ୍ରାମ୍ୟ ଅବଧାରଣା କାର୍ଯ୍ୟକ୍ରମ, ଗ୍ରାମର ପରିବାର ଏବଂ ଗୋଷ୍ଠୀ ମାନଙ୍କ ଠାରୁ ବ୍ୟକ୍ତିଗତ ଭାବେ ସାମାଜିକ ଏବଂ ଆର୍ଥିକ ସ୍ଥିତିର ତଥ୍ୟ ପାଇବାର ପାଇଁ ପରିଚାଳନା କରାଯିବ।
- ବିଭିନ୍ନ ସହଭାଗୀ ଗ୍ରାମ୍ୟ ଅବଧାରଣା କାର୍ଯ୍ୟକ୍ରମରୁ ମିଳିଥିବା ତଥ୍ୟ ଏବଂ ସିଦ୍ଧାନ୍ତ ଗୁଡିକର ବିଶ୍ଳେଷଣ କରି, ଯୋଜନା ସଂକଳନ କରାଯିବା ଉଚିତ୍।
- ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବନ ସୁରକ୍ଷା ସମିତିର ସଭ୍ୟମାନେ ହିତାଧିକାରୀ ମାନଙ୍କୁ ସେମାନଙ୍କ ଯୋଜନା ବିଷୟରେ ଅବଗତ କରାଇବେ।

**ଯୋଜନା ତିଆରି କରିବା ସମୟରେ ନିମ୍ନଲିଖିତ ପ୍ରସଙ୍ଗ ବିଷୟରେ ଜାଣିବାକୁ ପଡିବ :**

- ସାଧାରଣ ଭାବେ ଗ୍ରାମର ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥା/ ନିର୍ଦ୍ଦିଷ୍ଟ ଭାବେ ପରିବାର ମାନଙ୍କ ସାଧାରଣ ଅବସ୍ଥା ଏବଂ ଗ୍ରାମର ମହିଳା ମାନଙ୍କର ଆର୍ଥିକ ଅବସ୍ଥାର ସ୍ଥିତି ଓ ସେମାନଙ୍କର ଲିଙ୍ଗ ଏବଂ ସାମ୍ୟତା ବିଷୟରେ ଅନୁଭୂତି।
- ଗ୍ରାମର ସ୍ୱଚ୍ଛଳତାର ସମୀକ୍ଷା
- ଜୀବିକାର ସମୀକ୍ଷା
- ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ସମୀକ୍ଷା: SWOT (ସ୍ୱୋଟ) ପ୍ରଣାଳୀରେ ସମୀକ୍ଷା, ପରିଚାଳନା, ଆର୍ଥିକ ପରିଚାଳନା, ସଂଯୋଗୀକରଣ, ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ, ବ୍ୟକ୍ତିଗତ ଏବଂ ଦଳୀୟ ଯୋଜନା, ଜୈବମଣ୍ଡଳ କୁ ସଂଯୁକ୍ତ କରିବା ପଦ୍ଧତି
- ଜଙ୍ଗଲ ସମ୍ପଦ-ନିର୍ଭରଶୀଳତା, ସୁରକ୍ଷା ଏବଂ ପରିଚାଳନା, ମନୁଷ୍ୟ-ଜୀବଜନ୍ତୁ ସଂଘର୍ଷ, ଜଙ୍ଗଲ ବିକାଶ ଯୋଜନା
- ସାମଗ୍ରିକ ଜଙ୍ଗଲ ବିକାଶ ଯୋଜନାର ଦୂରଦୃଷ୍ଟି ଏବଂ ମୁଖ୍ୟ ସୁପାରିଶ

**ଅଣୁ ଯୋଜନାର ସଂକ୍ଷିପ୍ତ ବିବରଣୀ**

| ପରିମାଣଗତ ପଦ୍ଧତି | କାର୍ଯ୍ୟକ୍ରମ/ ବିଷୟ | ପଦ୍ଧତି | ଅନ୍ୟାନ୍ୟ ସୂତ୍ରରୁ ତଥ୍ୟ |
|---|---|---|---|
| ସଂକ୍ଷିପ୍ତ ବିବରଣୀ-୧ (ଫର୍ମାଟ -୧) | ସାମାଜିକ - ଅର୍ଥନୈତିକ ବିବରଣୀ | ନିର୍ଦ୍ଦିଷ୍ଟ ଜୀବିକା ଦଳଙ୍କ ସହ ଆଲୋଚନା/ ସାମାଜିକ ମାନଚିତ୍ର/ ପରିବାର ସର୍ବେକ୍ଷଣ | ଜନଗଣନା |
| ସଂକ୍ଷିପ୍ତ ବିବରଣୀ-୨ (ଫର୍ମାଟ – ୨) | ପ୍ରାକୃତିକ ସମ୍ବଳର ବିବରଣୀ | ଋତୁ ଭିତ୍ତିକ ମାନଚିତ୍ର/ ସମ୍ବଳ ମାନଚିତ୍ର | ରାଜସ୍ୱ ନିରୀକ୍ଷକ ଅଫିସ |
| ସଂକ୍ଷିପ୍ତ ବିବରଣୀ-୩ (ଫର୍ମାଟ – ୩) | ଜୀବିକା ବିବରଣୀ | ଦଳଗତ ଆଲୋଚନା / ପରିବାର ସର୍ବେକ୍ଷଣ / ସମ୍ବଳ ମାନଚିତ୍ର / ସମ୍ବଳ ଭିତ୍ତିକ ଶ୍ରେଣୀ ବିଭାଗ | ଜନଗଣନା |
| ସଂକ୍ଷିପ୍ତ ବିବରଣୀ-୪ (ଫର୍ମାଟ -୪) | ଜଙ୍ଗଲ ବିକାଶ ଯୋଜନା | ସମୟ ସାରଣୀ ଧାରାର ବିଶ୍ଳେଷଣ / ସମ୍ବଳ ମାନଚିତ୍ର | ଜଙ୍ଗଲ ବିଭାଗର କାର୍ଯ୍ୟକ୍ରମ ଯୋଜନା (ୱାର୍କିଂ ପ୍ଲାନ) |
| ସଂକ୍ଷିପ୍ତ ବିବରଣୀ-୫ (ଫର୍ମାଟ – ୫) | ଗ୍ରାମର ବିକାଶ ଯୋଜନା | ସାମାଜିକ ମାନଚିତ୍ର /ସମ୍ବଳ ମାନଚିତ୍ର /ଦଳଗତ ଆଲୋଚନା / ପରିବାର ସର୍ବେକ୍ଷଣ /ସମ୍ବଳ ଭିତ୍ତିକ ଶ୍ରେଣୀ ବିଭାଗ | ଗ୍ରାମ, ପରିବାର ଏବଂ ସ୍ଥିତିର ମାନଚିତ୍ର |
| ସଂକ୍ଷିପ୍ତ ବିବରଣୀ- ୬ (ଫର୍ମାଟ -୬) | ବାର୍ଷୀକ କାର୍ଯ୍ୟକ୍ରମ ଯୋଜନା | ମାଟ୍ରିକ୍ସ ଯୋଡା | ସମସ୍ୟା ଏବଂ ସମାଧାନରେ ଶ୍ରେଣୀର ତୁଳନା |
| ସଂକ୍ଷିପ୍ତ ବିବରଣୀର - ୭ (ଫର୍ମାଟ – ୭) | ବାର୍ଷିକ ଅଗ୍ରଗତି ବିବରଣୀ | | ଦାରିଦ୍ର୍ୟତାର ବିଶ୍ଳେଷଣ |

### ୮.୨.୪.୩. ତୃତୀୟ ପଦକ୍ଷେପ : ତଥ୍ୟ ଏବଂ ଭବିଷ୍ୟତ କାର୍ଯ୍ୟକ୍ରମ ମାନଙ୍କର ଏକତ୍ରୀକରଣ

- ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ମୁଖ୍ୟ ଦାୟିତ୍ୱ ହେଉଛି ନିର୍ଦ୍ଦିଷ୍ଟ ଜୀବିକା ଦଳ ମାନଙ୍କ ଠାରୁ ମିଳୁଥିବା ବିଭିନ୍ନ ତଥ୍ୟକୁ ସଂକଳନ କରିବା।
- ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ଅଣୁ ଯୋଜନାରେ ଦିଆଯାଇଥିବା ପ୍ରୋଫର୍ମା ଗୁଡିକ ସହାୟତାରେ ମିଳିଥିବା ତଥ୍ୟ ଗୁଡିକର ନଥିପତ୍ର ପ୍ରସ୍ତୁତ କରିବେ।
- ସିଦ୍ଧାନ୍ତ ଗୁଡିକରେ ବିଶ୍ଳେଷଣ ବନ ସୁରକ୍ଷା ସମିତିର ଯୋଜନା ପ୍ରସ୍ତୁତକାରୀ ଦଳଙ୍କ ସହିତ କରିବାକୁ ପଡିବ। ଅଣୁ ଯୋଜନା ପ୍ରସ୍ତୁତି ପାଇଁ ବିଭିନ୍ନ ପ୍ରସଙ୍ଗ, ସମସ୍ୟା, ଉଦବେଗ ଇତ୍ୟାଦିକୁ ଚିହ୍ନଟ କରିବାକୁ ପଡିବ।
- ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସମସ୍ତ ସରକାରୀ ବିଭାଗ ମାନଙ୍କର ପ୍ରତିନିଧି ମାନଙ୍କର ଅଂଶଗ୍ରହଣ କୁ ନିଶ୍ଚିତ କରାଇବେ।
- ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ମହିଳାମାନଙ୍କର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ଯୋଜନା ପ୍ରସ୍ତୁତକାରୀ ଦଳଙ୍କ ସହ ଆଲୋଚନା କରିବେ ଏବଂଏହାକୁ ଯୋଜନାରେ ଉଚିତ୍ ରୂପେ ଅନ୍ତର୍ଭୁକ୍ତ କରିବା ନିଶ୍ଚିତ କରାଇବେ।।
- ମୁଖ୍ୟ ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡିକ ଅଣୁ ଯୋଜନା ସ୍ଥାନପାଇବା ପାଇଁ ଚିହ୍ନଟ କରାଯିବ।
- ଯଦି କୌଣସି ହିତାଧିକାରୀ ଅନୁପସ୍ଥିତ କରିବା ପାଇଁ ସେମାନଙ୍କ ସହିତ କାର୍ଯ୍ୟାଳୟରେ ଆଲୋଚନା କରିବେ।

### ୮.୨.୪.୪. ଚତୁର୍ଥ ପଦକ୍ଷେପ : ଅଣୁ ଯୋଜନାର ଚିଠା ପ୍ରସ୍ତୁତି କରଣ

- ସହଭାଗିତା ଗ୍ରାମ୍ୟ ଅବଧାରଣା ମାଧ୍ୟମରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ମାନଚିତ୍ରକୁ ସମ୍ମିଶ୍ରଣ କରାଯିବ, ଯାହାକି ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଯୋଜନା ପ୍ରସ୍ତୁତକାରୀ ଦଳର ସଭ୍ୟମାନେ କରିବେ। ଶେଷରେ ମାନଚିତ୍ରକୁ ବନସୁରକ୍ଷା ସମିତିକୁ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ।
- ଲୋକମାନଙ୍କର ଆବଶ୍ୟକତା ପାଇଁ ପ୍ରଯୁଜ୍ୟ ବିଭିନ୍ନ ପରିଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡିକୁ ଅଣୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ଲିଙ୍ଗଗତ ବୈଷମ୍ୟ ଦୂରୀକରଣ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତିକରଣ ଏବଂ ସେଥିରେ ଆର୍ଥିକ ଅଟକଳ ଅନ୍ତର୍ଭୁକ୍ତ କରାଯିବ।
- ବିଭିନ୍ନ ସିଦ୍ଧାନ୍ତ ଗୁଡିକ ବିଭିନ୍ନ ପ୍ରୋଫର୍ମାଟରେ (୭ଟି) ଉପସ୍ଥାପନ କରାଯିବଏବଂ ପ୍ରସ୍ତାବିତ ଭବିଷ୍ୟତ କାର୍ଯ୍ୟକ୍ରମ ବିଷୟରେ ବନସୁରକ୍ଷା ସମିତିରେ ଆଲୋଚନା ହେବ।
- ଭବିଷ୍ୟତ କାର୍ଯ୍ୟକ୍ରମ ଯୋଜନା ଏବଂ ବାର୍ଷିକ ଯୋଜନାର ସଂପୂର୍ଣ୍ଣ ଚିଠା ପ୍ରସ୍ତୁତ କରାଯିବ।
- ପ୍ରସ୍ତାବିତ ଚିଠିଟାକୁ ବନସୁରକ୍ଷା ସମିତିର କାର୍ଯ୍ୟକାରୀ କମିଟି ସମ୍ମୁଖରେ ଉପସ୍ଥାପନା କରାଯାଇ ସେମାନଙ୍କ ମତାମତଗ୍ରହଣ କରାଯିବ।
- ଅଣୁ ଯୋଜନା କାର୍ଯ୍ୟକାରୀ ଦଳଙ୍କ ଦ୍ୱରା ବିଭିନ୍ନ ମତାମତ ଗୁଡିକୁ ପ୍ରସ୍ତାବିତ ଚିଠାରେ ଅନ୍ତର୍ଭୁକ୍ତ କରାଯିବ

### ୮.୨.୪.୫. ପଞ୍ଚମ ପଦକ୍ଷେପ-ସମୀକ୍ଷା ଏବଂ ଅନୁମୋଦନ

- ସଂପୂର୍ଣ୍ଣ ଯୋଜନା ଏବଂ ବାର୍ଷିକ କାର୍ଯ୍ୟକ୍ରମ ଅଣୁ ଯୋଜନାଟିକୁ ବନସୁରକ୍ଷା ସମିତି/ ପରିବେଶ ଉନ୍ନୟନ ସମିତି ମାନଙ୍କର ସାଧାରଣ ପରିଷଦ ସଭ୍ୟସଭ୍ୟା ମାନଙ୍କ ଦ୍ୱାରା ପରୀକ୍ଷା କରାଯିବ ଏବଂ ଅବଶେଷରେ ବନସୁରକ୍ଷା ସମିତି ଏହି ଗ୍ରାମ୍ୟ ଅଣୁଯୋଜନାକୁ ଅନୁମୋଦନ କରିବ।

### ୮.୨.୪.୬. ଷଷ୍ଠ ପଦକ୍ଷେପ - କ୍ଷେତ୍ରୀୟ ପରିଚ୍ଛଳନା ସଂସ୍ଥା ଜରିଆରେ ଅଣୁ ଯୋଜନାଟିକୁ, ଖଣ୍ଡୀୟ ପରିଚାଳନା ସଂସ୍ଥାରେ ଉପସ୍ଥାପନା କରିବା

- ବନସୁରକ୍ଷା ସମିତି ସ୍ତରରେ ଅଣୁ ଯୋଜନାର ଅନୁମୋଦନ ପରେ, ଏହା କ୍ଷେତ୍ରୀୟ ପରିଚାଳନା ସଂସ୍ଥାଙ୍କ ଜରିଆରେ, ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କ ପ୍ରେରଣ କରିବେ। ଖଣ୍ଡୀୟ ପରିଚାଳନା ସଂସ୍ଥା ସ୍ତରରେ ଅଣୁ ଯୋଜନାଟି ବନବିଭାଗର କାର୍ଯ୍ୟକାରୀ ଯୋଜନା (ୱାର୍କିଙ୍ଗ ପ୍ଲାନ)/ ପରିଚ୍ଛଳନା ଯୋଜନା (ଓଡିଶା ଫରେଷ୍ଟ ଡିପାର୍ଟମେଣ୍ଟ)ର ଅନୁସରଣ ସମୀକ୍ଷା କରାଯାଇ ଏହାର ଅନୁମୋଦନ କରିବେ।।

### ୮.୨.୪.୭. ସପ୍ତମ ପଦକ୍ଷେପ: ଅଣୁ ଯୋଜନାର ପ୍ରସାର

- ଅଣୁ ଯୋଜନାର ଅନୁମୋଦନ ପରେ ଏହାକୁ ପଲ୍ଲୀସଭାର ଅନୁମୋଦନପାଇଁ ପଠାଯିବ।
- ଅନୁମୋଦିତ ଅଣୁ ଯୋଜନାଟି କାର୍ଯ୍ୟକାରୀ କରାଇବା ପାଇଁ ଏହାକୁ ଗ୍ରାମପଞ୍ଚାୟତ, ମଣ୍ଡଳ ଓ ଜିଲ୍ଲାସ୍ତରରେ ପ୍ରେରିତ କରିବେ।

### ୮.୨.୫. ଯୋଜନା ପରବର୍ତ୍ତୀ କାର୍ଯ୍ୟକ୍ରମ ଏବଂ ଯୋଜନା କାର୍ଯ୍ୟକାରୀ ପ୍ରସ୍ତୁତ

ଯୋଜନା ପରିବର୍ତ୍ତୀ କାର୍ଯ୍ୟକ୍ରମ ମାନଙ୍କର ଦୁଇଟି ମୁଖ୍ୟ ଅଂଶ ଅଛି, ଯଥା ବାର୍ଷିକ ଯୋଜନା ଏବଂ ଆୟବ୍ୟୟର ଅଟକଳ ପ୍ରସ୍ତୁତ କରାଯିବ। ବାର୍ଷିକ ଯୋଜନା ପଲ୍ଲୀସଭାକୁ ଅନୁମୋଦନ ପାଇଁ ପ୍ରେରଣ କରାଯିବ ଏବଂ ତାପରେ ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତିକୁପଠାଯିବ। ଆୟବ୍ୟୟକୁ ସହାୟକ ହେବା ପାଇଁ ଦୁଇଟି ଅର୍ଥର ଉତ୍ସ ରହିବ, ଯଥା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଏବଂ ସରକାରୀ ଏବଂ ବେସରକାରୀ ସଂସ୍ଥା ମାନଙ୍କର ଅନ୍ୟାନ୍ୟ ପରିଯୋଜନା, ଭବିଷ୍ୟତ ଯୋଜନା ଏବଂ କାର୍ଯ୍ୟକ୍ରମ। ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ଗୋଟିଏ ଆର୍ଥିକ ବ୍ୟବସ୍ଥାର ସମୟ ସାରଣୀ ପ୍ରସ୍ତୁତ କରାଯିବ। ଏହାକୁ ଆଧାର କରି ବାର୍ଷିକ ସଂଯୋଗୀକରଣ ଯୋଜନା କ୍ଷେତ୍ରୀୟ ପରିଚାଳନା ସ୍ତରରେ ପ୍ରସ୍ତୁତକରାଯିବ। ଏହି ସମୟ ସାରଣୀରେ ଶତକଡା କେତେ ଭାଗ ଅର୍ଥ ପ୍ରକଳ୍ପରୁ ପ୍ରାପ୍ତ ହେବ ଏବଂ ଶତକଡା କେତେ ଅନ୍ୟାନ୍ୟ ସରକାରୀ/ ବେସରକାରୀଙ୍କ ସଂସ୍ଥାଙ୍କ ଠାରୁ ପ୍ରାପ୍ତ ହେବ ତାହା ସଠିକ ଭାବରେ ଲେଖାଯିବା ଉଚିତ୍। ପ୍ରତ୍ୟେକ ମୁଖ୍ୟ କାର୍ଯ୍ୟକ୍ରମ ପାଇଁ ଅର୍ଥ ଆଦାନ ପ୍ରଦାନର ଉତ୍ସ ଏବଂ ସଂଯୋଗୀକରଣ ପାଇଁ ଯୋଜନା ସଠିକ ଭାବରେ ବର୍ଣ୍ଣନା କରାଯିବା ଉଚିତ୍।

## ୮.୩. ଅଣୁ ଯୋଜନାର ପୁନଃସଂସ୍କରଣ :

ପ୍ରତ୍ୟେକ ପ୍ରକ୍ରିୟାର ବନସୁରକ୍ଷା ସମିତି/ ପରିବେଶ ଉନ୍ନୟନ ସମିତି କାର୍ଯ୍ୟ କରିବାର, ଛରିବର୍ଷ ପରେ ଅଣୁ ଯୋଜନାର ପୁନଃସଂସ୍କରଣ ପାଇଁ ବ୍ୟବସ୍ଥା ଅଛି। ଅଣୁ ଯୋଜନା ଗୁଡିକୁ ପୁନର୍ବାର ୮ ବର୍ଷ ମଧ୍ୟରେ କିମ୍ବା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ଅବଧିର ଶେଷ ସମୟର ସମୀକ୍ଷା / ପୁନଃ ସଂସ୍କରଣ କରାଯିବ। ପୁନଶ୍ଚ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ବନସୁରକ୍ଷା ସମିତି ସ୍ତରରେ ୩-୪ ବର୍ଷ ମଧ୍ୟରେ କାର୍ଯ୍ୟରତ ଥିବା ବେଳେ ବନସୁରକ୍ଷା ସମିତି/ପରିବେଶ ଉନ୍ନୟନ ସମିତିର ସଭ୍ୟସଭ୍ୟା ମାନଙ୍କୁ ଯୋଜନା ସମ୍ବନ୍ଧରେ ଏବଂ ବିଭିନ୍ନ ତାଲିମ ବିଷୟରେ ହୃଦୟଙ୍ଗମ କରାଇବା ସୁନିଶ୍ଚିତ କରିବାପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପଡିବ। ଏହାଛଡା ଯୋଜନାକୁ ଆନୁଷ୍ଠାନିକ କରାଇବା ବିଭିନ୍ନ ସଂସ୍ଥା ସହିତ ସଂଲଗ୍ନ କରାଇବା ଏବଂ ଆର୍ଥିକ ଆଦାନ ପ୍ରଦାନ ବ୍ୟବସ୍ଥାକରିବାକୁ ପଡିବ, ଯାହାଦ୍ୱାରା ବନସୁରକ୍ଷା ସମିତି ମାନେ ଅଣୁ ଯୋଜନା ବ୍ୟବସ୍ଥାର କାର୍ଯ୍ୟକ୍ରମକୁ ପ୍ରକଳ୍ପ ଅବଧି ସମୟ ପରେ ମଧ୍ୟ ଚାଲୁ ରଖି ପାରିବେ।

- ଅଣୁ ଯୋଜନା ପୁନଃସଂସ୍କରଣ ଯୋଜନା ପ୍ରସ୍ତୁତ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଗୋଟିଏ ବ୍ୟବସ୍ଥା। ଅଣୁ ଯୋଜନାରେ ଥିବା ଭବିଷ୍ୟତ କାର୍ଯ୍ୟକ୍ରମ ଗୁଡିକରେ ସମ୍ଭାବନାକୁ ବିଶେଷଜ୍ଞ,ଗ୍ରାମସଚେତକ, ସହଯୋଗୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସଭ୍ୟସଭ୍ୟା, ବନ ବିଭାଗର କର୍ମକର୍ତ୍ତା ଇତ୍ୟାଦି ମାନଙ୍କର ଦ୍ୱରା ପୁନର୍ବାର ପରୀକ୍ଷା କରାଯାଏ। ଏହା ଅନୁମାନ କରାଯାଏ ଯେ ସଂଶୋଧନ ଅଭ୍ୟାସ କାର୍ଯ୍ୟକ୍ରମ ସମାପ୍ତ ହେଲାପରେ, ପୂର୍ବରୁ ଦିଆଯାଇଥିବା କେତେ ସଂଭାବ୍ୟ କାର୍ଯ୍ୟକ୍ରମ ମାନଙ୍କର ସ୍ଥାନରେ ନୂତନ ଆବଶ୍ୟକ କାର୍ଯ୍ୟକ୍ରମର ପରିଯୋଜନା କରିବା ଏବଂ କେତେକ କାର୍ଯ୍ୟକ୍ରମ ନିମିତ୍ତ ବଜେଟର ସଂଶୋଧନ ହେବ। ଅଣୁ ଯୋଜନାର ପୁନଃସଂସ୍କରଣ ପ୍ରକ୍ରିୟା କରିବା ସମୟରେ ନିମ୍ନଲିଖିତ ବିଷୟ ଉପରେ ଧ୍ୟାନ ଦେବାକୁ ପଡିବ।
- ସଂଶୋଧନର ବିଭିନ୍ନ କାରଣ ଓ ଆବଶ୍ୟକତା
- ଅଗ୍ରାଧିକାର ଭିତ୍ତିରେ ସଂଶୋଧନ କରାଯାଉଥିବା ପଦକ୍ଷେପ ମାନଙ୍କର ତାଲିକା
- ପୁନଃସଂସ୍କରଣ ପରେ ସମ୍ଭାବ୍ୟ କାର୍ଯ୍ୟକାରୀ ଯୋଜନାର ରୂପରେଖ
- ପରବର୍ତ୍ତୀ ବର୍ଷ ମାନଙ୍କ ପାଇଁ ସଂଶୋଧିତତ ବାର୍ଷିକ ଯୋଜନା


ଅଣୁ ଯୋଜନାର ପୁନଃସଂସ୍କରଣ ପ୍ରକ୍ରିୟା, ସହଯୋଗୀ ସ୍ୱେଚ୍ଛାସେବୀ ସଂଗଠନର ସଭ୍ୟବୃନ୍ଦ, ବନବିଭାଗର କର୍ମଚାରୀ ଏବଂ ପ୍ରକ୍ରିୟାରେ ଜଡିତ ଗ୍ରାମର କିଛି ଚୟନ କରାଯାଇଥିବା ବ୍ୟକ୍ତି ମାନଙ୍କ ସହାୟତାରେ ଗ୍ରାମବାସୀ ମାନଙ୍କ ସହିତ ଆଲୋଚନା ମାଧ୍ୟମରେ ଆରମ୍ଭ କରାଯାଇଥାଏ। ବନସୁରକ୍ଷା ସମିତିର ଅଣୁ ଯୋଜନା ପ୍ରସ୍ତୁତକାରୀ ଦଳ ଏବଂ ମହିଳା ଯୋଜନା ପ୍ରସ୍ତୁତକାରୀ ଦଳ ଏକା ସାଙ୍ଗରେ ବସି ଅଣୁ ଯୋଜନା ପୁନଃସଂସ୍କରଣ ବାବଦରେ ଆଲୋଚନା କରିବା ପରେ ସଂଶୋଧନ ହେବାର ଥିବା ପ୍ରସଙ୍ଗ ମାନଙ୍କୁ ଚିହ୍ନଟ କରିବେ ଏବଂ ଏକ ଅଗ୍ରାଧିକାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ। ସେମାନେ ସଂଶୋଧନ ଆବଶ୍ୟକତା କାହିଁକି ଅପରିହାର୍ଯ୍ୟ, ତାହାର କାରଣ ମାନ ଚିହ୍ନଟ କରିବେ ଏବଂ ତାପରେ ଅଣୁ ଯୋଜନା ସଂଶୋଧନ କାର୍ଯ୍ୟକ୍ରମ ଯୋଜନା ପାଇଁ ପ୍ରସ୍ତାବ ଦେବେ। ଏହି ଆବଶ୍ୟକୀୟ ନଥିପତ୍ର ଗୁଡିକ ବନସୁରକ୍ଷା ସମିତି/ ପରିବେଶ ଉନ୍ନୟନ ସମିତି ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଅଣୁ ଯୋଜନାର ଶେଷରେ ସ୍ଥାନ ପାଇବ। ଏହି ସଂଶୋଧିତ ଅଣୁ ଯୋଜନାଟି କାର୍ଯ୍ୟକାରୀ କମିଟିର ଅଣୁ ଯୋଜନା ପ୍ରସ୍ତୁତକାରୀ ଦଳଙ୍କ ଦ୍ୱାରା ପୁନର୍ବାର ବନ ସୁରକ୍ଷା ସମିତିର ଜେନେରାଲ ବଡିଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ଏହା ବନ ସୁରକ୍ଷା ସମିତି/ ପରିବେଶ ଉନ୍ନୟନ ସମିତିର ଅନୁମୋଦନ ପୂର୍ବରୁ କାର୍ଯ୍ୟକାରୀ କମିଟିର ସମ୍ମୁଖରେ ଉପସ୍ଥାପନ କରାଯିବ। ପରବର୍ତ୍ତୀ ଅନୁମୋଦନ ପ୍ରକ୍ରିୟା ଅଣୁ ଯୋଜନାର ଅନୁମୋଦନ ପ୍ରକ୍ରିୟା ପରି ସମାନ ଢଙ୍ଗରେ ହେବ।

# ନୋଟ୍

# ନୋଟ୍


## ନୋଟ୍













ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର
ଏସ୍.ଏଫ୍.ଟି.ଆର୍.ଆଇ. ପରିସର, ଘାଟିକିଆ, ଭୁବନେଶ୍ୱର-୭୫୧୦୦୯